# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 43 ♦ISSUE-106 ♦SUNDAY ♦12 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୬ ♦ରବିବାର ♦୧୨ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)







## ଆର୍‌ଜି କର ଡାକ୍ତରଖାନା ଘଟଣାର ପୁନରାବୃତ୍ତି

# ପଶ୍ଚିମବଙ୍ଗରେ ପୁଣି ଲଜ୍ଜା ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୧।୧୦ (ସମିସ):** ପଶ୍ଚିମବଙ୍ଗରେ ପୁଣି ଲଜ୍ଜା। ଆର୍‌ଜି କର ଡାକ୍ତରଖାନା ଛାତ୍ରୀ ଦୁଷ୍କର୍ମ ଘଟଣା ଭଳି ଆଉ ଏକ ଲୋମହର୍ଷକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୋଲକାତାଠାରୁ ପ୍ରାୟ ୧୭୦କି.ମି. ଦୂର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁରର ଶୋଭାପୁର ନିକଟରେ ଅବସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଶାର ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ଶୁକ୍ରବାର ରାତିରେ ଛାତ୍ରୀଜଣଙ୍କ ନିଜର କିଛି ସାଙ୍ଗଙ୍କ ସହ କଲେଜ କ୍ୟାମ୍ପସ ବାହାରକୁ ରାତ୍ରିଭୋଜନ ପାଇଁ ଯାଇଥିବା



**ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ; ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କୁ କଲେ ଅନୁରୋଧ**

**ପଶ୍ଚିମବଙ୍ଗ ଯିବ ଓଡ଼ିଶା ପୁଲିସର ସ୍ୱତନ୍ତ୍ର ମହିଳା ଟିମ୍**



ବେଳେ ତାଙ୍କ ସହ ଏହି ବର୍ବରୋଚିତ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ୩ ଜଣ ଅଭିଯୁକ୍ତ ଏହି ଛାତ୍ରୀଙ୍କୁ କଲେଜ ନିକଟ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ମେଡିକାଲ କଲେଜର କର୍ମଚାରୀ, ଛାତ୍ରୀଙ୍କ ସାଙ୍ଗ ଓ ଅନ୍ୟ କିଛି ବ୍ୟକ୍ତିଙ୍କୁ ପଚରାଉଚରା କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ▶ପୃଷ୍ଠା-୭

# ନବୀନ ନିବାସରେ ପିଏସି ବୈଠକ

**ଖୁବଶୀଘ୍ର ଘୋଷଣା ହେବେ ନୂଆପଡ଼ା ପ୍ରାର୍ଥୀ**


**ନବୀନଙ୍କ ଉପରେ ଆସ୍ଥା ଅତୁଟ, ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ଜିତିବା ନେଇ ପ୍ରମିଳାଙ୍କ ଦୃଢ଼ୋକ୍ତି**

■ **ଭୁବନେଶ୍ୱର, ୧୧।୧୦ (ସମିସ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ନୂଆପଡ଼ା ଉପନିର୍ବାଚନ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଦଳୀୟ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଆମ ପ୍ରାର୍ଥୀ ବହୁ ଭୋଟରେ ନୂଆପଡ଼ା ଉପ ନିର୍ବାଚନ ଜିତିବେ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

# ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'



■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ୨୦୨୫ ବର୍ଷ ଲାଗି ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯିବ। ସୁଶ୍ରୀ ପଣ୍ଡାଙ୍କୁ ପୁରସ୍କାର ବାବଦରେ ମାନପତ୍ର, ସ୍ମୃତି ଫଳକ ଓ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟର ଅନ୍ୟ ଦୁଇ ମହିଳା କ୍ରୀଡ଼ାବିତ୍ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ▶ପୃଷ୍ଠା-୭

# ଚୀନ୍‌କୁ ଟ୍ରମ୍ପ ପ୍ରହାର





## ଲଗାଇଲେ ଶହେ ପ୍ରତିଶତ ଶୁଳ୍କ

ୱାସିଂଟନ, ୧୧।୧୦ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ବଡ଼ ଶୁଳ୍କ ପ୍ରହାର କରିଛନ୍ତି। ସେ ବେଜିଂ ଉପରେ ଶହେ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ନୂଆ ଶୁଳ୍କ ନଭେମ୍ବର ୧ରୁ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଏଥିସହିତ ଟ୍ରମ୍ପ ପୁଣି ଆଉ ଏକ ଶୁଳ୍କ ଯୁଦ୍ଧକୁ ଆହ୍ୱାନ ଦେଉଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଅଧିକ ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ନୂଆକୁ ମିଶାଇ ବେଜିଂ ଉପରେ ମୋଟ ୧୩୦ ପ୍ରତିଶତ ଶୁଳ୍କ ଲଗାଗଲାଣି। ଏହା ଅନ୍ୟ ଦେଶ ଉପରେ ଲଗାଯାଇଥିବା ଶୁଳ୍କ ତୁଳନାରେ ସର୍ବାଧିକ।

### ରେୟାର ଆର୍ଥ ମ୍ୟାଟେରିଆଲରେ ରପ୍ତାନୀ କଟକଣା ଯୋଗୁଁ ଟ୍ରମ୍ପ କ୍ଷୁବ୍ଧ

### ଚୀନ୍ ବିଶ୍ୱକୁ ବନ୍ଦୀ ବନାଇବାକୁ ପ୍ରୟାସ କରୁଛି

କେବଳ ସେତିକି ନୁହେଁ, ଚୀନ୍ ଉପରେ ଡିଜିଟାଲ ପ୍ରହାର କରିବାକୁ ମଧ୍ୟ ଟ୍ରମ୍ପ ଚାହୁଁଛନ୍ତି। ସେ ନଭେମ୍ବର ୧ରୁ ସବୁ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେରର ରପ୍ତାନୀ ଉପରେ ନିୟନ୍ତ୍ରଣ କରିବାକୁ କହିଛନ୍ତି। ରେୟାର ଆର୍ଥ ମ୍ୟାଟେରିଆଲ ତଥା ବିରଳ ଖଣିଜ ପଦାର୍ଥ ଉପରେ ଚୀନ୍‌ର କଠୋର କଟକଣା ଲଗାଇବାରୁ ଟ୍ରମ୍ପ ଏହି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହାର ନକରାତ୍ମକ ପ୍ରଭାବ ଆମେରିକା ଉପରେ ପଡ଼ିଛି। ଶୁକ୍ରବାର ଆମେରିକା ସେୟାର ବଜାରରେ ଭୂକମ୍ପ ଆସିଛି। ଦିନକରେ ନିବେଶକମାନଙ୍କର ୧.୫ ଟ୍ରିଲିୟନ ଡଲାର କ୍ଷତି ହୋଇଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ଲଗାଇଥିବା ଶୁଳ୍କ ଭାରତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସୂଚନା ଅନୁଯାୟୀ, ଚୀନ୍ ଗତ ୯ ତାରିଖରେ 'ରେୟାର ଆର୍ଥ'ର ରପ୍ତାନୀକୁ ଅଧିକ କଡ଼ାକଡି କରିଦେଇଥିଲା। ଏହି ନୂଆ ନିୟମ ଅନୁସାରେ ଚୀନ୍‌ର ବିରଳ ଖଣିଜ ପଦାର୍ଥ କିମ୍ବା ଜ୍ଞାନକୌଶଳ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀଙ୍କୁ ଲାଇସେନ୍ସ ନେବାକୁ ପଡ଼ିବ। ମାତ୍ର ବିଦେଶୀ ସେନା ସହ ଜଡ଼ିତ କମ୍ପାନୀଙ୍କୁ ଏହି ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି ଚୀନ୍ ସ୍ପଷ୍ଟ କରିଦେଇଛି। ଏହାକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଚୀନ୍‌ର ଏହି ନିଷ୍ପତ୍ତି ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ର ପାଇଁ ସମସ୍ୟା ସୃଷ୍ଟି କରିବ। ଏଭଳି କଟକଣା ଲଗାଇ ଚୀନ୍ ଶତ୍ରୁତାପୂର୍ଣ୍ଣ ଆଚରଣ କରୁଛି। ଏହି ଦେଶ ବିଶ୍ୱକୁ ବନ୍ଦୀ କରି ରଖିବାକୁ ପ୍ରୟାସ କରୁଛି। ଯଦି ଚୀନ୍ ପୁଣି କୌଣସି ପଦକ୍ଷେପ ନିଏ ତେବେ ତାହା ଉପରେ ଖୁବଶୀଘ୍ର ଶୁଳ୍କ ଲଗାଇ ଦିଆଯିବ। ସୂଚନା ଅନୁଯାୟୀ ଚୀନ୍ ପାଖରେ ୧୭ଟି ବିରଳ ଖଣିଜ ପଦାର୍ଥ ରହିଛି। ସେ ଏହାକୁ ଅନ୍ୟ ଦେଶକୁ ରପ୍ତାନୀ କରୁଛି। ଇଲେକ୍ଟ୍ରୋନିକ ସାମଗ୍ରୀ, ଇଭି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ହେଉଛି। ଚୀନ୍ ପୂର୍ବରୁ ୭ ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ନିୟନ୍ତ୍ରଣ ରଖିଥିଲା। କିନ୍ତୁ ଗତ ୯ ତାରିଖରେ ଏଥିରେ ଆଉ ୫ଟିକୁ ସାମିଲ କରିଥିଲା।

## ରୋହତକ ଏସ୍‌ପିଙ୍କୁ ପଦରୁ ହଟାଗଲା

ରୋହତକ, ୧୧।୧୦(ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲାରେ ଏକ ବଡ଼ ଧରଣର ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ଏହି ମାମଲା ସହିତ ଜଡ଼ିତ ଥିବା ଅଭିଯୋଗରେ ବରିଷ୍ଠ ପୁଲିସ ଅଧିକାରୀ ତଥା ରୋହତକ ଏସ୍‌ପି ନରେନ୍ଦ୍ର ବିଜାରନିଆଙ୍କୁ ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଆଇପିଏସ୍ ଅଧିକାରୀ ସୁରିନ୍ଦର ସିଂ ଭୋରିଆଙ୍କୁ ନୂଆ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି ଓ ବିଜାରନିଆଙ୍କ ନିଯୁକ୍ତି ନେଇ ପୃଥକ ନିର୍ଦ୍ଦେଶ ଜାରି କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପୁରନ କୁମାର ଗତ ମଙ୍ଗଳବାର ଚଣ୍ଡିଗଡ଼ସ୍ଥିତ ନିଜ ସରକାରୀ ବାସଭବନରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ତାଙ୍କର ଏକ ୯ ପୃଷ୍ଠାର ସୁଇସାଇଡ୍ ନୋଟ୍ ପୁଲିସ ଜବତ କରିଥିଲା। ଏଥିରେ ପୁରନ କୁମାର ୧୨ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଦେବା ଓ ଭେଦଭାବ କରିଥିବାର ଅଭିଯୋଗ କରିଥିଲେ। ଅନୁଚିତ ନୋଟିସ ଜାରି କରି ସମସ୍ୟାରେ ପକାଇବା ଓ ପୋଷ୍ଟିଂରେ ଭେଦଭାବ କରିବା ନେଇ ସେ ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ। ତାଙ୍କ ଆଇଏଏସ୍ ପତ୍ନୀ ଅମନୀତ ପୁରନ କୁମାରଙ୍କ ଅଭିଯୋଗ କ୍ରମେ ୧୩ ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାମାଲା ରୁଜୁ କରାଯାଇଛି। ଏହି ଘଟଣା ନେଇ ମଧ୍ୟ ରାଜନୀତି ଆରମ୍ଭ ହୋଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, କଂଗ୍ରେସ ସାଂସଦ ରଣଦୀପ ସୁର୍ଯ୍ୟୱାଲା ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଶାସନିକ ଉତ୍ପୀଡନର ଗମ୍ଭୀର ପରିଣାମ ବୋଲି ଅଭିହିତ କରିଥିଲେ।

## ଚନ୍ଦ୍ରଶେଖରଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଭୀମ ଆର୍ମି ମୁଖ୍ୟ ତଥା ଉତ୍ତରପ୍ରଦେଶର ନାଗିନା ଲୋକସଭା ସାଂସଦ ଚନ୍ଦ୍ରଶେଖର ଆଜାଦ ରାବଣଙ୍କ ବିରୋଧରେ ତାଙ୍କ ବାନ୍ଧବୀ ରୋହିଣୀ ଘାବରୀ ଯୌନ ଶୋଷଣ ଓ ବ୍ଲାକମେଲ କରିବାର ଅଭିଯୋଗ ଆଣିଛନ୍ତି। ୪ ବର୍ଷ ହେବ ଆମେ ସମ୍ପର୍କରେ ଥିଲୁ ଓ ସମସ୍ତେ ଏ ବିଷୟରେ ଅବଗତ ଥିଲେ। କିନ୍ତୁ ସେ ସାଂସଦ ଭାବେ ନିର୍ବାଚିତ ହେବା ପରେ ସମ୍ପର୍କ ଶେଷ କରିବାକୁ କହୁଛନ୍ତି ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ସେ ମୋର ସବୁକିଛି ନଷ୍ଟ କରିଛନ୍ତି। ମୋର ଛବି ଓ ସଂଘର୍ଷ ସବୁ କିଛି ମାଟିରେ ମିଶିଛି ବୋଲି ରୋହିଣୀ କହିଛନ୍ତି। ରୋହିଣୀ ଜଣେ ପିଏଚ୍‌ଡି ସ୍କଲାର। ଏବେ ଏହିସବୁ ଅଭିଯୋଗ ନେଇ ରୋହିଣୀ ତାଙ୍କ ସହ ଆଇନଗତ ଲଢ଼େଇ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରି ନଥିବାରୁ ସେ ଚିନ୍ତିତ ଅଛନ୍ତି। ଚନ୍ଦ୍ରଶେଖର ନିଜର ବିବାହ କଥା ଲୁଚାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେ ଓକିଲଙ୍କ ପରାମର୍ଶ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ରେକର୍ଡ କରିଛନ୍ତି ବୋଲି ରୋହିଣୀ କହିଛନ୍ତି। ରୋହିଣୀଙ୍କ ଘର ମଧ୍ୟପ୍ରଦେଶର ଇନ୍ଦୋରରେ। ସେ ସ୍ୱିଜରଲାଣ୍ଡର ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ପିଏଚ୍‌ଡି କରିବା ପାଇଁ ତାଙ୍କୁ ୧ କୋଟି ଟଙ୍କାର ସ୍କଲାର୍ସିପ ମିଳିଛି। ସେ ୫ ବର୍ଷ ହେବ ସ୍ୱିଜରଲାଣ୍ଡରେ ଚାକିରି କରୁଛନ୍ତି ଓ ଏନ୍‌ଜିଓ ଚଳାଉଛନ୍ତି। ସେ ୨୦୨୪ ମାର୍ଚ୍ଚ ୨୨ରେ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରି ଚର୍ଚ୍ଚାକୁ ଆସିଥିଲେ। ଚନ୍ଦ୍ରଶେଖର ୨୦୨୪ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ମସଜିଦ୍‌ରେ ମୌଲାନାଙ୍କ ପତ୍ନୀ, ଦୁଇ ଝିଅଙ୍କୁ ହତ୍ୟା

ଲକ୍ଷ୍ନୌ, ୧୧।୧୦(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତରେ ଜଣେ ମୌଲାନାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ନିର୍ମମଭାବେ ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ୩ ଜଣଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମସଜିଦ୍‌ର ଉପରେଥିବା ପ୍ରକୋଷ୍ଠରୁ ମିଳିଛି। ମୌଲାନା ଇବ୍ରାହିମ୍ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କୁ ସ୍ୱାଗତ କରିବାକୁ ସାହାରନପୁର ଯାଇଥିବା ବେଳେ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ବାଗପତର ଦୋଘଘଟ ଥାନା ଅଞ୍ଚଳର ଗାଙ୍ଗନୋଲି ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତଦେହଗୁଡିକ ମିଳିବା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ୍ୟୁବରଣ କରିଥିବା ମୌଲାନଙ୍କ ପତ୍ନୀ ହେଲେ ଇସରାନା (୩୦), ଝିଅ ସୋଫିଆ (୫) ଓ ଅମଖ୍ୟା (୨)। ହତ୍ୟାର କାରଣ ଜାଣିବା ପାଇଁ ପୁଲିସ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ପୁଲିସ କହିଛି। ମୌଲାନା ଜଣକ ମସଜିଦ୍‌ରେ ନମାଜ ପଢ଼ାଇବାର କାର୍ଯ୍ୟ କରିଥାନ୍ତି। ନମାଜ ପଢ଼ିବାକୁ ଆସିଥିବା ଲୋକେ କୋଠରୀ ବାହାରେ ରକ୍ତ ବହୁଥିବାର ଦେଖିଥିଲେ। ପୁଲିସ ଏବେ ଲୋକଙ୍କୁ ପଚାରଉଚରା କରୁଛି। ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ୩ ଜଣଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଚୋଟ ମରାଯାଇଛି। ମୌଲାନାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଏହି ହତ୍ୟାକାଣ୍ଡ ଘଟାଯାଇଛି। ଅପ୍ରୀତିକର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରେ ରଖି ମସଜିଦ ନିକଟରେ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି।

## ଦିଲ୍ଲୀରେ ବିହାର ନିର୍ବାଚନ ତାତି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଲଟି ଯାଇଛି। ଏବେ ରାଜ୍ୟର ଅନେକ ନେତା ଦିଲ୍ଲୀରେ ଏକାଠି ହୋଇଛନ୍ତି। ବିହାର ରାଜନୀତି ଦିଲ୍ଲୀକୁ ସ୍ଥାନାନ୍ତର ହୋଇଯାଇଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀରେ ବୈଠକର ଧାରା ଜାରି ରହିଛି। ଦଳସ୍ତରରେ ବୈଠକ ଜାରି ରହିଥିବା ବେଳେ ଉଭୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନକୁ ନେଇ ଅଙ୍କକଷା ଜାରି ରହିଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ ଆସନ ବୁଝାମଣାର ସୂତ୍ର ବାହାରି ପାରି ନାହିଁ। ଏଥିଯୋଗୁ ସମସ୍ତଙ୍କ ଦୃଷ୍ଟି ନୂଆଦିଲ୍ଲୀ ଉପରେ ରହିଛି।

ବିହାର କୁରୁକ୍ଷେତ୍ରର ସବୁ ମହାରଥୀ ଏବେ ଦିଲ୍ଲୀରେ ଡେରା ଜମାଇଛନ୍ତି। ଏଠାରେ ବିଜେପି-ଏଲଜେପି ବୈଠକ ହେଉଛି। ଚିରାଗ ପାଶ୍ୱାନ, ଜିତନ ରାମ ମାନ୍‌ଝୀ ଏବଂ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ଅଛନ୍ତି। ବିଜେପି ହେଉ କି କଂଗ୍ରେସ ପ୍ରାୟ ସବୁ ରାଜନୈତିକ ଦଳର ନେତା ଦିଲ୍ଲୀରେ ରହି ନିଜ ଦଳ ପାଇଁ ଅଧିକରୁ ଅଧିକ ଆସନ ଦାବି କରୁଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଘରେ ମାନଝୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟରେ ବୈଠକ ହୋଇଛି। ମାନଝୀ ୧୦ ଆସନ ମାଗୁଥିବା ବେଳେ ବିଜେପି ୭ଟି ଦେବାକୁ ଚାହୁଁଛି। ତେବେ ବିଜେପି ତୁଳନାରେ ଜେଡିୟୁ ଅଧିକ ଗୋଟିଏ ଆସନରେ ଲଢ଼ିବ ବୋଲି କୁହାଯାଉଛି। ଆସନ ବୁଝାମଣା ନେଇ ରବିବାର ଏନ୍‌ଡିଏ ପକ୍ଷରୁ ଘୋଷଣା କରାଯାଇପାରେ।

ଅନ୍ୟପଟେ ପାଟନାରେ 'ଇଣ୍ଡିଆ' ମେଣ୍ଟର ଆସନ ସୂତ୍ର ବାହାରି ପାରିନି। ତେଣୁ ଆରଜେଡି ମୁଖ୍ୟ ଲାଲୁ ଏବଂ ତେଜସ୍ୱୀ ଯାଦବ ଦିଲ୍ଲୀ ଯାଉଛନ୍ତି। ସେ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକ କରିବେ। ଏହାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ଏ ପର୍ଯ୍ୟନ୍ତ କିଏ କେତେ ଆସନରେ ଲଢ଼ିବ ତାହା ସ୍ପଷ୍ଟ ହୋଇନାହିଁ। ଏହା ମଧ୍ୟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ ବିହାର ପାଇଁ ବଡ଼ ଘୋଷଣା କରିଛି। ସେ ତୃତୀୟ ସାମ୍ମୁଖ୍ୟ ଗଠନ କରିବାକୁ ପ୍ରୟାସ କରୁଛନ୍ତି। ମେଣ୍ଟ ନ ହେଲେ ଦଳ ଶହେ ଆସନରେ ଲଢିବ ବୋଲି ଓୱେସି ଘୋଷଣା କରିଛନ୍ତି। ରାଜ୍ୟରେ ନଭେମ୍ବର ୬ ଓ ୧୧ ତାରିଖରେ ନିର୍ବାଚନ ହେବ।

## ଅଫିସରେ ହାଜରହେଲେ ୫ 'ମୃତ' ଭୋଟର

ପାଟଣା, ୧୧।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଆଉ ମାସେରୁ କମ୍ ସମୟ ବାକି ଥିବା ବେଳେ ଧୋରାଇଆ ବ୍ଲକସ୍ଥିତ ବସ୍ତାର ଗାଁର ୫ ଜଣ ବାସିନ୍ଦା ଭୋଟର ତାଲିକାରେ ନିଜକୁ ମୃତ ବୋଲି ଜାଣିବାକୁ ପାଇଛନ୍ତି। ଗାଁର ୨୧୬ ନଂ ବୁଥର ଏହି ୫ ଜଣ ବାସିନ୍ଦା ବିଡିଓ ଅରବିନ୍ଦ କୁମାରଙ୍କୁ ଦେଖା କରି ଏ ନେଇ ଅବଗତ କରାଇଥିଲେ। 'ସାର ଆମେ ବଞ୍ଚିଛୁ' ବୋଲି ସେମାନେ ବିଡିଓଙ୍କୁ କହିଥିଲେ। ସାମାଜିକ କର୍ମୀ ଇନ୍ଦ୍ରଦେବ ମଣ୍ଡଳଙ୍କ ନେତୃତ୍ୱରେ ଏହି ୫ ଗ୍ରାମାବସୀ ଭୋଟ ଦେବାରୁ ବଞ୍ଚିତ ହେବ ବୋଲି ଆଶଙ୍କା ପ୍ରକାଶ କରିଥିଲେ। କିନ୍ତୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପୁଣିଥରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ ସେ ବ୍ଲକର ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଭୋଟ ଦେବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଡିଓ କଥା ଦେଇଛନ୍ତି। ଉଲ୍ଲେଖଥାଉ କି ଚମ୍ପାରନର ବାଗାହୀ ପଞ୍ଚାୟତର ଦୁର୍ମି ଗାଁରେ ୧୫ ଜଣଙ୍କୁ ମୃତ ବୋଲି ଭୋଟର ତାଲିକାରେ ଦର୍ଶା ଯାଇଥିଲା। ସେହିପରି ୨୦୧୬ ପୂର୍ବରୁ ମୃତ୍ୟୁବରଣ କରିଥିବା କେତେଜଣ ଲୋକଙ୍କୁ ଜୀବିତ ଦର୍ଶାଯାଇ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ବିଭିନ୍ନ ଅଭିଯୋଗ ପରେ ଅଧିକାରୀ ମାନେ ତ୍ରୁଟି ସଂଶୋଧୋନ କରିବାକୁ ପ୍ରୟାଶ କରିଛନ୍ତି। ଏଥର ବିହାର ବିଧାନସଭାର ୨୪୩ଟି ସିଟ୍ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି।

## ତାଲିବାନ ମନ୍ତ୍ରୀଙ୍କ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ମିଳିଲାନି ଅନୁମତି; ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଏଠାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସେ ମହିଳା ସାମ୍ବାଦିକଙ୍କ ପ୍ରବେଶକୁ ମନା କରିଥିଲେ ଓ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ ପଚାରିଛନ୍ତି।

**ଆମର କୌଣସି ଭୂମିକା ନାହିଁ; କେନ୍ଦ୍ର**

ଏହାଦ୍ୱାରା ମହିଳାଙ୍କ ଅପମାନ ହୋଇଛି ଓ ପ୍ରଧାନମନ୍ତ୍ରୀ ଏହା କିଭଳି ହେବାକୁ ଦେଲେ? ମହିଳା ହେଉଛନ୍ତି ଏହି ଦେଶର ମେରୁଦଣ୍ଡ। ଭାରତରେ ସକ୍ଷମ ମହିଳାଙ୍କ ଅପମାନ ହେବାକୁ କିଭଳି ଦିଆଗଲା ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଏହାର ଜବାବ ରଖିଛି ଭାରତ ବୈଦେଶିକ ମନ୍ତ୍ରଣାଳୟ। ଆଫଗାନ୍ ବିଦେଶ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆମର କୌଣସି ଭୂମିକା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀ ଆଫଗାନ ଦୂତାବାସରେ ଆୟୋଜିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଏହି ସାମ୍ବାଦିକ ସମ୍ମିଳନୀ ଡାକି ନଥିଲା ବୋଲି ସ୍ପଷ୍ଟ କରାଯାଇଛି। ଯେତେବେଳେ ଆଫଗାନ୍ ମନ୍ତ୍ରୀ ଦିଲ୍ଲୀରେ ପହଞ୍ଚିଥିଲେ, ସେତେବେଳେ ମୁମ୍ବାଇ ସ୍ଥିତ ଆଫଗାନସ୍ତାନର କାଉନସିଲ ଜେନେରାଲ ଶୁକ୍ରବାର ହାତଗଣିତ କେତେଜଣ ବରିଷ୍ଠ ସମ୍ବାଦିକଙ୍କୁ ନିମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତର କ୍ଷେତ୍ରରେ ଆସୁନାହିଁ। ତେଣୁ ଏହି ବିବାଦରେ ଭାରତର କୌଣସି ଭୂମିକା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମୁତ୍ତାକି କେବଳ ପୁରୁଷ ସାମ୍ବାଦିକଙ୍କ ସହ କଥା ହୋଇଥିଲେ। ମହିଳା ସାମ୍ବାଦିକଙ୍କ ବାରଣ ନେଇ କେବଳ ପ୍ରିୟଙ୍କା ଗାନ୍ଧୀ ନୁହଁ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପି ଚିଦାମ୍ବରମ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ସହ ପ୍ରଶ୍ନ ପଚାରିଛନ୍ତି। । ମୁତ୍ତାକି ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ।

## ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ: ସିଜେଆଇ



ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ଆଜିର ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ ବୋଲି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ କହିଛନ୍ତି। ଟେକ୍ନୋଲୋଜି ଏବେ ସଶକ୍ତୀକରଣ କରିବା ବଦଳରେ ଶୋଷଣର ମାଧ୍ୟମରେ ପରିଣତ ହୋଇଛି। ଜୁଭେନାଇଲ ଜଷ୍ଟିସ୍ କମିଟି ଓ ୟୁନିସେଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ 'ସେଫଗାର୍ଡିଂ ଦି ଗର୍ଲ ଚାଇଲ୍ଡ'ରେ ଯୋଗ ଦେଇ ଗବାଇ ଏହି କଥା କହିଛନ୍ତି। ଯୁବତୀମାନେ ଏବେ ଅନ୍‌ଲାଇନ୍ ହାରାସମେଣ୍ଟ, ସାଇବର ବୁଲିଂ, ଡିଜିଟାଲ ଷ୍ଟକିଂ, ବ୍ୟକ୍ତିଗତ ଡାଟାର ଦୂରୁପଯୋଗ ଓ ଡିପ୍‌ଫେକ୍ ଫଟୋ କାରଣରୁ ଆହୁରି ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହି ବିପଦ ତଥା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପୁଲିସ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯୁବତୀଙ୍କ ସୁରକ୍ଷା ଅର୍ଥ କେବଳ ଶରୀରର ନୁହଁ ତାଙ୍କର ଆତ୍ମାର ସ୍ୱାଧୀନତାକୁ ବୁଝାଇଥାଏ ବୋଲି ସେ କହିଛନ୍ତି। ଯେପର୍ଯ୍ୟନ୍ତ କୌଣସି ଝିଅ ଭୟଭିତ ହୋଇ ବଞ୍ଚୁଛନ୍ତି, ସେପର୍ଯ୍ୟନ୍ତ ଭାରତ ସ୍ୱତନ୍ତ୍ରତାର ସ୍ୱର୍ଗରେ ପହଞ୍ଚିପାରିବ ନାହିଁ ବୋଲି ସେ କହିଛନ୍ତି।

# ପାକ୍‌ରେ ବିସ୍ଫୋରକ ସ୍ଥିତି

## ଗୋଟିଏ ଦିନରେ ୨୩ ମୃତ; ୬୦ରୁ ଅଧିକ ଆହତ

ଲାହୋର, ୧୧।୧୦(ଏଜେନ୍ସି): ଗାଜା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାକୁ ବିରୋଧ କରି ପାକିସ୍ତାନରେ ଉତ୍ତେଜନା ବୃଦ୍ଧି ପାଇଛି। କଠୋରପନ୍ଥୀ ତେହେରିକ-ଇ- ଲବାଇକ୍ ପାକିସ୍ତାନ (ଟିଏଲ୍‌ପି) ଏହି ଶାନ୍ତି ଯୋଜନାକୁ ବିରୋଧ କରି ଲାହୋରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଟିଏଲ୍‌ପିର ଲକ୍ଷାଧିକ ସମର୍ଥକ ଆମେରିକା ଦୂତାବାସ ନିକଟକୁ ଶୋଭାଯାତ୍ରା ନେବାକୁ ପ୍ରୟାସ କରିଥିଲେ। ପୁଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ପୁଲିସ ଗୁଳିରେ ଟିଏଲ୍‌ପିର ୧୧ ଜଣ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ୬୦ ଜଣ ଆହତ ହୋଇଛନ୍ତି। ଟିଏଲ୍‌ପି ଶନିବାର ବିକ୍ଷୋଭ ଶୋଭାଯାତ୍ରା ବାହର କରିବାର କାର୍ଯ୍ୟକ୍ରମ ଥିଲା। ଏହାକୁ ରୋକିବା ପାଇଁ ସରକାର ରାଜଧାନୀକୁ ଯାଉଥିବା ସବୁ ସଡ଼କକୁ ବ୍ଲକ କରିଥିଲେ। ଏଥିସହ ଇସ୍‌ଲାମାବାଦ ଓ ରାୱଲପିଣ୍ଡିରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଟିଏଲ୍‌ପି ନେତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଉଥିବା ବେଳେ ହିଂସା ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୧୭ରେ ଟିଏଲ୍‌ପି କଟରପନ୍ଥୀ ସଂଗଠନର ସ୍ଥାପନ ହୋଇଥିଲା।

### ଗାଜା ଶାନ୍ତି ଯୋଜନା ବିରୋଧରେ ହିଂସା, ପୁଲିସ ଗୁଳିରେ ୧୧ ନିହତ




### ଆତଙ୍କବାଦୀ-ପୁଲିସ ସଂଘର୍ଷ, ୧୨ ମୃତ

ଇସ୍‌ଲାମାବାଦ୍, ୧୧।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସ୍‌ମାଇଲ ଖାନ୍‌ରେ ଶୁକ୍ରବାର ରାତିରେ ଏକ ପୁଲିସ ଟ୍ରେନିଂ ସେଣ୍ଟର ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୭ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ଏହାପରେ ସୁରକ୍ଷାକର୍ମୀଙ୍କ କର୍ଯ୍ୟାନୁଷ୍ଠାନରେ ୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି। ଆତଙ୍କବାଦୀମାନେ ପୂରା ପସ୍ତୁତିର ସହ ଟ୍ରେନିଂ ସେଣ୍ଟର ଉପରେ ଆକ୍ରମଣ କରିଥିଲେ। କିନ୍ତୁ ଏହାପରେ ପୁଲିସ ତଥା ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଫଳରେ ଆତଙ୍କବାଦୀମାନେ ପଛଘୁଞ୍ଚା ଦେଇଥିଲେ।

ରାତିରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଡିଏସ୍‌ପି ହାଫିଜ ମହମ୍ମଦ ଆଦନାନ କହିଛନ୍ତି। ଆହତ ୧୩ ଜଣ ପୁଲିସ କର୍ମଚାରୀଙ୍କର ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରେନିଂ ସେଣ୍ଟରରୁ ୨୦୦ରୁ ଉର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗତକିଛି ମାସ ହେବ ପାକିସ୍ତାନରେ ହିଂସା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ରେ ତୃତୀୟ କ୍ୱାର୍ଟରରେ ପାକିସ୍ତାନରେ ୪୬ ପ୍ରତିଶତ ହିଂସା ବୃଦ୍ଧି ପାଇଛି। ପାକିସ୍ତାନରେ ୩୨୯ଟି ହିଂସା ଘଟଣାରେ ୯୦୧ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୯୯ ଲୋକ ଆହତ ହୋଇଛନ୍ତି। ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ୯୬ ପ୍ରତିଶତରୁ ଅଧିକ ହିଂସା ଦେଖିବାକୁ ମିଳିଛି ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ ସିକ୍ୟୁରିଟି ଷ୍ଟଡିଜ୍ (ସିଆରଏସ୍‌ଏସ୍)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## କ୍ଷମତା ପାଇଁ ପାୱାର ଷ୍ଟାରଙ୍କ ଘରେ କଳି




ପାଟନା, ୧୧।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପାୱାର ପଲିଟିକ୍ସ ପାଇଁ ପାୱାର ଷ୍ଟାରଙ୍କ ପରିବାରରେ ବିବାଦ ଲାଗିଛି। ଅଭିନେତା ତଥା କଣ୍ଠଶିଳ୍ପୀ ପବନ ସିଂହ ଏବଂ ତାଙ୍କ ସ୍ତ୍ରୀ ଜ୍ୟୋତି କ୍ୟାମେରା ସାମ୍ନାରେ ମୁହାଁମୁହିଁ ହୋଇଛନ୍ତି। ଦମ୍ପତି ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ନିର୍ବାଚନ ପାଇଁ ଏଭଳି ହେଉଛି। ଜ୍ୟୋତି ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାମୀ ପବନ କୌଣସି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜ୍ୟ ପ୍ରଭାରୀ ବିନୋଦ ତାୱଡେଙ୍କ ନେତୃତ୍ୱରେ ସେ ଗତ ୩୦ ତାରିଖରେ ପୁଣିଥରେ ବିଜେପିକୁ ଫେରିଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବିଜେପି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପବନ ସିଂହ ୨୦୨୪ ଲୋକସଭା ନିର୍ବାଚନରେ ଦଳ ବିରୋଧରେ ଯାଇ କାରାକୋଟରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବିଜେପି ତାଙ୍କୁ ବାହାର କରିଦେଇଥିଲା। ପବନଙ୍କ ପାଇଁ ଶାହାବାଦର ୨୨ ବିଧାନସଭା କ୍ଷେତ୍ରରେ ବିଜେପିକୁ ଲାଭ ମିଳିବ ବୋଲି କୁହାଯାଉଛି।

ଅନ୍ୟପଟେ ପବନଙ୍କ ପତ୍ନୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଶନିବାର ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ଭେଟିଥିଲେ। ଗତ ୫ ତାରିଖରେ ଏହି ସ୍ୱାମୀସ୍ତ୍ରୀ କଳି ଉଗ୍ର ରୂପ ଧାରଣ କରିଥିଲା। ପବନଙ୍କ ଲକ୍ଷ୍ନୌ ସ୍ଥିତ ଫ୍ଲାଟରେ ଉଭୟେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ପରେ ଜ୍ୟୋତି କହିଥିଲେ ଯେ ପବନ ତାଙ୍କ ବିରୋଧରେ ଏତଲା ଦେଇଥିବାରୁ ପୁଲିସ ତାଙ୍କୁ ଗିରଫ କରିବାକୁ ଆସିଛି। ସେ ଏଥିପାଇଁ ଲୋକଙ୍କୁ ସହାୟତା ମାଗିଥିଲେ। ଯେଉଁ ପାୱାର ନିଜ ପତ୍ନୀ ସହ ଅନ୍ୟାୟ କରୁଛି, ସେ ସମାଜକୁ କେମିତି ନ୍ୟାୟ ଦେବ ବୋଲି ଜ୍ୟୋତି ପ୍ରଶ୍ନ ଉଠାଇ ଥିଲେ। ଏହାର ଉତ୍ତରରେ ପବନ କହିଥିଲେ ଯେ ପତ୍ନୀ ନିର୍ବାଚନରେ ଲଢିବା ପାଇଁ ଏପରି ନାଟକ କରୁଛନ୍ତି। ମିଥ୍ୟା ଅଭିଯୋଗ ଲଗାଇ ବଦନାମ କରୁଛନ୍ତି। ନିର୍ବାଚନର ମାସେ ପୂର୍ବରୁ ଏପରି ଆପଣାପଣ କାହିଁକି ସାମ୍ନାକୁ ଆସିଲା? ବିଧାୟିକା ହେବାକୁ ଆଉ କେତେ ତଳକୁ ଖସି ।ାବେ ବୋଲି ପଚାରି ଥିଲେ। ଜ୍ୟୋତି ଏହାର ଉତ୍ତରରେ ପତ୍ନୀ ମାନ୍ୟତା ଦେଲେ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ। ତେବେ ଏହି ସ୍ୱାମୀସ୍ତ୍ରୀ କଳି ବିହାରରେ କାହା ପାଇଁ ପରିବର୍ତ୍ତନ ଆଣୁଛି ତାହା ଦେଖିବା ବାକି ରହିଲା।

# ବିଜେପିରେ ଯୋଗଦେଲେ ଜୟ ଢୋଲକିଆ

ଭୁବନେଶ୍ୱର୧୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଶନିବାର ଏକ ବଡ଼ ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ନୂଆପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଧିବଦ୍ଧ ଭାବରେ ବିଜେପିରେ ଯୋଗ ଦେଇଛନ୍ତି। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ଜୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳୀୟ ମନ୍ତ୍ରୀ, ବିଧାୟକ ତଥା ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି। ଏହାପରେ ବିଜେପି ତାଙ୍କୁ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଅପରପକ୍ଷେ ବିଜେପିରେ ଜୟଙ୍କ ଯୋଗଦାନ ପରେ ନୂଆପଡ଼ାରୁ ଆରମ୍ଭ କରି ଭୁବନେଶ୍ୱର ଯାଏଁ ଏହାର କମ୍ପନ ଦେଖିବାକୁ ମିଳିଛି। ବିଜେଡି ଓ କଂଗ୍ରେସ ବିଜେପିରେ ଜୟଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଥିବା ବେଳେ ନୂଆପଡ଼ା ବିଜେପିରେ ଜୟଙ୍କ ଯୋଗଦାନକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ଅପରପକ୍ଷେ ଜୟଙ୍କ ଯୋଗଦାନକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ମିଶ୍ରଣ ଫଳରେ ବିଜେପି ନୂଆପଡ଼ା ସହ ସମଗ୍ର ରାଜ୍ୟରେ ଶକ୍ତିଶାଳୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆ ପ୍ରମୁଖ ଭୂମିକା ଗ୍ରହଣ କରିବେ ଏବଂ ନୂଆପଡାର ବିକାଶ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ସେହିପରି ନିଜ ପ୍ରତିକ୍ରିୟାରେ ଜୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ଏବଂ ନୀତି ଆଦର୍ଶରେ ପ୍ରଭାବିତ ହୋଇ ସେ ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ାର ସାମୂହିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସ୍ୱର୍ଗୀୟ ବାପାଙ୍କ ସ୍ୱପ୍ନ ପୂରଣ କ୍ଷେତ୍ରରେ ମୋର ଯୋଗଦାନ ନିଶ୍ଚୟ ରହିବ ବୋଲି ସେ କହିଛନ୍ତି।

## ନୂଆପଡ଼ା ବିଜେପିରେ ବିଦ୍ରୋହ

**ନୂଆପଡା,୧୧।୧୦(ସମିସ):** ଜୟ ଢୋଲକିଆଙ୍କ ଯୋଗଦାନ ପରେ ନୂଆପଡ଼ା ବିଜେପିରେ ଏକ ବଡ଼ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ଦଳରେ ଜୟଙ୍କ ଯୋଗଦାନକୁ ଗ୍ରହଣ କରିପାରି ନାହାନ୍ତି ସାଧାରଣ କର୍ମକର୍ତ୍ତା। ନୂଆପଡ଼ାରେ ଶହ ଶହ କର୍ମୀ ରାଜ୍ୟ ନେତୃତ୍ୱଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି। ଜୟଙ୍କୁ ଟିକଟ

**■ ଦଳ ଛାଡ଼ିବାକୁ ଶତାଧିକ କର୍ମୀଙ୍କ ସଜବାଜ**
**■ ବସନ୍ତ ପଣ୍ଡା ନେଇପାରନ୍ତି ବଡ଼ ନିଷ୍ପତ୍ତି!**

ଦିଆଗଲେ ବିଜେପିର ଟିକଟ ଆଶାୟୀଙ୍କ ସମର୍ଥକମାନେ ଇସ୍ତଫା ଦେବେ ବୋଲି ୮ ଜଣ ମଣ୍ଡଳ ସଭାପତି ଆଜି ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କମଲେଶ ଦୀକ୍ଷିତଙ୍କୁ ଜଣାଇଛନ୍ତି।

ଜିଲ୍ଲା ବିଜେପି ସାଧାରଣ ସଂପାଦକ ତୁଳସ ପଟେଲ ଗଣମାଧ୍ୟମକୁ କହିଛନ୍ତି, ବିଜେପି ଦୀର୍ଘ ଦିନ ଧରି ଢୋଲକିଆ ପରିବାର ବିରୋଧରେ ନିର୍ବାଚନ ଲଢ଼ି ଆସୁଥିଲା। ଏବେ ସେହି ପରିବାରରୁ ଜୟ ଢୋଲକିଆ ଆକସ୍ମିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ସେ ଦଳରେ ଯୋଗ ଦେବା ସ୍ୱାଗତଯୋଗ୍ୟ; ହେଲେ ତାଙ୍କୁ ଯଦି ଦଳ ବିଧାୟକ ପ୍ରାର୍ଥୀ ହେବାକୁ ଟିକଟ ଦିଏ, ତେବେ ଆମେ ଦଳରୁ ଇସ୍ତଫା ଦେବୁ ବୋଲି ବିଜେପିର ବରିଷ୍ଠ କର୍ମକର୍ତ୍ତାମାନେ ଲିଖିତ ଭାବେ ଦଳର ଜିଲ୍ଲା ସଭାପତିଙ୍କୁ ଜଣାଇଛନ୍ତି। ଦଳର କର୍ମୀମାନଙ୍କ ଇଚ୍ଛା ବିରୋଧରେ ନିଷ୍ପତ୍ତି ନିଆଗଲେ ୩ ଶହରୁ ଊର୍ଦ୍ଧ୍ୱ ବୁଥ୍ ଲେଭେଲ୍ କର୍ମକର୍ତ୍ତା ଦଳ ଛାଡ଼ିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ଦୀକ୍ଷିତ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ବିଜେପିର ଟାଣୁଆ ନେତା ପୂର୍ବତନ ସାଂସଦ ତଥା ପୂର୍ବ ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ଆଜି ଜୟଙ୍କ ବିଜେପିରେ ଯୋଗଦାନ ଖବର ସାମ୍ନାକୁ ଆସିବା ପରେ ବସନ୍ତ ବେଶ୍ ଅସନ୍ତୁଷ୍ଟ ଥିଲେ। ରାଜ୍ୟ ଅତିଥି ଭବନରେ ରାଜ୍ୟ ବିଜେପି ସଭାପତି, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଶ୍ରୀ ପଣ୍ଡାଙ୍କୁ ମନେଇବାକୁ ମଧ୍ୟ ଯାଇଥିଲେ। ଘଣ୍ଟାଧିକ କାଳ ଧରି କବାଟକିଳା ଆଲୋଚନା ପରେ ମିଶ୍ରଣ ପର୍ବ ମଞ୍ଚରେ ଶ୍ରୀ ପଣ୍ଡା ଉପସ୍ଥିତ ଥିଲେ ହେଁ ଜୟଙ୍କ ଯୋଗଦାନ ନେଇ ମୁହଁ ଖୋଲି ନ ଥିଲେ। ଇତିମଧ୍ୟରେ ଶ୍ରୀ ପଣ୍ଡା ନିଜର କିଛି ଅନୁଗତଙ୍କ ସହ ବିଚାରବିମର୍ଶ କରିଥିବା ନେଇ ସୂଚନା ମିଳିଛି। ତେଣୁ ଆଗକୁ ସେ କିଛି ବି ନିଷ୍ପତ୍ତି ନେଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏପରିକି ଗତ ସାଧାରଣ ନିର୍ବାଚନରେ ନୂଆପଡ଼ା ଆସନରୁ ପ୍ରତିଦ୍ୱନ୍ଦିତା କରିଥିବା ଏବଂ ଏଥର ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ଥିବା ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା ମଧ୍ୟ ବେଶ୍ ଅସନ୍ତୁଷ୍ଟ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



### ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ: ଭକ୍ତ

ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ନୂଆପଡ଼ାରେ ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ। ସେଠାରେ ତାଙ୍କର ପୂର୍ବତନ ସାଂସଦ, ବିଧାୟକ ଏବଂ କର୍ମଠ ବ୍ୟକ୍ତିମାନେ ଥିଲେ ମଧ୍ୟ ବିଜେପି ନେତୃତ୍ୱ ତାଙ୍କ ଉପରେ ଆସ୍ଥା ରଖିପାରିଲେ ନାହିଁ। ଏପରିକି ବିଜେପି କଂଗ୍ରେସ ପ୍ରାର୍ଥୀଙ୍କୁ ନିଜ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ହେଁ ଆମ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଦଳ ପ୍ରତି ସମର୍ପଣ ଭାବ କାରଣରୁ ସେମାନେ ବିଫଳ ହୋଇଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

**ବର୍ଷିଲା ବିଜେଡି**

# ବିଜେପିର ଘୋଡ଼ାବେପାରରେ ବିକ୍ରି ହୋଇଗଲେ ଜୟ

**ଭୁବନେଶ୍ୱର, ୧୧।୧୦ (ସମିସ):** ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି। ଜୟ ଜଣେ ପୋଷ୍ୟ ପୁତ୍ର ଥିଲେ। ତାଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ। ଯେଉଁଥିପାଇଁ ସେ ଆଜି ଏପରି ନିଷ୍ପତ୍ତି ନେବା ସହ ନିଜକୁ ବିକ୍ରି କରିଦେଇଛନ୍ତି ବୋଲି କହି କଡ଼ା ସମାଲୋଚନା କରିଛନ୍ତି

**■ ଜୟଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ**
**■ ବିଜେପିରେ ଜୟଙ୍କ ମିଶ୍ରଣ ବିଜେଡି ପାଇଁ ପ୍ରଭାବଶୂନ୍ୟ**
**■ ସଠିକ୍ ସମୟରେ ଉତ୍ତର ଦେବେ ନୂଆପଡ଼ାବାସୀ**

ବିଜେଡିର ବରିଷ୍ଠ ନେତା ତଥା ଉପ ସଭାପତି ପ୍ରତାପ ଜେନା। ଜୟଙ୍କ ବିଜେପିରେ ମିଶିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମାତ୍ର ଆଜି ତାଙ୍କର ପ୍ରକୃତ ମୁଖା ଖୋଲିଯାଇଛି। ସେ ବିଜେପି ଦଳର ଘୋଡାବେପାରରେ ବିକ୍ରି ହୋଇଗଲେ ବୋଲି ଆଜି ସ୍ପଷ୍ଟ ହୋଇଯାଇଛି ବୋଲି କହି ଶ୍ରୀ ଜେନା ଜୟଙ୍କ ଉପରେ ବର୍ଷିଛନ୍ତି।

ଶନିବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ ଆଜି ନୂଆପଡାର ଜୟ ଢୋଲକିଆ ବିଜେପିରେ ମିଶିଛନ୍ତି। କିଛିଦିନ ତଳେ ସେ ଘୋଷଣା କରିଥିଲେ ଯେ ମୋର ନେତା ନବୀନ ବାବୁ ଯାହା କହିବେ ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ମାତ୍ର ଆଜି କ'ଣ କାରଣ ରହିଲା ଯେ ସେ ବିଜେପିରେ ମିଶିଛନ୍ତି। ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସମାଜସେବୀ ମଧ୍ୟ ଥିଲେ। ବିଜୁ ପରିବାର ଏବଂ ଆମ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ସେ ୪ ଥର ବିଧାୟକ ହୋଇଥିଲେ। ନବୀନ ବାବୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ମଧ୍ୟ କରିଥିଲେ। ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ସମାଜସେବା ପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଯଦି ଆଜି ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ ବଞ୍ଚିଥାନ୍ତେ, ତାହେଲେ ସେ କେବେ ହେଲେ ଏହି କଥାକୁ ପସନ୍ଦ କରିନଥାନ୍ତେ। ତାଙ୍କ ଆତ୍ମା ଯେଉଁଠି ଥାଉନା କାହିଁକି, ଏହି ନିଷ୍ପତ୍ତିକୁ ଆଦୌ ଗ୍ରହଣ କରିବ ନାହିଁ।



ସେ ଆହୁରି ମଧ୍ୟ କହିଛନ୍ତି ଯେ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଗସ୍ତରେ ଯାଇ କେତେକ ପ୍ରକଳ୍ପ ପାଇଁ ଅର୍ଥ ରାଶି ଘୋଷଣା କଲେ। ମାତ୍ର ପ୍ରତିଟି ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ବ୍ୟବସ୍ଥା କରିଥିଲେ। ଆଜି ଜୟ ଢୋଲକିଆଙ୍କ ବିଜେପି ଯୋଗଦାନ ପ୍ରତିଟି ଲୋକଙ୍କ ଦ୍ୱାରା ନାପସନ୍ଦ ହୋଇଛି। ନୂଆପଡ଼ାବାସୀ ସବୁ ଘଟଣା ଦେଖୁଛନ୍ତି। ସଠିକ୍ ସମୟରେ ସେମାନେ ଜବାବ୍ ଦେବେ। ରାଜ୍ୟରେ ବର୍ତ୍ତମାନ ବିଜେପି ସରକାରରେ ଅଛି। ମାତ୍ର ନୂଆପଡ଼ା ଉପ ନିର୍ବାଚନରେ ସେମାନେ ତାଙ୍କ ଦଳରୁ ପ୍ରାର୍ଥୀଟିଏ ପାଇଲେ ନାହିଁ। ସେଥିପାଇଁ ସେମାନେ ଘୋଡାବେପାର କରି ଅନ୍ୟ ଦଳରୁ ନେତା ନେଇ ପ୍ରାର୍ଥୀ କରିବାକୁ ଯାଉଛନ୍ତି। ଏପରି ଘଟଣାକୁ ଓଡ଼ିଶାବାସୀ, ନୂଆପଡ଼ାବାସୀ ନିନ୍ଦା କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

**ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ**

# ରାଜ୍ୟ ବାହାରକୁ ଗଲା କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍

ଭୁବନେଶ୍ୱର,୧୧।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ୍ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଏବଂ ମୁନ୍ନାକୁ ୧୨ ଦିନ ପରେ ବି ଧରିପାରିନାହିଁ। କେବଳ ନାମକୁ ମାତ୍ର ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ବଣିକ କୋଚିଂ ସେଣ୍ଟର ଉପରେ ଚଢଉ କରି ବାହାବା ନେଉଛି। ତେବେ ଶଙ୍କର ପୃଷ୍ଟି ରାଜ୍ୟ ବାହାରେ ରହି ପ୍ରମାଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ସୂଚନା ପାଇ କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍ ରାଜ୍ୟ ବାହାରକୁ ଯାଇଛି।

**■ ୧୨ ଦିନ ପରେ ବି ଶଙ୍କର ପୃଷ୍ଟି, ମୁନ୍ନାକୁ ଧରିପାରୁନି**
**■ ଜେରାରେ ଅଟକିଛି ତଦନ୍ତ**

କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ କେବଳ ଧରାପଡ଼ିଥିବା ୫ ଜଣ ଦଲାଲ ଭିତରେ ସୀମିତ ରହିଛି। ହେଲେ ଏପର୍ଯ୍ୟନ୍ତ ସବଲେଟିଂ କରିଥିବା ଆଇଟିଆଇ ଲିମିଟେଡର କୌଣସି ଅଧିକାରୀଙ୍କୁ ପଚରାଉଚରା କରାଯାଇ ନାହିଁ କି ଓପିଆରବିର ମୁଖିଆ ଓ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିନାହିଁ।

ଇତିମଧ୍ୟରେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେମାନେ କେବେଠାରୁ କେଉଁ କୋଚିଂ ସେଣ୍ଟରକୁ ଟଙ୍କା ଦେଉଥିଲେ, କେଉଁ ଦଲାଲ ଟଙ୍କା ନେଇଛନ୍ତି, ସେସବୁର ମଧ୍ୟ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି।

## ଦୋଷ ଝାଡ଼ିବାକୁ ଓପିଆର୍‌ବିର ଉଦ୍ୟମ

ଭୁବନେଶ୍ୱର, ୧୧।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାର ୧୧ ଦିନପରେ ଆଜି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ଅଧ୍ୟକ୍ଷ ମୁହଁ ଖୋଲିଛନ୍ତି। ଗତ ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀ ଡାକି ପରବର୍ତ୍ତୀ ମୁହୂର୍ତ୍ତରେ ତାକୁ ବାତିଲ କରିଥିବା ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ଲିଖିତ ବିବୃତ୍ତି ଧରାଇ ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପ୍ରକରଣରେ ଷଡ଼ଯନ୍ତ୍ର ଥିବା ଉଲ୍ଲେଖ କରି ଓପିଆର୍‌ବି ଏହି ବିବୃତ୍ତି ଜରିଆରେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଅପଚେଷ୍ଟା କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱର ଟେଣ୍ଡର ନେଇଥିବା ଆଇଟିଆଇ କମ୍ପାନୀ ସିଲିକନ୍ ପରି ତୃତୀୟ ପକ୍ଷକୁ ଏହି ଦାୟିତ୍ୱ ଦେଇଥିବା ନେଇ ଓପିଆର୍‌ପି ଅଧ୍ୟକ୍ଷ ଏହି ବିବୃତ୍ତିରେ ସ୍ୱୀକାର କରିଛନ୍ତି। ହେଲେ ଟେଣ୍ଡର ଅନୁସାରେ ଆଇଟିଆଇ କମ୍ପାନୀ କାର୍ଯ୍ୟ କରୁଛି କି ନା ତାହା ତଦାରଖ କରିବା ଓପିଆର୍‌ବିର ଯେ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ ଥିଲା, ତାହାକୁ ଭୁଲି ଯାଇଛନ୍ତି। ଓଲଟା ସବ୍‌ଲେଟିଂ ସଂପର୍କରେ ଆଇଟିଆଇ ଲିମିଟେଡ୍ ଓପିଆର୍‌ବିକୁ କିଛି ଜଣାଇ ନ ଥିଲା ବୋଲି ଅଧ୍ୟକ୍ଷ ସଫେଇ ଦେଇଛନ୍ତି।

ଅପରପକ୍ଷେ ଓପିଆର୍‌ବିରେ ମାନବସମ୍ବଳର ଅଭାବ ଦର୍ଶାଇ ଅଧ୍ୟକ୍ଷ ନିଜର ଅସହାୟତା ପ୍ରକାଶ କରିବା ସହ ପରୋକ୍ଷରେ ରାଜ୍ୟ ସରକାରଙ୍କ ଉପରକୁ ବଲ୍ ଫୋପାଡ଼ିବାକୁ ଚେଷ୍ଟା କରିଛନ୍ତି। ବିବୃତ୍ତିରେ ଅଧ୍ୟକ୍ଷ ଦର୍ଶାଇଛନ୍ତି ଯେ ଓପିଆର୍‌ବି ଏକ ଛୋଟ ସଂସ୍ଥା । ମାତ୍ର ତିନି ଜଣ ସଦସ୍ୟ, ତିନି ଜଣ ଅଧିକାରୀଙ୍କ ସମେତ କିଛି କନଷ୍ଟେବଳ ରହିଛନ୍ତି। ଏଣୁ ସେମାନେ ଏସ୍ଆଇ ନିଯୁକ୍ତି ବିଜ୍ଞାପନଠାରୁ ଚୂଡ଼ାନ୍ତ ଫଳ ପ୍ରକାଶନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିବା ଏତେ ସହଜ ନୁହେଁ ବୋଲି କହିଛନ୍ତି।

ନିଜ ଉପରୁ କଳାଦାଗ ହଟାଇବା ପାଇଁ ଓପିଆର୍‌ବି ଏଭଳି ସ୍ପଷ୍ଟୀକରଣ ରଖିଥିଲେ ହେଁ ଅନେକ ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି। ଗତ ମାର୍ଚ୍ଚ ମାସରେ ପରୀକ୍ଷାର ମାତ୍ର ୨ ଦିନ ପୂର୍ବରୁ କାହିଁକି ବାତିଲ୍ କରାଯାଇଥିଲା ଏବଂ ତା' ପରେପରେ ଅର୍ଥାତ୍ ମେ ୨୮ ତାରିଖରେ ରିଚ୍‌ମାଇଣ୍ଡ କମ୍ପାନୀକୁ କେଉଁ କାରଣରୁ ବାଦ୍ ଦେବାକୁ ଓପିଆର୍‌ବି

**■ ୧୧ ଦିନ ପରେ ଲିଖିତ ବିବୃତ୍ତି ଦେଇ ମୁହଁ ଖୋଲିଲେ ଅଧ୍ୟକ୍ଷ**
**■ ତଦାରଖ ଦାୟିତ୍ୱ ନ ତୁଲାଇ ମାନବସମ୍ବଳ ଅଭାବକୁ ଦୋଷ ଦେଲେ**

ଚିଠି କରିଥିଲା କି, ପ୍ରକୃତରେ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ଛାପିବା କାମ କେଉଁ କମ୍ପାନୀ କରିଛି ଏବଂ ତାକୁ କେଉଁ ଅଧିକାରୀ ନିରୀକ୍ଷଣ ବା ତଦାରଖ କରୁଥିଲେ କି, ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଆଇଟିଆଇ ଲିମିଟେଡ୍‌ର ହୋଇଥିବା ବେଳେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ପାଖକୁ ତାହା କିପରି ପହଞ୍ଚିଥିଲା, ନିରୀକ୍ଷଣ କରୁଥିବା ଅଧିକାରୀ ଏସମ୍ପର୍କରେ ଜାଣି ଓପିଆର୍‌ବି ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ ନା ତାଙ୍କ ଅଗୋଚରରେ ଏହା ସମ୍ଭବ ହୋଇଥିଲା, ଏପରି ଅନେକ ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ବୁଦ୍ଧିଜୀବୀ ମହଲ ଯୁକ୍ତି ବାଢ଼ିଛି।

# ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼ିବାକୁ ନବୀନ ଦେଲେ ଗୁରୁମନ୍ତ୍ର



**ନବୀନଙ୍କୁ ଭେଟିଲେ ଦଳୀୟ ମୁଖପାତ୍ର**

**ରାଜ୍ୟସ୍ୱାର୍ଥ ଏବଂ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା**

**ଭୁବନେଶ୍ୱର, ୧୧।୧୦ (ସମିସ):** ଶନିବାର ବିଜେଡିର ମୁଖପାତ୍ରମାନେ ଦଳୀର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟସ୍ୱାର୍ଥ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତି ଏବଂ ବିଫଳତା ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ଏବଂ ସରକାରଙ୍କଠାରୁ ଲୋକେ କିପରି ନ୍ୟାୟ ଏବଂ ହକ୍ ପାଇବେ ସେନେଇ ଲଢ଼େଇ କରିବାକୁ ପ୍ରେରଣା ଦେଇଛନ୍ତି। ଲୋକମାନଙ୍କ ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ ଜାରି ଏହି ଅବସରରେ ନବୀନ ଦଳୀୟ ମୁଖପାତ୍ରଙ୍କୁ ପରାମର୍ଶ ଦେଇଥିବା ଦଳର ଉପସଭାପତି ତଥା ବରିଷ୍ଠ ନେତା ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଯେପରି ମହିଳାଙ୍କ ପ୍ରତି ନିର୍ଯାତନା ହେଉଛି, ସେପରି ଘଟଣା ଦୈନିକ ଲୋକଲୋଚନକୁ ଆସୁଛି। ଚାଷୀଙ୍କୁ ଏଯାବତ୍ ସାର ମିଳିଲା ନାହିଁ। ନିଯୁକ୍ତି କ୍ଷେତ୍ରରେ ସବୁ ୧୬ ପରୀକ୍ଷାରେ ଦୁର୍ନୀତି ହୋଇଛି। ରାଜ୍ୟରେ ଏକ ବଡ଼ ନିଯୁକ୍ତି ସ୍କାମ ହୋଇଥିବା ବେଳେ ବିଜେପି ସମର୍ଥନକୁ ଚାକିରୀ ଦେବାକୁ ଉଦ୍ୟମ କରାଯାଉଛି। ଏନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ବିରୋଧୀ ଦଳ ନେତା ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କ ନ୍ୟାୟ ପାଇଁ ଲଢ଼ିବାକୁ ଗୁରୁମନ୍ତ୍ର ଦେଇଛନ୍ତି। ସେହିପରି ଖୁବଶୀଘ୍ର ନବୀନ ପଟ୍ଟନାୟକ ନୂଆପଡ଼ା ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ କଟକ ପରି ଭାଇଚାରା ସହର ଆଜି ଅଶାନ୍ତ ହୋଇ ପଡ଼ିଛି। ଦୁଇଜଣ କୁଖ୍ୟାତ ଅପରାଧୀ ଜେଲରୁ ପଳାଇଗଲେ। ବ୍ରହ୍ମପୁରରେ ବିଜେପିର ଜଣେ ଜଳୀୟ ନେତା ତଥା ବରିଷ୍ଠ ଆଇନଜୀବିଙ୍କୁ ହତ୍ୟା କରାଗଲା। ମୁଖ୍ୟମନ୍ତ୍ରୀ କହିଲେ ଅପରାଧୀ ପାତାଳରେ ଥିଲେ ମଧ୍ୟ ବାହାର କରିଆଣାଯିବ। ସେ ପାତାଳ କୋଉଠି ଏବଂ ଅପରାଧୀ କାହିଁକି ଧରା ପଡ଼ିନାହାନ୍ତି ବୋଲି ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି।

# ଡିଜିସିଏ ମ୍ୟାପ୍‌ରେ ଶ୍ରୀମନ୍ଦିର

**ପୁରୀ,୧୧।୧୦ (ସମିସ):** ରେଡ୍-ଜୋନ୍ ଅନ୍ତର୍ଭୁକ୍ତ ହେଲା ଶ୍ରୀମନ୍ଦିର। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ୍(ଡିଜିସିଏ) ମ୍ୟାପ୍‌ରେ ଯୋଡ଼ି ହେଲା ଶ୍ରୀମନ୍ଦିର। ଡିଜିସିଏର ଏୟାରସ୍ପେସ୍ ମ୍ୟାପ୍‌ରେ ବଡ଼ଦେଉଳ ଚତୁଃପାର୍ଶ୍ୱକୁ ରେଡ୍-ଜୋନ୍ ଦର୍ଶାଯାଇଛି। ଏହାର ଅବଧି ୩ବର୍ଷ ରହିଛି। ଅର୍ଥାତ୍ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ। ପୁନର୍ବାର ଶ୍ରୀମନ୍ଦିର



ଉପରକୁ ନିଷିଦ୍ଧାଞ୍ଚଳ କରିବାକୁ ଆବେଦନ କରାଯିବ। ରେଡ୍‌ଜୋନ୍ ଘୋଷଣା ହେବା ଦ୍ୱାରା ବଡ଼ଦେଉଳର ସୁରକ୍ଷା ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ନୋ-ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା। ରଥଯାତ୍ରା ସମୟରେ ମଧ୍ୟ ଶ୍ରୀମନ୍ଦିର ଅଞ୍ଚଳ ଉପରେ ଅଧିକ କଟକଣା ରହିଥାଏ। ୨୦୧୪ରୁ 'ଭଏସ୍ ଅଫ୍ କମନ୍ ମ୍ୟାନ' ଅନୁଷ୍ଠାନ ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ-ଜୋନ୍ କରିବା ପାଇଁ ଦାବି କରିଆସୁଥିଲା। ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ସହ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଶେଷରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରିଛି। ଏହାଦ୍ୱାରା ମନ୍ଦିର ଉପରେ କୌଣସି ଉଡ଼ାଣ ହୋଇପାରିବ ନାହିଁ। ଯଦି କେହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଏହାର ଉଲ୍ଲଂଘନ କରନ୍ତି, ରେଡ୍ ଜୋନ୍ ନିୟମ ଅନୁଯାୟୀ ପୁଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବୈଷୟିକ

**■ ଘୋଷଣା ହେଲା ରେଡ୍ ଜୋନ୍**
**■ ଡ୍ରୋନ୍ ଉଡ଼ାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ**

ଓ ନିଜସ୍ୱ ଉଦ୍ୟମରେ ପୁଲିସ ତୀକ୍ଷ୍ଣ ନଜର ରଖିବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣକୁ ପ୍ରତିହତ କରିପାରିବ। ସେହିପରି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବହାର କରି ଡ୍ରୋନ୍‌ଗୁଡ଼ିକୁ ଖସାଯାଇପାରିବ। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିର ରେଡ୍ ଜୋନ୍ ଘୋଷଣା ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

ସୂଚନାଯୋଗ୍ୟ, ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଛି। ହେଲେ ଉଡ଼ାଣକାରୀଙ୍କ ବିରୋଧରେ ସେମିତି କିଛି କଡ଼ା ଦଣ୍ଡବିଧାନ ନଥିବାରୁ ପୁଲିସ ସେମାନଙ୍କୁ ଅଟକ ରଖି ଛାଡ଼ି ଦେଉଛି। ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। କିନ୍ତୁ ଏବେ ଏହା ଉପରେ ରୋକ୍ ଲଗାଯାଇପାରିବ ବୋଲି କୁହାଯାଇଛି। ଏହାସହ ବାହାରୁ ଆସୁଥିବା ୟୁଟ୍ୟୁବର୍‌ମାନେ ମଧ୍ୟ ଏ ସଂପର୍କରେ ଆଗୁଆ ଜାଣିପାରିବେ।

# ଆଶ୍ରମ ଗୁଳିକାଣ୍ଡ ପଛରେ ଗଣଦୁଷ୍କର୍ମ

## ବନ୍ଧାହେଲେ ମଠ ମୁଖିଆ ଓ ସହଯୋଗୀ

ଭୁବନେଶ୍ୱର, ୧୧।୧୦(ସମିସ):ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଆଶ୍ରମ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ପୁଲିସ ୨୦୨୨ ମସିହାର ଏକ ନାବାଳିକା ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାସ୍ କରିଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୁଲିସ ମଠ ମୁଖିଆ ଅଜୟ ସାମନ୍ତରାୟ ଓ ସହଯୋଗୀ ସୁକାନ୍ତ ବିଶ୍ୱାଳକୁ ଗିରଫ କରିଛି। ଅନ୍ୟପଟେ ଦେଉଳିଆ ପାଟଣା ଆଶ୍ରମ ଗୁଳିକାଣ୍ଡ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି... ଇନ୍‌ଫୋଭ୍ୟାଲି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଗୁଆପୋଖରୀ ଅଞ୍ଚଳର ସୂରଜ ରାଉତ ଓରଫ୍ ଟିଙ୍କୁନ୍ (୨୩) ଓ ବ୍ରହ୍ମପୁରର ମୁକ୍ତିକାନ୍ତ ଦାସ ଓରଫ୍ ଶ୍ରୀରାମ (୨୮)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ,୪ଟି ଜୀବନ୍ତ ଗୁଳି, ବୁଲେଟ ମୋଟରସାଇକେଲ, ୩ଟି ମୋବାଇଲ ଫୋନ, ୭ଟି ଖୋକା ଓ ୫ଟି ଫୁଟି ଯାଇଥିବା ଗୁଳି ଜବତ କରିଛି। ସୁରଜଙ୍କ ସମ୍ପର୍କୀୟା ଗଣଦୁଷ୍କର୍ମର ଶିକାର ହୋଇଥିବାରୁ ସେ ଗୁଳିମାଡ଼ କରିଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୁଲିସ ସୂଚନା ଅନୁସାରେ, କୁଜଙ୍ଗ ଥାନା ହଂସୁରାର ଅବସରପ୍ରାପ୍ତ ସେନା କର୍ମଚାରୀ ଅଜୟ ସାମନ୍ତରାୟ ଦେଉଳିଆ ପାଟଣାରେ 'ଭାଇ ଭାଇ' ମଠ କରିଛନ୍ତି। ଅନେକ ପୁରୁଷ ଓ ମହିଳାମାନେ ପୂଜାର୍ଚ୍ଚନା କରିବାକୁ ମଠକୁ ଆସୁଥିବା ବେଳେ ସେଠାରେ ରହିଥା'ନ୍ତି। ଗତ ରବିବାର ସନ୍ଧ୍ୟାରେ ଅଜୟ ସାମନ୍ତରାୟ, ସୁନୀଲ ବାରିକ, ଅଶୋକ ମହାନ୍ତି ଓ ଅନ୍ୟ ଅନ୍ତେବାସୀମାନେ ମଠର ପୂଜାର୍ଚ୍ଚନା କରୁଥିଲେ। ସେହି ସମୟରେ ସୁରଜ ଓ ଶ୍ରୀରାମ ଆସି ମଠ ଭିତରକୁ ପଶି ଅଜୟକୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସୁନୀଲ ଓ ଅଶୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁନୀଲଙ୍କ ଶରୀରରେ ୪ଟି ଗୁଳି ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ଅଶୋକଙ୍କ ପେଟରେ ଘଷି ହୋଇ ଯାଇଥିଲା। ସୁନୀଲଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ସେ ଏବେବି ଚିକିତ୍ସାଧୀନ ଅଛନ୍ତି।



ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଇନ୍‌ଫୋଭ୍ୟାଲି ଥାନା ପୁଲିସ ସୂରଜ ଓ ଶ୍ରୀରାମର ସଂପୃକ୍ତି ପାଇ ଉଭୟଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚରା ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ୨୦୨୨ ମସିହାରେ ସୁରଜର ସମ୍ପର୍କୀୟା ତଥା ଜଣେ ନାବାଳିକା ଓ ତାଙ୍କ ମାଆ ସୁକାନ୍ତର ପ୍ରରୋଚନାରେ ମଠକୁ ଆସିଥିଲେ। ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ଆଶାରେ ମଠକୁ ଆସିଥିବା ନାବାଳିକା ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ମଠରେ ରହଣୀ ମଧ୍ୟରେ ମଠ ମୁଖିଆ ଅଜୟ ଓ ସହଯୋଗୀ ସୁକାନ୍ତ ମିଶି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ପୁଲିସ ଆଗରେ ସେ କହିଥିଲେ। ନାବାଳିକାଙ୍କ ସମ୍ପର୍କୀୟାଙ୍କଠାରୁ ଏଭଳି କଥା ଶୁଣିବା ପରେ ସୂରଜ ପ୍ରତିଶୋଧ ପରାୟଣ ହୋଇଥିଲା। ସୂରଜ ମଠ ମୁଖିଆଙ୍କୁ ଜୀବନରେ ମାରିଦେବାକୁ ଯୋଜନା କରି ଶ୍ରୀରାମର ସହଯୋଗ ମାଗିଥିଲା। ଉଭୟ ମିଶି ଗତ ଅଗଷ୍ଟ ମାସରେ ଅଜୟକୁ ମାରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଗତ ରବିବାର ମଧ୍ୟ ଅଜୟକୁ ମାରିବାକୁ ଆସିଥିଲେ ହେଲେ ତାକୁ ନ ପାଇ ସୁନୀଲ ଓ ଅଶୋକଙ୍କୁ ଗୁଳିମାଡ଼ କରିଥିଲେ।

**■ ଗୁଳିକାଣ୍ଡ ଘଟଣାରେ ମଧ୍ୟ ଦୁଇ ଗିରଫ**
**■ ଗଣଦୁଷ୍କର୍ମର ଶିକାର ହୋଇଥିଲେ ଅଭିଯୁକ୍ତଙ୍କ ସମ୍ପର୍କୀୟା**
**■ ମଠ ସିଲ୍, ବନ୍ଧୁକ, ଗୁଳି ଓ ବାଇକ୍ ଜବତ**

ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ଅଜୟ ଓ ସୁକାନ୍ତକୁ ଗିରଫ କରିବା ସହ ମଠକୁ ସିଲ୍ କରିଦେଇଛି ପୁଲିସ। କେବଳ ଏଇ ଜଣେ ନାବାଳିକା ନୁହନ୍ତି; ଅନେକ ନାବାଳିକା ଓ ମହିଳା ମଧ୍ୟ ମଠ ମୁଖିଆଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ମଠ ମୁଖିଆଙ୍କ ବିରୋଧରେ ଯଦି କେହି ଏଭଳି ନିର୍ଯାତନାର ଶିକାର ହୋଇଥା'ନ୍ତି, ତୁରନ୍ତ ଥାନାରେ ଜଣାଇବାକୁ ପୁଲିସ ସାଧାରଣରେ ନିବେଦନ କରିଛି। ଏହାଦ୍ୱାରା ମଠ ମୁଖିଆଙ୍କ ବିରୋଧରେ ଅଭିଯୋଗର ତାଲିକା ବଢ଼ିବ ବୋଲି ଆଶା କରାଯାଉଛି।

## ବାଣ ତିଆରି କାରଖାନାରେ ଚଢ଼ଉ; ଜଣେ ଗିରଫ

**ଗୋପ/ନୟାହାଟ,୧୧।୧୦(ସମିସ):** ଗୋପ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ବାଣ ତିଆରି କରାଯାଇ ବିକ୍ରି କରାଯାଉଥିବା କାରଖାନା ଉପରେ ଗୋପ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିଥିବାବେଳେ ଆଉ ଜଣେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ନୟାହାଟ ଫାଣ୍ଡି ଅଧୀନ ବାଉଲାଙ୍ଗ ପଞ୍ଚାୟତ ପାଞ୍ଚେଣା ଗ୍ରାମର ପର୍ଶୁରାମ କାଣ୍ଡି। ଗୋପ ଥାନା କେସ୍ ନମ୍ବର ୩୪୫/୨୫ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ବାଣ ତିଆରି ସମୟରେ ବିସ୍ଫୋରଣ ଯୋଗୁଁ ଅନେକ ଧନଜୀବନ ନଷ୍ଟ ହେଉଥିବାବେଳେ ସାଧାରଣ ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବେଆଇନ ବାଣ ତିଆରି ଉପରେ କଟକଣା ଜାରି କରିଛି ପୁଲିସ। ଗୋପ ଥାନାର ଏକ ଟିମ୍ ଶୁକ୍ରବାର ପାଟ୍ରୋଲିଂ କରିବା ସମୟରେ ନୟାହାଟ ଫାଣ୍ଡି ଅଧୀନ ପାଞ୍ଚେଣା ଗ୍ରାମରେ ବେଆଇନ ବାଣ ତିଆରି ଚାଲିଥିବା ସୂଚନା ମିଳିଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ନେତୃତ୍ୱରେ ଗୋପ ପୁଲିସର ଏକ ଟିମ୍ ପାଞ୍ଚେଣା ଗ୍ରାମରେ ପହଞ୍ଚି ଗୋଟିଏ ଘର ଉପରେ ଚଢ଼ଉ କରିଥିଲେ। ଘର ପଛପଟେ ଏକ ଚାଳ ଘର ଭିତରେ ବିପିନ କାଣ୍ଡି ଓ ପର୍ଶୁରାମ କାଣ୍ଡି ବାଣ ତିଆରି କରୁଥିଲେ। ପୁଲିସକୁ ଦେଖି ଘଟଣାସ୍ଥଳରୁ ବିପିନ କାଣ୍ଡି ଫେରାର୍ ହୋଇଯାଇଥିବା ବେଳେ ପର୍ଶୁରମ କାଣ୍ଡିଙ୍କୁ ପୁଲିସ ଗିରଫ କରିଥିଲା। ପଚରାଉଚରା ପରେ ବାଣ ତିଆରି ପାଇଁ ସେମାନଙ୍କ ନିକଟରେ ବିସ୍ଫୋରକ ଥିବା ଜଣାପଡ଼ିଥିଲା। ପଲିସ ସମସ୍ତ ବିସ୍ଫୋରକ ସାମଗ୍ରୀକୁ ଜବତ କରିଛି। ପୁଲିସ ଅଧିକାରୀ ଦେବସ୍ମିତା ସିଂଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ପାର୍ଶୁରାମଙ୍କୁ କୋର୍ଟଚାଲାଣ କରାଯାଇଛି।

## ଘରେ ପଶି ମାଆ-ପୁଅଙ୍କୁ ପିଟିଲେ ୨ ଦୁର୍ବୃତ୍ତ

**ଗୋପ,୧୧।୧୦(ସମିସ):** ଗୋପ ଥାନା ଅଧୀନ ବନ୍ତଳି ଗ୍ରାମ ପଞ୍ଚାୟତ ତରହଣା ଗ୍ରାମରେ ଶୁକ୍ରବାର ରାତି ୮ଟା ସମୟରେ ଦୁଇ ଦୁର୍ବୃତ୍ତ ଘରେ ପଶି ମାଆ-ପୁଅଙ୍କୁ ଆକ୍ରମଣ କରିବା ସହ ଘରେ ଥିବା ଏକ ସ୍କୁଟି ଗାଡ଼ିକୁ ଜୋର୍‌ଜବରଦସ୍ତ ଛଡ଼ାଇ ନେଇଛନ୍ତି। ତରହଣା ଗ୍ରାମର ମନୋରମା ନାୟକଙ୍କ ଅଭିଯୋଗ ଅନୁସାରେ, ତାଙ୍କର ଏକ ମାତ୍ର ପୁଅ ଟିଟୁ ନାୟକ ଶୁକ୍ରବାର ଘରେ ଥିବାବେଳେ ଚନ୍ଦନପୁର ଅଞ୍ଚଳର ଦୁଇଜଣ ବ୍ୟକ୍ତି ଗୋଟିଏ ବୁଲେଟ୍‌ରେ ଆସି ଘର ଭିତରେ ପଶି ବିଭିନ୍ନ ଧମକଚମକ ଦେଇଥିଲେ। ଟିଟୁ ବାରଣ କରିବାରେ ଦୁଇ ଦୁର୍ବୃତ୍ତ ତାଙ୍କୁ ମାଡ଼ମାରି ଲହୁଲୁହାଣ କରିଥିଲେ। ପୁଅକୁ ମାଡ଼ ହେଉଥିବା ଦେଖି ମନୋରମା ଚିତ୍କାର କରିବା ସହ ପୁଅକୁ ବଞ୍ଚାଇବାକୁ ଉଦ୍ୟମ କରିବା ସମୟରେ ତାଙ୍କୁ ମଧ୍ୟ ନିସ୍ତୁକ ପିଟିଥିଲେ ଦୁଇ ଦୁର୍ବୃତ୍ତ। ପରେ ଘରେ ଥିବା ସ୍କୁଟି ଗାଡ଼ିଟିକୁ ନେଇଯାଇଥିଲେ। ଟିଟୁ ୧୧୨ ନମ୍ବରରେ ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ ରାତି ପାହିଯାଇଥିଲେ ସୁଦ୍ଧା କେହି ଆସିନଥିଲେ। ପୁଲିସ ଜନତାଙ୍କୁ ଜରୁରୀକାଳୀନ ସେବା ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଟିଟୁଙ୍କ କ୍ଷେତ୍ରରେ ଏହା ସ୍ପଷ୍ଟ ବାରିହୋଇପଡୁଛି ଯେ, ପୁଲିସ କିପରି ଲୋକଙ୍କୁ ସେବା ଯୋଗାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମାଆ-ପୁଅ ଶନିବାର ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଚିକିତ୍ସା ହେବା ପରେ ଗୋପ ଥାନାରେ ଅଭିଯୋଗ କରିଛନ୍ତି।

### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ

**ନିମାପଡ଼ା,୧୧।୧୦(ସମିସ)**

ନିମାପଡ଼ା ବ୍ଲକ୍ ସାଇଲୋ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଅବସରରେ ଶନିବାର ତାଙ୍କର ଏକ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ଉପନଗରପାଳ ସନ୍ତୋଷ ଦାଶ, ସମ୍ମାନିତ ଅତିଥିଭାବେ ବାଲିପାଟଣା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ଆଦିତ୍ୟ, ନିମାପଡ଼ା ବ୍ଲକ୍ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବରିଷ୍ଠ ଶିକ୍ଷକ ନେତା ମାଧବ ବିଶ୍ୱାଳ, ସରପଞ୍ଚ ବିଶ୍ୱନାଥ ସେନାପତି, ଆଞ୍ଚଳିକ ସାଧନ କେନ୍ଦ୍ର



ସଂଯୋଜକ ସୁଶାନ୍ତ କୁମାର ମୁଦୁଲି, ପୁରୀ ଜିଲ୍ଲା ଓଷ୍ଟାର ସଭାପତି ବିଭୁଦତ୍ତ ନାୟକ, ସାଇଲୋ ନୋଡାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବଳିୟାରସିଂହ, ଶିକ୍ଷାବିତ୍ ବାବାଜୀ ଚରଣ ବସ୍ତିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ଶିକ୍ଷାବିତ୍ ଭାଗ୍ୟଧର ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ଅଭିରାମ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟରେ ଏକ ଶୌଚାଳୟ ନିର୍ମାଣ କରିବାକୁ ଆର୍ଥିକ ସହାୟତା ସାଂସଦ ତାଙ୍କ ପାଣ୍ଠିରୁ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅତିଥିମାନେ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ନେତା ହରିହର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଆଦିତ୍ୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଇଓ ଚିତ୍ତରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ବସ୍ତିଆ, କୈଳାସ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ମଙ୍ଗରାଜ ରଥ, ଶିବଶଙ୍କର ଦାସଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ



**ସାକ୍ଷୀଗୋପାଳ,୧୧।୧୦(ସମିସ):** କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳ ପରିସରରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେବା ସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କିଭଳି ଭାବରେ ଚାଷୀ ଭାଇଭଉଣୀମାନେ ଉନ୍ନତମାନର ସୁବିଧାସୁଯୋଗ ପାଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୁରୀ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ଯୋଗଦେଇ ଚାଷୀମାନଙ୍କର କିପରି ଉନ୍ନତି ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଶରତ ବେହେରା, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟନାରାୟଣ କର, ଜିଲ୍ଲା ମୁଖ୍ୟ ଉଦ୍ୟାନ ଉପନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ, ସତ୍ୟବାଦୀ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବରାଳ, ରତିକାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ଏହି ସଭାରେ ପୁରୀ ଜିଲ୍ଲାର ଆଖପାଖ ଅଞ୍ଚଳରୁ ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଜିଲ୍ଲାର ସମସ୍ତ କୃଷି ଅଧିକାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାକ୍ଷୀଗୋପାଳ ଜିଲ୍ଲା କୃଷି ଅଧିକାରୀ ଡ. ପରେଶ୍ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଧକ୍କାରେ ଅଜଣା ବୃଦ୍ଧା ମୃତ

**ସାକ୍ଷୀଗୋପାଳ,୧୧।୧୦(ସମିସ):** ଶନିବାର ସନ୍ଧ୍ୟା ସାଢ଼େ ୭ଟା ସମୟରେ ବୀରପୁରୁଷୋତ୍ତମପୁର ଓ ସାକ୍ଷୀଗୋପାଳ ରେଳ ଷ୍ଟେସନ ମଧ୍ୟରେ ଥିବା ବୀରରାମଚନ୍ଦ୍ରପୁର ରେଳ ଲାଇନ୍ ପାଖାପାଖି କୌଣସି ଏକ ଟ୍ରେନ୍ ଧକ୍କାରେ ଜଣେ ଅଜଣା ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ପୁରୀ ରେଳ ସୁରକ୍ଷା ପୁଲିସ ବୃଦ୍ଧାଙ୍କ ଶବକୁ ଜବତ କରି ୩୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ସାକ୍ଷୀଗୋପାଳ ରେଳ ସୁରକ୍ଷା ଅଧିକାରୀ ଇନ୍ଦୁମତି ଶୁକ୍ଳା ସୂଚନା ଦେଇଛନ୍ତି। ମୃତକଙ୍କ ବୟସ ପାଖାପାଖି ୭୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେ ଧଳା ରଙ୍ଗର ପ୍ରିଣ୍ଟ ଥିବା ସୂତା ଶାଢ଼ି ଓ ଏକ ସବୁଜ ରଙ୍ଗର ବ୍ଲାଉଜ୍ ପିନ୍ଧିଛନ୍ତି। ଉଚ୍ଚତା ଅନ୍ୟୁନ ୫ ଫୁଟ ୨ ଇଞ୍ଚ୍। ମୁଣ୍ଡରେ ଚୁଟି ପାଚି ସମ୍ପୂର୍ଣ୍ଣ ଧଳା ପଡ଼ିଯାଇଛି। ଦୁର୍ଘଟଣାରେ ମୁହଁ ସମେତ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କ ଶବକୁ ଚିହ୍ନଟ ନିମନ୍ତେ ପୁରୀ ମେଡିକାଲରେ ସଂରକ୍ଷିତ ରଖାଯାଇଛି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ସାକ୍ଷୀଗୋପାଳ,୧୧।୧୦(ସମିସ):** ଶନିବାର ସକାଳ ୮ଟାରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପୁରୀ ପାତ୍ରସାହିର ସନ୍ତୋଷ ସାହୁ (୨୨)ଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସନ୍ତୋଷ କୌଣସି ଏକ କାର୍ଯ୍ୟରେ ସାକ୍ଷୀଗୋପାଳ ଆସି ବାଇକ୍ ଯୋଗେ ପୁରୀ ଫେରୁଥିଲେ। ବୀରଗୋବିନ୍ଦପୁର ଛକ ନିକଟରେ ହଠାତ୍ ଏକ ଗାଇ ତାଙ୍କ ବାଇକ୍ ଆଗକୁ ଚାଲିଆସିଥିଲା। ଏହି ସମୟରେ ସେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବାଦୀ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବାବେଳେ ଏ ସମ୍ପର୍କରେ ୩୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

## ବିଲରେ ଔଷଧ ପକାଉଥିବାବେଳେ ଟଳିପଡ଼ିଲେ ଚାଷୀ

### ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ସମସ୍ତ ସହଯୋଗ କରାଯିବ: ତହସିଲ୍‌ଦାର

**ସାକ୍ଷୀଗୋପାଳ,୧୧।୧୦(ସମିସ):** ଧାନ ବିଲରେ ଔଷଧ ପକାଉଥିବାବେଳେ ଟଳିପଡ଼ିଲେ ଜଣେ ଚାଷୀ। ଏଭଳି ଦୁଃଖଦ ଘଟଣା ଘଟିଛି ସତ୍ୟବାଦୀ ବ୍ଲକ୍ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ ବିଲସାହି ଗ୍ରାମରେ। ମୃତକ ଜଣକ ହେଲେ ଗ୍ରାମର ପ୍ରଫୁଲ୍ଲ କୁମାର ବିଶ୍ୱାଳ (୫୫)। ମୃତକଙ୍କ ପରିବାର ପକ୍ଷରୁ ସତ୍ୟବାଦୀ ଥାନାରେ ଅଭିଯୋଗ ହେବା ପରେ ସତ୍ୟବାଦୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତ ଚାଷୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟକେତନ ବେହେରା ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ୯ଟା ସମୟରେ ପ୍ରଫୁଲ୍ଲ ନିଜ ଧାନ ବିଲକୁ ପୋକମରା ଔଷଧ ପକାଇବାକୁ ଯାଇଥିଲେ। ବିଲରେ ଔଷଧ ପକାଉଥିବାବେଳେ ହଠାତ୍ ବିଲରେ ପଡ଼ିଯାଇଥିଲେ। ନିକଟରେ ଥିବା ଉକ୍ତ ଗାଁର ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ବିଲରୁ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅନ୍ୟ ପଦକ୍ଷେପ ନିଆଯିବ। ଅନ୍ୟପଟେ ଉକ୍ତ ଘଟଣା ସମ୍ପର୍କରେ ପୁରୀ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେପଟେ ସତ୍ୟବାଦୀରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପୁରୀ ସାଂସଦ ସମ୍ବିତ୍ ପାତ୍ର ପ୍ରଫୁଲ୍ଲଙ୍କ ମୃତ୍ୟୁ ଖବର ପାଇ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ସେଠାରେ ଉପସ୍ଥିତ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସମବେଦନା ଜଣାଇଥିଲେ। ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଅଶୋକ ରାଉତରାୟ, ସୋମନାଥ ମୁଦୁଲି, ତୋଫାନ ବେହେରା ଓ ନୀଳକଣ୍ଠ ବାରିକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରାଚୀ ତଟସ୍ଥ ମଠ, ମନ୍ଦିର ବିକାଶ ପାଇଁ ପର୍ଯ୍ୟଟନ ସଚିବଙ୍କ ଅନୁଧ୍ୟାନ

**ଚାରିଛକ,୧୧।୧୦(ସମିସ):** ପ୍ରାଚୀନଦୀ ତଟସ୍ଥ ମନ୍ଦିରଗୁଡ଼ିକର ବିକାଶ ପାଇଁ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ ପରିଦର୍ଶନ କରିଚନ୍ତି। ନିମାପଡ଼ା ବ୍ଲକ୍ ଚାରିଛକର ପ୍ରାଚୀ ଅବବାହିକାରେ ଅବସ୍ଥିତ ମଠ, ପ୍ରାଚୀନ ମନ୍ଦିର, ଗୋତୀର୍ଥ, ପଥପ୍ରାନ୍ତ ସୁବିଧା କେନ୍ଦ୍ର ଆଦିର ବିକାଶ ଓ ନିର୍ମାଣ ପାଇଁ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିମାପଡ଼ା ବ୍ଲକ୍ ତୁଳସୀପୁର ପଞ୍ଚାୟତ ଚଉରାଶୀଠାରେ ଥିବା ପ୍ରାଚୀନ ପୀଠ ବରାହୀ ମନ୍ଦିର, ଲଳିତ ମାଧବ, ଗୋତୀର୍ଥର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ଶନିବାର ଶ୍ରୀ ସିଂହ ଅନୁଧ୍ୟାନ କରିଛନ୍ତି। ଏଠାରେ ଉଲ୍ଲେଖ ଯେ, ଗତ କିଛିଦିନ ତଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରାଚୀନଦୀ ତଟରେ ଥିବା ମଠ, ମନ୍ଦିର ସବୁର ପୁନରୁଦ୍ଧାର ଓ ବିକାଶ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶନିବାର କମିଶନରଙ୍କ ଗସ୍ତ ସମୟରେ ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ଶ୍ୟାମସୁନ୍ଦର ନାୟକ, ଯତିନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସଭାପତି କୈଳାଶ ଚନ୍ଦ୍ର କର, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ସରପଞ୍ଚ ପ୍ରତିନିଧି ଅରକ୍ଷିତ ଭୋଇ, ଜ୍ୟୋତି ରଞ୍ଜନ ପାତ୍ର, ଦେବେନ୍ଦ୍ର ଦାଶ, ପୂଜକ ଜୟଦେବ ପାଣିଙ୍କ ସମେତ ପର୍ଯ୍ୟଟନ ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।



## ବାବା ବାଲୁଙ୍କେଶ୍ୱରଙ୍କ ବାର୍ଷିକ କ୍ଷୀର ସାଗର ମେଳା

**ନିମାପଡ଼ା,୧୧।୧୦(ସମିସ):** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଅରିଷଣ୍ଡଠାରେ ଥିବା ବାବା ବାଲୁଙ୍କେଶ୍ୱରଙ୍କ ଦ୍ୱିତୀୟ ବାର୍ଷିକ କ୍ଷୀର ସାଗର ମେଳା କୃଷ୍ଣପକ୍ଷ ପଞ୍ଚମୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅନୁଷ୍ଠାନର ସଭାପତି ଅଜୟ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ନୀତିନିୟମ ଅନୁସାରେ



ହୋଇଥିଲା। ଏହି ମେଳା ପ୍ରତିବର୍ଷ ଭଳି ଚଳିତ ବର୍ଷ ସକାଳୁ ବାବା ବାଲୁଙ୍କେଶ୍ୱରଙ୍କୁ ସ୍ନାନକରି ବେଲପତ୍ର ସହିତ ବିଭିନ୍ନ ପ୍ରକାର ଫୁଲରେ ସଜାଇ ସକାଳ ନୀତି କରାଯାଇଥିଲା। ପରେ ବିଭିନ୍ନ ଗ୍ରାମରୁ ଯାଦବମାନେ ଆଣିଥିବା କ୍ଷୀରକୁ ବାବା ବାଲୁଙ୍କେଶ୍ୱରଙ୍କ ଉପରେ ଢାଳି ସେହି କ୍ଷୀରରେ ଖିରି ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆଣିଥିବା ୧୨୦୦ ଲିଟରରୁ ଊର୍ଦ୍ଧ୍ୱ କ୍ଷୀରକୁ ବାବା ବାଲୁଙ୍କେଶ୍ୱରଙ୍କ ନିକଟରେ ଲାଗି କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଗୋପାଳମାନଙ୍କ ଦ୍ୱାରା ଲଉଡ଼ି ଖେଳ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ ଯୋଗଦେଇ ବାବାଙ୍କୁ ଦର୍ଶନ କରି ଅଞ୍ଚଳର ମଙ୍ଗଳକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସୁବାସ ବିଶ୍ୱାଳ, କୋଷାଧ୍ୟକ୍ଷ ମଧୁସୂଦନ ନାୟକ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଉଦ୍‌ଯାପିତ

**କଣାସ,୧୧।୧୦(ସମିସ)**

ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ପ୍ରକଳ୍ପ (ନିରାଶ୍ରୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳ)ରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ୫୯୫ ଜଣ ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ନେଇ ୭ ଦିନ ଧରି ସ୍ୱାସ୍ଥ୍ୟ ସପ୍ତାହ ଅନୁଷ୍ଠିତ ହୋଇଯାଇଥିବା ବେଳେ ଶୁକ୍ରବାର ଏହାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ, ସମ୍ମାନିତ ଅତିଥି ଭାବେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ ଯୋଗଦେଇଥିଲେ। କଣାସ ବ୍ଲକ୍




ମ୍ୟୁଜିକ୍ ଚେୟାର, ଉଚ୍ଚଡିଆଁ, ଲମ୍ବଡିଆଁ ଅନୁଷ୍ଠିତ ହେବା ସହ ସଚେତନତା ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପର ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ, ସୁଜାତା ବେହେରା, ସ୍ୱପ୍ନାଶ୍ରୀ ମହାନ୍ତି, ନମିତା ସ୍ୱାଇଁ, ଶୁଭଲକ୍ଷ୍ମୀ, ଲିପି ପ୍ରଧାନ, ସୁଶ୍ରୀଶିବାନୀ ଜେନା, ସୁନନ୍ଦା ପାଲଟାସିଂହ, କୃଳାନନ୍ଦ ଜେନା, ଶ୍ୱେତପଦ୍ମା ସାହୁ, ମାନସୀ ସେଠୀ, ଝିଲି ପରିଡ଼ା, ସୋନାଲି ସାହୁ, ଲତା ମଲ୍ଲିକ, ପ୍ରଦୀପ ପଟ୍ଟନାୟକ, ଶିବରାମ, ଚିତ୍ତରଞ୍ଜନ ପାଇକରାୟ, ଜି. ଜୟ କୁମାର, ବିଶ୍ୱଜିତ୍ ପ୍ରଧାନ, ସୁଜାତା ସୌମ୍ୟଶ୍ରୀଙ୍କ ସମେତ ସମସ୍ତ କେୟାରଟେକର ପୂର୍ଣ୍ଣ ସହଯୋଗ କରିଥିଲେ।

ସାଂସଦ ପ୍ରତିନିଧି ରାମଚନ୍ଦ୍ର ବେହେରା, ପୂର୍ବତନ ସମିତିସଭ୍ୟ ସୁକାନ୍ତ କୁମାର ବଳିୟାରସିଂହ, ପରିଚାଳନା ପରିଷଦ ସଦସ୍ୟ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମାନସିକ ରୋଗୀଙ୍କର କିପରି ଭାବେ ଯତ୍ନ ନେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଏହି କାର୍ଯ୍ୟକ୍ରମ ଉପରେ ସୁନ୍ଦର ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକଳ୍ପର ହିସାବ ରକ୍ଷକ ତପନ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମାନସିକ ଅସୁସ୍ଥ ଅନ୍ତେବାସୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ନୃତ୍ୟ, ଗୀତ, ରଙ୍ଗୋଲି, ଝୋଟି,

## ସରକାରୀ ଜାଗାରୁ ଦିବାଲୋକରେ ମାଟି ଚୋରାଚାଲାଣ

**ନୟାହାଟ,୧୧।୧୦(ସମିସ):** ରାଜସ୍ୱ ବିଭାଗକୁ ଠକିବା ପାଇଁ ସରକାରୀ ଛୁଟି ଦିନରେ ଅନାବାଦୀ ଜାଗାରୁ ଶତାଧିକ ଟ୍ରିପ୍ ମାଟି ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ମାସର ଦ୍ୱିତୀୟ ଶନିବାର ସରକାରୀ ଛୁଟି ଥିଲାବେଳେ ଏହାର ସୁଯୋଗ ନେଇ ଜଣେ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ବରିମୁଣ୍ଡ ଆର୍‌ଆଇ ସର୍କେଲ ଅଞ୍ଚଳର ବାଉଁଶ ପୋଖରୀ କେଳାସାହି ପଛପଟେ ଥିବା ପ୍ରାୟ ୩ ଏକର ଅନାବାଦୀ ଜମିରୁ ଜେସିବି ଦ୍ୱାରା ମାଟି ଖୋଳି ଟ୍ରାକ୍ଟର ଯୋଗେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲାଣ ହୋଇଥିବା ଦେଖିବାକୁ ମିଳିଛି। ସରକାରୀ ଛୁଟି ଦିନରେ ଟ୍ରାକ୍ଟର ଲଗାଇ ମାଟି ବୁହାଯିବା ନିତିଦିନିଆ ଘଟଣାରେ

- ସରକାରୀ ଛୁଟି ଦିନରେ ଚୋରାଚାଲାଣ ନିତିଦିନିଆ ଘଟଣା
- ୩ ଏକର ଅନାବାଦୀ ଜାଗା ଏବେ ଗଡ଼ିଆରେ ପରିଣତ



ପରିଣତ ହୋଇଛି। ଯାହା ଫଳରେ ଉକ୍ତ ସ୍ଥାନଟି ଗଡ଼ିଆରେ ପରିଣତ ହେଲାଣି। ସମ୍ପୃକ୍ତ ଜେସିବିଟି ମଧ୍ୟ ସ୍ଥାନୀୟ ଜନୈକ ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ଅନିଲ ମହାନ୍ତିଙ୍କୁ ଫୋନ୍ କରାଯାଇଥିଲେ ହେଁ ସେ ଫୋନ୍ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ। ବାରିମୁଣ୍ଡ ଆର୍‌ଆଇ ପ୍ରସନ୍ନ ବସ୍ତିଆଙ୍କ ଫୋନ୍ ବନ୍ଦ ଥିବାରୁ ତାଙ୍କର ମଧ୍ୟ ମତାମତ ନିଆଯାଇପାରି ନାହିଁ। ଯାହାଫଳରେ ସରକାରୀ ଛୁଟି ଦିନରେ ନିୟମିତ ଭାବେ ମାଟି ବିକ୍ରି ହେବା ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ମାଲାମାଲ୍ ହେଉଥିବାବେଳେ ସରକାରଙ୍କ ରାଜସ୍ୱ ହାନୀ ହେବାରେ ଲାଗିଛି। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ମାଟି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

୧୧/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୪,୪୮୮/- ସୁନା: ୦୨.୫୯୦ ଗ୍ରାମ୍ ରୁପା: ୦୮.୧୦୦ ଗ୍ରାମ୍



### ମାପଚୁପ ପରେ ଭୁଲିଗଲେ

# ପ୍ରଶସ୍ତ ହେଉନି ରାସ୍ତା; ଟ୍ରାଫିକ୍ ଜାମ୍‌ରେ ଅଣନିଃଶ୍ୱାସୀ ଲୋକେ



**ପୁରୀ,୧୧।୧୦(ସମିସ):** ପୁରୀ ସହରରେ ଜନସଂଖ୍ୟା ବଢୁଛି। ହେଲେ ତାହାକୁ ନଜରରେ ରଖି ରାସ୍ତାଘାଟ ସମ୍ପ୍ରସାରଣ ହେଉନି। ପୁରୀ ସହରରେ ଏକାଧିକ ବ୍ୟସ୍ତବହୁଳ ରାସ୍ତାଘାଟ ରହିଛି ଯେଉଁଠି ଯିବାଆସିବା କାଠିକାର ପାଠ ହୋଇଥାଏ। ବିଶେଷକରି ବାଲିସାହିରୁ ସ୍ୱର୍ଗଦ୍ୱାର ରାସ୍ତା, ଲୋକନାଥ ରୋଡ୍, ଦୋଳମଣ୍ଡପ ସାହି, ନବକଳେବର ରୋଡ୍ ଏବଂ ସିଟି ରୋଡ୍‌ରେ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ଉପୁଜିଥାଏ। ତେଣୁ ବିଗତ ସରକାର ସମୟରେ ଏହାର ବାସ୍ତବତାକୁ ଉପଲବ୍ଧି କରି କେତେକ ରାସ୍ତା ପ୍ରଶସ୍ତ କରାଯିବା ଲାଗି ଯୋଜନା କରାଯାଇଥିଲା। ତେବେ ସେଥିମଧ୍ୟରୁ ସିଟି ରୋଡ୍ ବା ଚକ୍ରତୀର୍ଥ ରୋଡ୍ ହେଉଛି ଅନ୍ୟତମ। ପ୍ରାୟ ୩ ବର୍ଷ ତଳେ ସିଟି ରୋଡ୍ (ସୁବାସ ବୋଷ ଛକରୁ ପେଣ୍ଠକଟା) ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଚିହ୍ନ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ଆରମ୍ଭ ହୋଇନାହିଁ। ଅପରପକ୍ଷେ ଦିନକୁ ଦିନ ଏହି ରାସ୍ତାରେ ଅଧିକ ସଂଖ୍ୟକ ଗାଡ଼ିମୋଟର ଚଳପ୍ରଚଳ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ପୁରୀ ସହରର ଅନ୍ୟତମ ବ୍ୟସ୍ତବହୁଳ ତଥା ସଂକୀର୍ଣ୍ଣ ରାସ୍ତା ସିଟି ରୋଡ୍ ପ୍ରଶସ୍ତୀକରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପୁରୀ ପୌରସଂସ୍ଥା ପକ୍ଷରୁ ବୈଠକ ବସି ସିଟି ରୋଡ୍‌ର ଉଭୟ ପାଶ୍ୱର୍ରେ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଘରୋଇ ଲୋକେ କରିଥିବା ଜବରଦଖଲ ହଟାଯିବାକୁ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ବିଭିନ୍ନ ଅଧିକାରୀ ଚକ୍ରତୀର୍ଥ ରୋଡ୍ ଅନୁଧ୍ୟାନ କରିଥିଲେ। କାରଣ ଏହି ରାସ୍ତା ସମ୍ପ୍ରସାରଣର ଗୁରୁତ୍ୱ ରହିଛି।

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପେଣ୍ଠକଟାରେ ତିଆରି ହୋଇଛି ଶ୍ରୀଜଗନ୍ନାଥ ଷ୍ଟାଡିୟମ୍। ଏଠାରେ ଘରୋଇ କ୍ରିକେଟ ସାଙ୍ଗକୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ଷ୍ଟାଡିୟମ୍‌କୁ ଯିବା ପାଇଁ ମୁଖ୍ୟ ରାସ୍ତା ହେଉଛି ସିଟି ରୋଡ୍। ଏହାବ୍ୟତୀତ ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ସଂଖ୍ୟାରେ ହୋଟେଲ ଥିବାରୁ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ତେଣୁ ଚକ୍ରତୀର୍ଥ ରୋଡ୍ ପ୍ରଶସ୍ତୀକରଣ ହେବା ଅତ୍ୟନ୍ତ ଜରୁରୀ ଥିବାରୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଆଇଟିଆଇ ଛକରୁ ହୋଟେଲ ସାନ୍ତ୍ୱନା ପର୍ଯ୍ୟନ୍ତ ୬୦ ଫୁଟିଆ ରାସ୍ତା ରହିବ। ସେହିପରି ହୋଟେଲ ସାନ୍ତ୍ୱନା ହୋଟେଲଠାରୁ ସୁବାସ ବୋଷ ଛକ ପର୍ଯ୍ୟନ୍ତ ୪୦ ଫୁଟିଆ ରାସ୍ତା ହେବ। ପ୍ରାଥମିକ ଭାବେ ଯେଉଁମାନେ ଜବରଦଖଲ କରିଛନ୍ତି ତାହା ମୁକ୍ତ ହେବ। ଆବଶ୍ୟକ ପଡ଼ିଲେ ଘରୋଇ ଜମି ଅଧିଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରାୟ ୩ ବର୍ଷ ହେବ ସିଟିରୋଡ୍‌ର ସ୍ଥିତି ଅନୁଧ୍ୟାନ କରିବା ସହ ମାପଚୁପ କରାଯାଇଥିଲା। ପେଣ୍ଠକଟାଠାରୁ ସୁନାର ଗୌରାଙ୍ଗ ପର୍ଯ୍ୟନ୍ତ ରାସ୍ତା ମାପଚୁପ ହୋଇ ଚିହ୍ନ ଦିଆଯାଇଥିଲା। ବିଶେଷକରି ଜବରଦଖଲ ହୋଇଥିବା ଜମିକୁ ଚିହ୍ନଟ କରାଯାଇଥିଲା। ସୁବାସ ବୋଷ ଛକ ପର୍ଯ୍ୟନ୍ତ ମାପଚୁପ ଓ ଚିହ୍ନଟ ସରିବା ପରେ ରାସ୍ତା ପ୍ରଶସ୍ତୀକରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହି ରାସ୍ତା ପ୍ରଶସ୍ତୀକରଣ ନେଇ ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ଆଗ୍ରହ ଦେଖାଉନାହିଁ। ଫଳସ୍ୱରୂପ ଦିନକୁ ଦିନ ଏହି ରାସ୍ତାରେ ଭିଡ଼ ଅଧିକ ହେଉଛି।

ସେହିପରି ନବକଳେବର ରୋଡ୍ ଅବସ୍ଥା ଆହୁରି ସଙ୍ଗିନ ହୋଇପଡୁଛି। ଯେହେତୁ ଏହି ରାସ୍ତା ଦେଇ ପୁରୀକୁ ଯାତ୍ରୀବାହୀ ବସ୍ ସମେତ ଅନ୍ୟ ଗାଡ଼ି ଯିବାଆସିବା କରିଥାଏ, ତେଣୁ ଏଠାରେ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ଉପୁଜେ। ବିଶେଷକରି ସନ୍ଧ୍ୟା ସମୟରେ ଯଦି କୌଣସି ସଂକୀର୍ଣ୍ଣ ସ୍ଥାନରେ ଦୁଇଟି ବସ୍ ପରସ୍ପରକୁ ଅତିକ୍ରମ କରନ୍ତି ଟ୍ରାଫିକ୍ ଜାମ୍ ଏପରି ହୁଏ ଯେ ନ କହିବା ଭଲ। ତେଣୁ ଜନଗହଳି ଏବଂ ବ୍ୟସ୍ତବହୁଳ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବା ପାଇଁ ସାଧାରଣରେ ଦାବି କରାଯାଉଛି।


## ପୁରୀରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଓ ଶ୍ରୀରାମ ମହାଯଜ୍ଞ



**ପୁରୀ,୧୧।୧୦(ସମିସ):** ପୁରୀର ନେବଳ ଦାସ ମଠ ପରିସରରେ ଆସନ୍ତା ୨୦୨୬ ଜାନୁଆରୀ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଓ ଶ୍ରୀରାମ ମହାଯଜ୍ଞ ଅନୁଷ୍ଠିତ ହେବ। ଏହାର ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ମଠ ପରିସରରେ ମହନ୍ତ ଡ. ରାମଚରଣ ଦାସଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତେବେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁମ୍ବଇ, ବାରଣାସୀ, ଅଯୋଧ୍ୟା, ବୃନ୍ଦାବନ, ନୈମିଷାରଣ୍ୟ, ହାଇଦରାବାଦ, କୋଲକାତା, ଓଡ଼ିଶା ତଥା ଭାରତ ବର୍ଷରୁ ସାଧୁସନ୍ଥ, ଜଗଦ୍‌ଗୁରୁ, ମହାମଣ୍ଡଳେଶ୍ୱର ଆଦି ମହାନ ସନ୍ଥଙ୍କର ସମାଗମ ହେବ। ଏହି ବୈଠକରେ ବିଭିନ୍ନ କମିଟି ଗଠନ ହେବା ସହିତ ଗଜପତି ମହାରାଜାଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ ଓ ସମାପନରେ ଓଡ଼ିଶାର ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ପାପୁଡ଼ିଆ ମଠର ମହନ୍ତ ମହାରାଜ, ରାଧେଶ୍ୟାମ ମଠ, କଟକୀ ମଠ, ରାଧାବଲ୍ଲଭ ମଠ, ଉତ୍ତରପାର୍ଶ୍ୱ ମଠ, ବଳରାମ କୋଟ ମଠ, ଭାଗବତ ଆଶ୍ରମ, ମଣିରାମ ମଠ, ମହିପ୍ରକାଶ ମଠ, ହାତୀ ଆଖଡ଼ା ମଠ ଆଦିର ମଠାଧୀଶମାନଙ୍କ ସହିତ ସମାଜସେବୀ ମନୋଜ ରଥ, ରାମଚନ୍ଦ୍ର ଦାସ ମହାପାତ୍ର, ବଦ୍ରି ମିଶ୍ର, ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ବିଷ୍ଣୁଦତ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସିଂହଦ୍ୱାର ସମ୍ମୁଖକୁ ଗାଡ଼ି ନେଲେ ଯୁବକ

**ପୁରୀ,୧୧।୧୦(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିତରକୁ ଗାଡ଼ି ନେବା ଉପରେ କଟକଣା ରହିଛି। ପ୍ରୋଟୋକଲ କିମ୍ବା ସେମିତି କିଛି ସ୍ୱତନ୍ତ୍ର ଅତିଥିଙ୍କ ଗାଡ଼ି ଏବେ ନିଆଯାଉଛି। ପୂର୍ବରୁ ଅତିବେଶୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ସମସ୍ତଙ୍କ ଗାଡ଼ି ଯାଉଥିଲା। ହେଲେ ଏବେ ଏହି କଟଣାକୁ ଆଉ କେହି ମାନୁନାହାନ୍ତି। ନେତା, ମନ୍ତ୍ରୀ, ଭିଆଇପିଙ୍କ ଗାଡ଼ି ଯାଇ ସିଂହଦ୍ୱାର ସମ୍ମୁଖରେ ଲାଗିଯାଉଛି। ନିକଟରେ ହସ୍ପିଟାଲରୁ ଆମ୍ବୁଲାନ୍ସରେ ଆସିଥିବା ଜଣେ ରୋଗୀଙ୍କ ଗାଡ଼ିକୁ କିନ୍ତୁ ମରିଚୀକୋଟ ଛକରୁ ଆଗକୁ ଛଡ଼ାଯାଇ ନ ଥିଲା। ଏଠି ମାନବିକତା ଦୃଷ୍ଟିକୋଣରୁ ସେହି ଆମ୍ବୁଲାନ୍ସକୁ ମନ୍ଦିର ପାଖକୁ ଛାଡ଼ିବା ଉଚିତ୍ ଥିଲେ ବି ପୁଲିସ ନିୟମର ନାଲିଆଖି ଦେଖାଇଥିଲା। ଫଳରେ ରୋଗିଣା ମା'କୁ ଆଣି ଆସିଥିବା ପୁଅ-ଝିଅ ଷ୍ଟ୍ରେଚରରେ ବଡ଼ଦାଣ୍ଡରେ ଠେଲି ଠେଲି ସିଂହଦ୍ୱାର ନିକଟକୁ ଆଣିଥିଲେ। ତାଙ୍କ ମା' ସେହିଠାରୁ ପତିତପାବନଙ୍କୁ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଥିଲେ। ଏହା କହିବାର ଅର୍ଥ ଅନେକ ସମୟରେ କଟକଣା କିନ୍ତୁ ତୁଳିକି ଯାଉଛି। ପ୍ରୋଟୋକଲ୍‌ରେ ନ ଥିବା ଏପରିକି ନେତା-ମନ୍ତ୍ରୀ ହୋଇ ନ ଥିଲେ ବି କିଛି ବ୍ୟକ୍ତିଙ୍କ ଗାଡ଼ି ମନ୍ଦିର ପର୍ଯ୍ୟନ୍ତ ଚାଲିଯାଉଛି। ଶୁକ୍ରବାର ରାତିରେ ଏକ କାର୍ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ସେଥିରେ ଥିବା ଜଣେ ଯୁବକଙ୍କୁ ପଚାରିବାରୁ ସେ ଶୁଣି ନ ଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ତେବେ ଟ୍ରାଫିକ୍ ପୁଲିସ ସେହି ଗାଡ଼ିକୁ ୨,୫୦୦ ଟଙ୍କା ଫାଇନ୍ କରିଛନ୍ତି। ଏହି ଗାଡ଼ିଟି ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ବିରଜା ପ୍ରସାଦ ପଣ୍ଡାଙ୍କର ବୋଲି ଜଣାପଡ଼ିଛି। ତେବେ ଗାଡ଼ିଟି ବିଭିନ୍ନ ଟ୍ରାଫିକ୍ ପୋଷ୍ଟ ଅତିକ୍ରମ କରି କିଭଳି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଗଲା ତାହା ହିଁ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଗୁଗଲ୍‌ରେ ଶ୍ରୀମନ୍ଦିର ମାରି ଆସିବାବେଳେ ବଡ଼ଦାଣ୍ଡ ଦେଇ ମନ୍ଦିର ପାଖକୁ ଦେଖାଉଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଗାଡ଼ିଟି ମନ୍ଦିର ପାଖକୁ ଯାଇଥିଲା। ତେବେ ଏ ନେଇ ଗୁଗଲ୍‌କୁ ଚିଠି କରାଯିବ। ଶ୍ରୀମନ୍ଦିର ମାରିଲେ ଏହା ମାର୍କେଟ ଛକ ପର୍ଯ୍ୟନ୍ତ ଯେପରି ଦେଖାଇବ। ଫଳରେ ଯିଏ ଆସିବେ ତାଙ୍କ ଗାଡ଼ି ସେହି ଲୋକେସନରେ ହିଁ ରହିବ।



**ଫାଇନ୍ କଟିଲା, ହେଲେ ଗାଡ଼ି ଗଲା କେମିତି?**

**ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି**

## ଯୁବଗୋଷ୍ଠୀଙ୍କୁ ନଚେଇଲେ ନାଭିଆ



**ପୁରୀ, ୧୧।୧୦ (ସମିସ):** ବାଲିଘାଟ ଜାଗେଶ୍ୱରୀ ଛକସ୍ଥିତ ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୮ ତମ ମା' ଗଜଲକ୍ଷ୍ମୀ ଦେବୀଙ୍କ ପୂଜା ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ନାଭିଆ ଜେଟି ଓ ତାଙ୍କ ଗ୍ରୁପ୍। ନାଭିଆ ଏବଂ ସାଥୀଙ୍କ ଫସିଗଲା ଅଭିମନ୍ୟୁ ଫସିଗଲାରେ... ଓ ସଙ୍ଗିନୀରେ ରାସ ରଙ୍ଗିନୀରେ ଗୀତରେ ଝୁମିଥିଲେ ଦର୍ଶକ। ଏକାଧିକ ହିଟ୍ ସଙ୍ଗୀତ ଯୁବଗୋଷ୍ଠୀଙ୍କୁ ମତୁଆଲା କରିଥିଲା। ତେବେ ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି (ପୌରାଞ୍ଚଳ) ରବି ଦାସ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ସଂଗ୍ରାମ ପରିଡ଼ା, ପୂର୍ବତନ ସାଧାରଣ ସମ୍ପାଦକ (ସହରାଞ୍ଚଳ) ସଂଗ୍ରାମ କାନୁନ୍‌ଗୋ। ପୂର୍ବତନ ପୌର ସଦସ୍ୟ ବାବୁଲା ପ୍ରସାଦ, ଜିଲ୍ଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ବିଜେପି ସଦସ୍ୟ ସର୍ବେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଭୂତିଭୂଷଣ ସେଠୀ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଉପସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ଅଶୋକ ସୁବୁଦ୍ଧି, ସଞ୍ଜିତ୍ ସାହୁ, ହିମାଂଶୁ ମୁଦୁଲି, ଭିକାରୀ ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଦିବସ ସମାରୋହ

**ପୁରୀ,୧୧।୧୦(ସମିସ):** ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ସମାରୋହ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ଜିଲ୍ଲାର ୧୦୯ ବର୍ଷୀୟ ଲକ୍ଷ୍ମୀଧର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ ପିତାମାତାମାନେ ବୟସର ଅପରାହ୍ଣରେ ଉପନୀତ ହେବା ବେଳକୁ ପିଲାମାନେ ବାହାରେ ରହି କର୍ମମୟ ଜୀବନକୁ ଆପଣାଉଛନ୍ତି। ଫଳରେ ପିତାମାତା ଅବହେଳିତ ହେଉଛନ୍ତି। ତେଣୁ ବୃଦ୍ଧ ପିତାମାତାଙ୍କର ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ ନେଲେ ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି ହେବ ବୋଲି କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସରକାର ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ସୁବିଧା କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବୃଦ୍ଧାଶ୍ରମଠୁ ନେଇ ମାଗଣାରେ ତୀର୍ଥଯାତ୍ରାର ସୁବିଧା କରାଯାଉଛି ବୋଲି କହିଥିଲେ। ବୃଦ୍ଧବୃଦ୍ଧାମାନେ ଯୋଗ, ବ୍ୟାୟାମ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦାସକାଠିଆ, ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଜିଲ୍ଲା କଲ୍ୟାଣ ଅଧିକାରୀ ମମତାରାଣୀ ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ସେନାପତିଙ୍କ ସମେତ ଜିଲ୍ଲାର ବରିଷ୍ଠ ନାଗରିକ ବୃନ୍ଦ ଯୋଗଦେଇଥିଲେ।

## ସଦାଶିବ ପରିସରରେ ଆଜିଠୁ ତିନିଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ

**ପୁରୀ,୧୧।୧୦(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀ ଓଡ଼ିଶା ଓ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ନୂଆଦିଲ୍ଲୀର ସଂଯୁକ୍ତ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ରବିବାରଠାରୁ ଶ୍ରୀସଦାଶିବ ପରିସରରେ ଆରମ୍ଭ ହେବ। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ଏହି ସଂଗୋଷ୍ଠୀ ତିନିଦିନ ଧରି ଚାଲିବ। ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ତାହାର ସ୍ଥାପନା ସମୟରୁ ଚରିତ୍ର ଗଠନ ଏବଂ ବ୍ୟକ୍ତିତ୍ୱ ବିକାଶ ନେଇ କାର୍ଯ୍ୟ କରୁଛି। ଏହି ବିଷୟରେ ଏକାଧାରରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓ ଉଚ୍ଚଶିକ୍ଷା ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରି ସମଗ୍ର ଦେଶରେ ୫୦୦ରୁ ଅଧିକ କର୍ମଶାଳା ଆୟୋଜନ କରିଛି। ଏହି ବିଷୟରେ ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ଦେଶର ଅନେକ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍ଥାନ ସହିତ ଏମ୍‌ଓୟୁ ମଧ୍ୟ କରିଛି। ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ତାହାର ଆରମ୍ଭ ସମୟରୁ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାର କରି ବର୍ତ୍ତମାନ ଓ ଭବିଷ୍ୟତର ଆଧୁନିକ ଆବଶ୍ୟକତାଙ୍କ ସହ ମିଶାଇ, ଦେଶର ଶିକ୍ଷାକୁ ଏକ ନୂଆ ପରିକଳ୍ପନା ଦେଇ ଭାରତୀୟ ଶିକ୍ଷାର ପୁନରୁତ୍ଥାନ ପାଇଁ ପ୍ରୟାସ ଚଳାଇ ଆସୁଛି। କେବଳ ଜୀବିକା ଉପାର୍ଜନ ନୁହେଁ ବରଂ ମଣିଷକୁ 'ସମ୍ପୂର୍ଣ୍ଣ ମଣିଷ' ଭାବେ ଗଢ଼ିତୋଳିବା ଭାରତରେ ଶିକ୍ଷାର ଉଦ୍ଦେଶ୍ୟ ଥିଲା। ନ୍ୟାସର ମତ ହେଉଛି ଯେ, ଶିକ୍ଷାର ପ୍ରତ୍ୟେକ ସ୍ତରରେ ଭାରତୀୟ ସଂସ୍କୃତି, ପରମ୍ପରା, ସାମ୍ବିଧାନିକ ଏବଂ ନୈତିକ ମୂଲ୍ୟବୋଧକୁ ସମ୍ମିଳିତ କରି ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ସୁନିଶ୍ଚିତ କରାଯିବ। ବର୍ତ୍ତମାନ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ୧୧ଟି ବିଷୟ, ୩ଟି ଆୟାମ, ୩ଟି କାର୍ଯ୍ୟ ବିଭାଗ ଓ ୨ଟି ଅଭିଯାନ ଉପରେ କାର୍ଯ୍ୟ କରୁଛି।

## ଶ୍ରୀରାମ ଚରିତ ମାନସ ପ୍ରବଚନ ଶୁଭାରମ୍ଭ



**କଣସ,୧୧।୧୦(ସମିସ):** କଣାସ ବ୍ଲକ୍ ଗଡ଼ିଶାଗୋଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ରାସବିହାରୀ ମଣ୍ଡପରେ ୨୭ତମ ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ ଓ ଶ୍ରୀରାମ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଦୟାନଦୀରୁ କଳସ ଶୋଭାଯାତ୍ରା ପଟୁଆରରେ ଆସି ୬୧ କଳସ ମହାଦେବଙ୍କ ପ୍ରାଙ୍ଗଣରେ ସ୍ଥାପନା ହୋଇଛି। ଗୋସ୍ୱାମୀ ତୁଳସୀ ଦାସ କୃତ ଗ୍ରନ୍ଥ ପାରାୟଣ ଆରମ୍ଭ ହୋଇଛି। ସନ୍ତୋଷିନୀ ମିଶ୍ର, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ରୀନାରାଣୀ ନାୟକ, ରମାକାନ୍ତ ହୋତା ପ୍ରମୁଖ ପ୍ରବଚନ ଦେଉଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖରେ ଉଦ୍‌ଯାପନ ହେବ ବୋଲି ମହାଦେବ ରାମକଥା ପରିଷଦ ପକ୍ଷରୁ ସମ୍ପାଦକ ଦିଗମ୍ବର ପ୍ରଧାନ ସୂଚନା ଦେଇଛନ୍ତି।

● ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

## ସୁନ୍ଦର ଭବିଷ୍ୟତ ଗଢ଼ିବା ଉପରେ ଗୁରୁତ୍ୱ

**ପୁରୀ,୧୧।୧୦(ସମିସ):** ସ୍ଥାନୀୟ ସଦ୍‌ଭାବନା ସଭା ଗୃହ ପରିସରରେ ଶନିବାର ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର ଭାବେ ଗଢ଼ିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକ୍‌ର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ୫୦ ଜଣ କିଶୋରୀ ବାଳିକା ଯୋଗଦେଇଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ଗୀତ, ନାଚ, ପ୍ରଶ୍ନ ଉତ୍ତରର ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣ କିଶୋରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥିବା ବିଜୟଲକ୍ଷ୍ମୀ ବଡ଼ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜକୁ କନ୍ୟା ସନ୍ତାନ ଦିବସ ଅବସରରେ ଆଜିର ବାର୍ତ୍ତା ଥିଲା 'ମୋର ସ୍ୱର ମୋର ଅଧିକାର, ମୁଁ ହେଉଛି ସେଇ ଝିଅ, ଯେଉଁ ପରିବର୍ତ୍ତନର ମୁଁ ନେତୃତ୍ୱ ନେଉଛି, ସଙ୍କଟର ଆଗ ଧାଡ଼ିରେ ଝିଅମାନେ'। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପରିଚାଳନା କରିଥିଲେ। ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପରିଦର୍ଶିକା ବଲ୍ୟବତୀ ମହାନ୍ତି, ଡିସି ପୋଷଣ ସସ୍ମିତା କରମକାର, ଡିପିସି ମମତା ପ୍ରଣତୀ ମହାନ୍ତି, ଡିସି ବିଦ୍ୟାଧର ମଲ୍ଲିକ, ରଶ୍ମି ରଞ୍ଜନ ନାୟକ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଶିକ୍ଷଣ ସଂସ୍ଥାନରେ ପ୍ରଶିକ୍ଷଣ ସମୀକ୍ଷା

**ପୁରୀ,୧୧।୧୦(ସମିସ):** ଜନ ଶିକ୍ଷଣ ସଂସ୍ଥାନ ପୁରୀ କାର୍ଯ୍ୟାଳୟରେ ଶନିବାର ଭାରତ ସରକାରଙ୍କ ତରଫରୁ ପିଏମ୍ ବିଶ୍ୱକର୍ମା ଓ ସ୍କିଲ୍ ହବ୍‌ର ମିଳିତ ଆନୁକୂଲ୍ୟରେ ଅରୁଣ ଜେଟ୍‌ଲୀ ଅନ୍ତର୍ଜାତୀୟ ସର୍ଭେକାରୀ ସଂସ୍ଥା ତରଫରୁ ଆଶିଷ କୁମାର ସିଂ ଓ ଚିତ୍ତରଞ୍ଜନ ସହାୟ ବିଭିନ୍ନ ହିତାଧିକାରୀଙ୍କ ପିଏମ୍ ବିଶ୍ୱକର୍ମାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣର ସମୀକ୍ଷା କରିଥିଲେ। ସେହିପରି ବର୍ତ୍ତମାନ ସେମାନଙ୍କର ସ୍ଥିତି, ନିଯୁକ୍ତି, ପ୍ରଶିକ୍ଷଣ ପରବର୍ତ୍ତୀ ସୁବିଧା ଆଦି ବିଷୟରେ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ କେତେକ ପ୍ରଶିକ୍ଷାର୍ଥୀ କିଭଳି ସେମାନଙ୍କର ଟୁଲ୍‌କୀଟ୍ ପାଇପାରିବେ ଓ କିଭଳି ବିଭିନ୍ନ ବ୍ୟାଙ୍କ ସହିତ ଯୋଗାଯୋଗ କରି ହିତାଧିକାରୀ ଋଣ ପାଇପାରିବେ ଏବଂ ସେମାନଙ୍କର ଦକ୍ଷତାକୁ ବୃଦ୍ଧି କରି ଅଧିକ ସ୍ୱାବଲମ୍ବନଶୀଳ ହେବେ ସେ ବିଷୟରେ ଆଲୋଚନା କରିଥିଲେ। ସେହିଭଳି କେତେକ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ।

## ନିୟମିତ ଯୋଗାଭ୍ୟାସ କରିବାକୁ ପରାମର୍ଶ

**ପୁରୀ, ୧୧।୧୦ (ସମିସ):** ସ୍ଥାନୀୟ ହୁଲୁହୁଳିଆ ପୋଲ ନିକଟସ୍ଥ କ୍ରିଷ୍ଣା ଗାର୍ଡେନଠାରେ ଭାରତୀୟ ଯୋଗ ସଂସ୍ଥାନ ପୁରୀ ଯୋଗ ଜିଲ୍ଲା ଦ୍ୱାରା ୫୯ତମ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଅମରେନ୍ଦ୍ର ରଥ ଯୋଗଦେଇ ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ଯୋଗାଭ୍ୟାସ କରିବା ସହ ଯୋଗକୁ କିଭଳି ଭାବେ ସମସ୍ତଙ୍କ ପାଖରେ ପହଞ୍ଚାଯାଇପାରିବ ସେ ଉପରେ ଉପଦେଶ ଦେଇଥିଲେ। ଏହି ଅବସରରେ ଓଡ଼ିଶା ପ୍ରାନ୍ତ ବରିଷ୍ଠ ସଦସ୍ୟଙ୍କ ସହ ପୁରୀ ଯୋଗ ଜିଲ୍ଲା ଉପଦେଷ୍ଟା ବିବିରାମ ସ୍ୱାଇଁ, ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ର, ଜିଲ୍ଲା ମନ୍ତ୍ରୀ ସଦାଶିବ ଦାସ, ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତରାୟ, ଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା ଓ କେନ୍ଦ୍ରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ପୁରୀ ଯୋଗ ଜିଲ୍ଲା ଶତାଧିକ ସାଧକ ଓ ସାଧିକା ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ୍, ପ୍ରାଣାୟାମ ଓ ଧ୍ୟାନର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ। ମୁଖ୍ୟଅତିଥି, ପ୍ରାନ୍ତ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ, ସମସ୍ତ ବରିଷ୍ଠ ପଦଧିକାରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ

**ପୁରୀ,୧୧।୧୦(ସମିସ)**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଶନିବାର ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ କରିଥିଲେ। ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ରରେ ପହଞ୍ଚିବା ପରେ ରାଜସ୍ୱ ଆୟୁକ୍ତଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱାଗତ କରିବା ସହ ହବିଷ୍ୟାଳି କେନ୍ଦ୍ରକୁ ପାଛୋଟି ନେଇଥିଲେ। ରାଜସ୍ୱ ଆୟୁକ୍ତ ହବିଷ୍ୟାଳି ମା'ମାନଙ୍କ ରହଣୀ ସ୍ଥାନକୁ ବୁଲି ଦେଖିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କ ଆବଶ୍ୟକତା, ଅସୁବିଧା, କୌଣସି ସମସ୍ୟା ଅଛି କି ବୋଲି ପଚାରିଥିଲେ। ହବିଷ୍ୟାଳି ମା'ମାନେ ଭଲରେ ରହିଥିବା ପ୍ରକାଶ କରିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନ୍ଦର ଭାବେ କରାଯାଇଛି ବୋଲି କହିଥିଲେ। ଭୋରୁ ବୃନ୍ଦାବତୀ ପୂଜା ପରେ ମା'ମାନଙ୍କୁ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ସ୍ୱତନ୍ତ୍ର ବସ୍ ମାଧ୍ୟମରେ ମନ୍ଦିରକୁ ନେବା, ମନ୍ଦିରରେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରାଇବା, ମହାପ୍ରସାଦ ସେବନ କରାଇବା, ଭଜନ କୀର୍ତ୍ତନର ବ୍ୟବସ୍ଥା ଇତ୍ୟାଦି ସବୁ ଖୁବ୍ ଭଲ ଭାବେ କରାଯାଇଛି ବୋଲି ମା'ମାନେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ନିବାସ ମଧ୍ୟରେ ଦୀପ ନ ଜଳାଇ ସମସ୍ତ ମା' ବାହାରେ ସୁରକ୍ଷିତ ଭାବେ ଦୀପ ଜଳାଇବାକୁ ସେ ମା'ମାନଙ୍କୁ ଅନୁରୋଧ କରିଥିଲେ। ଏହାକୁ ତତ୍ତ୍ୱାବଧାନ ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ଆୟୁକ୍ତ ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମା'ମାନଙ୍କର ସମସ୍ତ ସେବାରେ ଯେପରି କୌଣସି ଅଭାବ ଅସୁବିଧା ନ ରୁହେ ସେଥିପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ରାଜସ୍ୱ ଆୟୁକ୍ତଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।



# ଲାଇନମ୍ୟାନ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ସେଦିନ ଅଧରାତିରେ ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମରଟା ହଠାତ୍ ପୋଡ଼ିଗଲା। ଗାଁଟା ସାରା ଅନ୍ଧାର। ଏଇବେଳେ କୋଉ ଇଲେକ୍ଟ୍ରି ଅଫିସ୍‌ରୁ କର୍ମଚାରୀ ଧାଇଁ ଆସିବେ ଯେ, ଏ ମଫସଲ୍ ଗାଁକୁ? କାହାର କ'ଣ ଯାଉଛି, ଇଲେକ୍ଟ୍ରି ଅଫିସ୍‌ରେ ଯାଇ ଫେରାଦ ଦବ! ଘରେ ଘରେ ହିଟର୍, ପ୍ରତି ପାଞ୍ଚ ମିଟରକୁ ପାଞ୍ଚ ମିଟର ଛାଡ଼ି ମେନ୍ ଲାଇନ୍ ତାର ଉପରେ ଜମ୍ପର। ଇଲେକ୍ଟ୍ରି ଅଫିସର୍ ଆଇଲା ମାନେ ସବୁ ଚୋରି ଧରା ପଡ଼ିବା ସୁନିଶ୍ଚିତ। ତେଣୁ କିଏ ଯିବ ହାତରୁ ଖାଇ ବାଟରେ ଗଡ଼ିବାକୁ? ସେଇ ଭିଡ଼ ଭିତରୁ କିଛି ଜଣ କହୁଥାନ୍ତି ଆରେ ଏତେ କଥା କ'ଣ, ଆମ ସନାର ବାଁ ହାତର ଖେଳ ବା ଇଏ। ଡାକରେ ସନା ଲାଇନିବାଲାକୁ ଡାକ।

× × ×

-"ମା' ତ କହୁଥିଲା ତମେ କାଳେ ହାପୁଲେ ପାଠ ପଢ଼ିଛ? ବଡ଼ ଚାକିରି କରିଛ? କିନ୍ତୁ ଏ ଲାଇନବାଲା କ'ଣ?"

-"ଆରେ ସେଇଟା ଲାଇନମ୍ୟାନ୍। ତୁ ସହରରେ ପାଠ ପଢ଼ି ବେଶିକୁ କେମିତି ହାପୁଲେ କହୁଛୁ! ଏ ଗାଁ ଲୋକେ ବି ଠିକ୍ ସେମିତି ଲାଇନମ୍ୟାନ୍‌କୁ ଲାଇନବାଲା କହୁଛନ୍ତି।" ଖାଉ ଖାଉ ମାମୁଁ କହିଲେ।

- "ସେ ଯାହା ହଉ ତମେ ତ ଡକ୍ଟର କି ଇଞ୍ଜିନିଅର୍‌ଟେ ହେବାକଥା କିନ୍ତୁ ଏ ଲାଇନ୍‌ମ୍ୟାନ କ'ଣ?"

-"ଇଏ ଡକ୍ଟର, ଇଞ୍ଜିନିଅରଠୁ ବି ଆହୁରି ବଡ଼ ଚାକିରି... ତୋ ମା' କହିନି ତୋତେ? ହଉ ଆଉ ବେଶି ମୁଣ୍ଡ ଖର୍ଚ୍ଚ କରେନା, ଯା ଶୋଇପଡ଼ିବୁ।"

ପ୍ରତିଦିନ ବଡ଼ିଭୋରରୁ ଗୋଟେ ଝୁଲା ଭର୍ତ୍ତି ଯନ୍ତ୍ରପାତି ଧରି ମାମୁଁ ବାହାରି ଯାଆନ୍ତି ଗାଧୋଇପାଧୋଇ। ଫେରନ୍ତି ଗୋଟାଏ ମଳିମୁଣ୍ଡିଆ ଲୋକଟେ ଭଳି ଠିକ୍ ଅଧରାତିରେ। ଖାଇବା ବଢ଼ା ହେଇ କେତେ ବେଳୁ ଥୁଆ ହେଇଥାଏ ମାଣ୍ଡିଆ ତଳେ। ମୁଁ କିଛି ପଚାରିବି ବୋଲି ଭାବି ଭାବି ଶୋଇଯାଏ ସେ ଫେରିବା ପୂର୍ବରୁ।

ମାମୁଁଙ୍କ ରୁମ୍ ସାରା ଯୁଆଡ଼େ ଚାହିଁବ କେବଳ ବହି ହିଁ ବହି। ସେଥିରୁ ଗୋଟେ ବହି ଏପଟସେପଟ ହେଇଗଲେ ଘରସାରା ସେଦିନ ତୁମ୍ବିତୋଫାନ।

ମୁଁ ଥରେ ଆଈଙ୍କୁ ପଚାରିଲି- "ଏତେ ସାରା ବହି ନେଇ ମାମୁଁ କରନ୍ତି କ'ଣ?"

ଆଈ କହେ – "ସେ ବହୁତ ପଢ଼େ। ସ୍କୁଲ,କଲେଜରେ ଫାଷ୍ଟ ହଉଥିଲା। ଏଇ ପାଠ ପାଇଁ ଆମ ଗାଁ ସରପଞ୍ଚ ବଳ ବାବୁଙ୍କଠୁ କେତେ ଯେ ପୁରସ୍କାର ପାଇଛି, ତାର ହିସାବ ନାହିଁ।"

-"ବେଶି ପାଠ ପଢ଼ିଲେ କ'ଣ ଲାଇନ୍‌ମ୍ୟାନ ହୁଅନ୍ତି, ଆଈ?"

ଆଈ ଆଖିରେ ଜକେଇ ଆସେ ଲୁହ, ମୁଁ ପଚାରି ପାରେନି କାହିଁକି?

ଆଜି ମାମୁଁ ଘରୁ ବାହାରୁଥିବାବେଳେ ମୁଁ କହିଲି: "ଆଜି ମୁଁ ତୁମ ସହିତ ଯିବି ମାମୁଁ, ତୁମ ଅଫିସ୍‌କୁ।"

-"କୋଉ ଅଫିସ୍?"

-" ଏଇ ତମର ସେ ଅଫିସ୍, ଯାହା ରବିବାର ବି ଖୋଲା ରହେ! ଯୋଉ ଅଫିସରେ ବଡ଼ି ଭୋର୍‌ରୁ ରାତି ଯାଏଁ କାମ ଲାଗିରହେ!

-"ଆରେ ଗଧି, ବିନା ଫ୍ୟାନ୍‌ରେ ତୁ ମୁହୂର୍ତ୍ତେ ରହିପାରୁଛୁ? ଆମେ ଦିନରାତି କାମ ନ କଲେ ତୁ କ'ଣ ଆଲୁଅ ଦେଖିପାରିବୁ? ଯା ଯା ପଢ଼ିବୁ।"

- "ଅଜା, ମାମୁଁଙ୍କ ବାହାଘର କାହିଁକି କରିଦେଉନ ଯେ? ମାଇଁ ଆସିଲେ ଆଉ ଏମିତି ଚିଡ଼ନ୍ତେନି ମାମୁଁ। ଯେତେବେଳେ ଦେଖ ଖାଲି ପଢ଼ ପଢ଼ ପଢ଼।"

-"ନିଜେ ପଢ଼ିକି କ'ଣଟା ଓପାଡ଼ି ପକେଇଛି କି? ବାବୁ ଦିନେ ଓଏଏସ୍ ଅଫିସର୍ ହେବାର ଦିବାସ୍ୱପ୍ନ ଦେଖୁଥିଲେ ଏବେ ରେଞ୍ଚି, ସ୍କୁ ଡାଇଭର ଝୁଲା ଧରି ଗାଁ ଗାଁ ବୁଲା ହଉଛି! ଛିଃ ଛିଃ ଛିଃ। ଘରର ବଡ଼ ପୁଅ ହେଇ ଇଜ୍ଜତ ବଢ଼େଇବ କ'ଣ ! ଯାହା ଟିକକ ଥିଲା ତାକୁ ବି ମାଟିରେ ମିଶେଇ ଦେଲା!"

- "ଆଉ ଦି ଦିନ ପରେ ସାବିତ୍ରୀ ବ୍ରତ। ଘରେ ଭାଇଟିଏ ଥିଲେ ବାହା ହେଲା ଭଉଣୀକୁ ସାହସ। ମାସେ ଆଗରୁ ଭାରଥୁର ପହଞ୍ଚି ଯିବା କଥା। କୋଉଠୁ କ'ଣ ଆସିବ ସେକଥା କଣ ଚିନ୍ତା ଅଛି ବାବୁଙ୍କର?"

ଅଜାଙ୍କଠୁ ଏମିତି ଉତ୍ତରଟେ ମୁଁ କେବେ ବି ଆଶା କରିନଥିଲି! କେଜାଣି କେମିତି ଲାଗିଥିବ ମାମୁଁଙ୍କୁ??

ଓହୋ କେତେ ଟିଙ୍ଗ୍ ଟିଙ୍ଗ୍ କରୁଛି ସେ ଜରିବାଲାଟା ସକାଳୁ ସକାଳୁ! ମୁଁ ଯାଇ ଦେଖେତ ମାମୁଁ ବହିଖାତା ସବୁ ଗୋଟି ଗୋଟି କରି ପକାଉଛନ୍ତି ଦଣ୍ଡିରେ। ଖାଲି ଡାଏରୀ ଖଣ୍ଡକ ଛଡ଼ା।

-" ମାମୁଁ ତମେ ଏସବୁ ବିକି ଦଉଚ! ଆଈ ତମେ ବି ବସିଛ ଏଇଠି ଠାକୁର ଭଳି?"

- "ହଁ ଆଉ କ'ଣ କରିବି?" ମାମୁଁଙ୍କ ରୁଦ୍ଧ ଗଳାରେ ଉତ୍ତର।

-"ହେଲେ ତମେ କାହିଁକି ବିକି ଦଉଚ? ଜାଣିଚ ବହି ବିକିଲେ ପାଠ ହୁଏନି!"

-"ହାଃ ହାଃ... ମୁଁ କ'ଣ ପାଠ ପଢୁଛି,ନା ପଢ଼ିବି ଆଉ? ମୁଁ ପା ଚାକିରି କଲିଣି!"

ମୁଁ ଆଉ କିଛି ପଚାରିଥାନ୍ତି ହେଲେ ଠିକ୍ ସେଇ ସମୟରେ ଗୋଟେ ଅଦ୍ଭୁତ ବେଶଧାରୀ ଲୋକଟେ ଗେଟ୍ ଭିତରକୁ ପଶିଆସି ପଚାରିଲା-"ଏଇଟା ସନା ଲାଇନ୍‌ବାଲାର ଘର ନା?"

ମୋ ଆଈର ଲୁଗାକାନିରେ ହାତପୋଛି ମାମୁଁ ଗଲେ ସେ ଲୋକ ପାଖକୁ। କିଛି ସମୟ ପରେ ଫେରି ଆସିଲେ ତାଙ୍କ ଯନ୍ତ୍ରପାତି ଝୁଲାଟିକୁ ନେବା ପାଇଁ।

ଆଈ କହିଲେ : "କିରେ କ'ଣ ଖାଇଦେଇ ଯା!"

"ଆଜି ଗୋଟେ ବଡ଼ କାମ ହାତରେ ଲାଗିଛି। ଫେରୁ ଫେରୁ ଅଧରାତି ହେଇଯାଇପାରେ। ମୋତେ ଅନେଇ ବସିବୁନି। ଆଉ ହଁ ଯେତିକି ଟଙ୍କା ହେଲା ଏ ବହି ବିକାରୁ, ଦି ନାନୀ ଘରକୁ ଭାର ପାଇଁ ଦେଇଦବୁ। ଏତିକି କହି ଆଗେଇ ଯାଉଥିବା ବେଳେ ହଠାତ୍ ପଛକୁ ମୋଡ଼ି ମୋତେ ଚାହିଁ କହିଲେ, ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ... ।"

× × ×

ଦୂରରୁ ମାଇକରେ ଖଣ୍ଡି ଖଣ୍ଡି ଶୁଭୁଛି ଅଗାପୁରରେ ରଙ୍ଗମହଲ ଯାତ୍ରାର ସଂଳାପ। ଯା ଭିତରେ ସତର ଥର ମାମୁଁଙ୍କ ଫେରିବା କଥା ପଚାରି ଗଲେଣି ଅଜା। ଆଈ ବସିଛି ବାଟପାଖ ପିଣ୍ଡାରେ ଡେରା ଦେଇ। ମୁଁ ମଝିରେ ମଝିରେ କହୁଥାଏ: "ଆଈ ଘରକୁ ପଳେଇବା ଚାଲ, କାକର ପଡ଼ିଲାଣି।"

ତାଟି ପାଖରୁ ଘେରାଏ ବୁଲିଆସି ଅଜା କହୁଥିବେ: "ଏ ଟୋକାର କ'ଣ ଚିନ୍ତା କିଛି ଅଛି? ରାତି ଆସି କେତେଟା ହେଲାଣି?"

ଫର୍ଚ୍ଚା ଫର୍ଚ୍ଚା ଦିଶିଲାଣି ଆକାଶ। ଅଗାପୁର ଯାତ୍ରା ଭାଙ୍ଗିଲାଣି। ଧାଡ଼ିବାନ୍ଧି ଫେରୁଛନ୍ତି ଯେ ଯା ଗୋଠକୁ। ହଁ ମ ମଦୁଆଟେ ତ! ସବୁଦିନ ତ ମଦ ପିଇ ଫେରୁଥିଲା ଘରକୁ, କିଏ କହୁଥିଲା ମଦ ପିଇ ଇଲେକ୍ଟ୍ରି ଖୁଣ୍ଟି ଚଢ଼ିବାକୁ! ଆଉ କିଏ ତାଳ ଦେଇ କହୁଥିଲେ, ହଁ ମ ବୁଢ଼ା ବାପ ମାଆ କର୍ମରେ ଏଇୟା ଥିଲା ଶେଷକୁ! କି ପାପ କରିଥିଲେ କେଜାଣି?

ମୋ ଆଖିରେ ଲୁହ,ଆଈ ଆଖିରେ ଲୁହ।

ଏଇବେଳେ ଭିଡ଼ ଭିତରୁ କେହି ଜଣେ କହି ଉଠିଲା: "ସନା ଲାଇନ୍‌ବାଲା ଅମର ରହେ।" ଆଉ ସହିପାରିଲିନି ମୁଁ, ଚିତ୍କାର କରି କହି ଉଠିଲି: "ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ, ଲାଇନ୍‌ମ୍ୟାନ,ଲାଇନ୍‌ମ୍ୟାନ!! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍: ୭୫୬୦୦୧
ମୋ: ୭୭୮୮୯୭୭୨୭୬

# କାଳିଜାଈ

ଅଜୟ ସ୍ୱାଇଁ



ଭୋକିଲା ଚଢ଼େଇ ପଲ
କୁଆଡୁ ଭାସିଆସି
ଗଣ୍ଡ ଉପରେ ଆସର ଜମେଇଥିବା
ପାଗଳ ପବନ।
ଢେଉଢ଼େଉକା ମନର ଉତ୍ତାଳ ଲହଡ଼ି
ଏଣେ ମଟର ଡଙ୍ଗା
ତେଣେ କାଳ କାଳ ନଳବଣ... ।

କୁଆଡ଼େ ହଜିଗଲା ଝିଏ କାନ୍ଦଣାର ଧାର
ଯାହା କିଛି କାଳ ବଞ୍ଚିଥିଲା
ଚଟି ବହିରେ। ପାଠଶାଠ ଜାଣି ନଥିବା
ନିଧି ଡଙ୍ଗାରୀର ନାକୁଆ ସ୍ୱରରେ।
ତଥାପି କିଛି କାନ୍ଦଣା ଲାଖିଥିଲା
ଲୁହ ହୋଇ ସୋଲରୀ କାନ୍ଧରେ... ।


ମତେ ଏ ସବୁକୁ ଆଉଥରେ
ମନେ ପକେଇଥିବା ମୋ ପ୍ରିୟ କବି
ଆଉ ନାହିଁ ବାଲୁଗାଁରେ ।

ହଜି ଯାଇଚି କାଳ ସ କାନ୍ଦ
ଆଲୁଅ ସହ ଆଶା।

ଖାଲି ଯା' ବାଆଁରା ଗୀତଟିଏ
ପବନରେ ଅଛି ଧିମା କାନ୍ଦ ପରି
ଯେ ଯାଏ ଚିଲିକା ଅଛି...
ମାଗନ୍ତା ପକ୍ଷୀମାନେ ଅଛନ୍ତି...
ଚଢ଼େଇ ହଗା ଅଛି... ।

ଯେ ଯାଏ ଚିଲିକା କୂଳରେ ଅଛି
ପ୍ରିୟ କବିଙ୍କର ରଙ୍ଗଛଡ଼ା ସମାଧି।
ସେ ଯାଏ ସବୁ ଠିକ୍ ଅଛି ।
ସେ ଯାଏ ସୂର୍ଯ୍ୟାସ୍ତ ଭାସୁଚି
ଗୋଟେ ରଙ୍ଗିନ୍ ଡଙ୍ଗା ହୋଇ
ଚିଲିକା ଜଳରେ ।। ■

ମୋ: ୯୧୭୮୫୫୮୫୦୮



# ଜନ୍ମଦିନ

ରବି ଶତପଥୀ



କେତେ କେତେ
ପ୍ରେମ ଆଉ ପ୍ରାର୍ଥନାରେ
ରାତି ପାହେ ସେଦିନ,
ଶୁଭେଚ୍ଛା ଓ ଆଶୀର୍ବାଦରେ
କାନ୍ଦ କାନ୍ଦ ଲାଗେ ସକାଳ ।
କେଉଁଠି ଲୁଚିଥାଏ କେଜାଣି
ବୟସ ପାଖରେ
ମିଶାଣ ଚିହ୍ନଟିଏ ଦେଇ
ଚତୁରତାର ସହ ଖସିଯାଏ ସମୟ ।

ଆଲୁଅକୁ ଆଲିଙ୍ଗନ କରି
ଜଳି ପୁଣି ଲିଭିଯାଏ
ଗୋଟେ ଶୁଭ ମହମବତୀ,
ବଢ଼ିଲା ବୟସରେ
ବେଲୁନ୍‌ଟେ ଫାଟିଗଲେ ବି
ଭୟରେ ଥରିଯାଏ ଛାତି ।

କିଛି ଅଭିନନ୍ଦନ ଓ ଫୁଲତୋଡ଼ା
ଚିତ୍ର ହୋଇ ଆସି
ଜମା ହୁଏ ଫୋନ୍‌ର ଚିତ୍ରଶାଳାରେ,
ଧୀରେ ଧୀରେ ଗଛରେ
ହଳଦିଆ ପଡ଼ିଆସୁଥିବା
ପତ୍ର ପରି ଜନ୍ମଦିନ
ବୟସ୍କ ହୁଏ ଅପରାହ୍ଣରେ ।

ସଂଜବେଳକୁ
ଫେରିଯିବାକୁ ସଜବାଜ ହୁଏ
ଆସିଥିବା ଜନ୍ମଦିନ,
ଖାଲି ଖାଲି ହାତ
ଅଥଚ ଭାରି ଭାରି ଛାତି
ଅନ୍ଧାରରେ ବାଟ ଭୁଲିଯିବା
ଭୟରେ ବି ସେ ବାଟ ଖୋଜେ
ଫେରିଯାଏ ପୁଣି ଯାଇପାରେ ନାହିଁ ।। ■


ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯



ପତ୍ର ପତ୍ରିକା । ପରିଚୟ

## ଝୁମୁକା

ସଂପାଦକ : ମାନସ ରଞ୍ଜନ ସାମଲ




୧୪୪-ଗଭର୍ଣ୍ଣମେଣ୍ଟ, ଆଇ/ଟି
ଚାରବାଟିଆ, କଟକ-୭୫୪୦୨୮
ମୂଲ୍ୟ:୫୦ ଟଙ୍କା

ଶିଶୁ କିଶୋର ତୈମାସିକୀ 'ଝୁମୁକା'ର ଶାରଦୀୟ ବିଶେଷାଙ୍କ-୨୦୨୫ ଆକର୍ଷଣୀୟ ହୋଇଛି। ମାନସ ରଞ୍ଜନ ସାମଲଙ୍କ ସଂପାଦନାରେ ପ୍ରକାଶିତ 'ଝୁମୁକା'ର ଏହି ସଂଖ୍ୟାରେ ଗପ ବିଭାଗରେ ପ୍ରତିଭା ରାୟଙ୍କ 'ଅଳସୁଆ ନାଗସାପ', ମହେଶ୍ୱର ମହାନ୍ତିଙ୍କ 'ନଡ଼ିଆ ଭୂତ', ରମେଶ ପତ୍ରୀଙ୍କ 'ବିପଦ ଟଳିଗଲା', ନରେନ୍ଦ୍ର ପ୍ରସାଦ ଦାସଙ୍କ 'ମୂଷା ମଲେ ମାତ୍ର ଭୋକ ରହିଲା' ଆଦି ଗପଗୁଡ଼ିକ ଯୁଗୋପଯୋଗୀ ଓ ଶିକ୍ଷଣୀୟ ହୋଇଛି। ସେହିପରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଗାଁ ମୋ ପିଲାଦିନ', ଗୌରହରି ଦାସଙ୍କ 'ମୋ ଗାଁ', ନିରୁପମା ଆଚାର୍ଯ୍ୟଙ୍କ 'ଆର ଜନ୍ମକୁ କାଠବେଙ୍ଗ' ଆଦି ଲେଖାରେ ଲେଖକ, ଲେଖିକାମାନେ ନିଜ ଗାଁର ପ୍ରାକୃତିକ ପରିବେଶରେ ବିତାଇଥିବା ପିଲାଦିନର ସ୍ମରଣୀୟ ମୁହୂର୍ତ୍ତ, ଗାଁର ଅନୁଭବ ଓ ଅନୁଭୂତିକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ସେଭଳି ଜୟନ୍ତିକାଙ୍କ 'ଗାଁ କଥା ମନେପଡ଼େ', ସୁନାମଣି ରାଉତଙ୍କ 'ଆଜି ସେ ଗାଁ କାହିଁ', ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ସୁଷମା ଅପ୍ରକାଶ' ଆଦି କବିତାର ଗାଁର ମନୋରମ ଦୃଶ୍ୟ ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ୨୦୨୫ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରକାଶ ପାଇଛି। ଏହା ସହିତ ଅନୁବାଦ ଗପ, ଏକାଙ୍କିକା, ପୂଜା ବିଶେଷ କବିତାଗୁଡ଼ିକ ମନଛୁଆଁ ହୋଇଛି। 'ଝୁମୁକା'ର ଶାରଦୀୟ ବିଶେଷାଙ୍କ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

ନୋବେଲ ସାହିତ୍ୟ ପୁରସ୍କାର -୨୦୨୫

# କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇ


କ୍ଷୀରୋଦ ପରିଡ଼ା



ଚଳିତ ୨୦୨୫ ମସିହା ପାଇଁ ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ନୋବେଲ ପୁରସ୍କାର ପ୍ରଦାନ କରାଯିବ ହଙ୍ଗେରୀର କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇଙ୍କୁ ତାଙ୍କର ଅସାମାନ୍ୟ କଥାଶିଳ୍ପ ପାଇଁ। ଆସନ୍ତା ଡିସେମ୍ବର ଦଶ ତାରିଖ ଦିନ ସ୍ୱାଡ଼େନର ଷ୍ଟକ୍‌ହୋମ୍‌ଠାରେ ଭାରତୀୟ ମୁଦ୍ରାରେ ଦଶ କୋଟି ଛପନ ଲକ୍ଷ ଟଙ୍କା ଅର୍ଥରାଶି ସହ ନୋବେଲ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସ୍ୱାଡ଼ିଶ ଏକାଡେମୀ ଓ ନୋବେଲ ଫାଉଣ୍ଡେସନ୍ ଏହି ବିଶ୍ୱ ସାହିତ୍ୟର ଅନନ୍ୟ ବିଜୟୀ କଥାଶିଳ୍ପୀଙ୍କ ସାହିତ୍ୟ ସର୍ଜନା ବିଷୟରେ ଘୋଷଣା କରିଛି ଯେ, "ତାଙ୍କ ରଚନାରେ ରହିଛି ମନୋମୁଗ୍ଧକର ଏବଂ ଦୂରଦର୍ଶୀ ସୃଜନକର୍ମ ଯାହା ସମକାଳର ବିଶ୍ୱର ଭୟ ଓ ଆତଙ୍କର କୁହେଳି ଭିତରେ ବି ସାରସ୍ୱତ ସୃଜନଶିଳ୍ପର ଶକ୍ତିକୁ ଦୃଢ଼ ଓ ସୁନ୍ଦର ଭାବେ ଛିଡ଼ା କରାଇବା କଳା, ଯହିଁରେ ସେ ଜଣେ ସମର୍ଥ ଓ ସଫଳ କଥାଶିଳ୍ପୀ।"

ଲାସ୍ଲୋଙ୍କ ଜନ୍ମ ଜାନୁଆରୀ ୫ ତାରିଖ ୧୯୫୪ ମସିହାରେ ହଙ୍ଗେରୀର ଗ୍ୟୁଲା ପ୍ରଦେଶରେ। ବୃତ୍ତିଗତ ଭାବେ ସେ ଜଣେ ଔପନ୍ୟାସିକ ଓ ପଟ୍ଟଚିତ୍ର ଲେଖକ। ପ୍ରକାଶ ଥାଉ କି ତାଙ୍କ ଉପନ୍ୟାସ ଉପରେ କେତେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ତାଙ୍କ ରଚନାକୁ ଉତ୍ତର ଆଧୁନିକ ବୋଲି କୁହାଯାଇଛି। ସେ ମୁଖ୍ୟତଃ ହଙ୍ଗେରୀ ଭାଷାରେ ଲେଖନ୍ତି, ଯାହା ଇଂରାଜୀ ସମେତ ଅନ୍ୟ କେତୋଟି ୟୁରୋପୀୟ ଭାଷାରେ ଅନୂଦିତ ହୋଇ ତାଙ୍କୁ ବେଶ୍ ଲୋକପ୍ରିୟ କରିଛି। ତାଙ୍କ ରଚିତ ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶ ପାଏ ୧୯୮୫ରେ ଏବଂ ତାହାର ଦଶ ବର୍ଷ ପରେ 'ୱାର୍ ଆଣ୍ଡ ୱାର' ଓ 'ବ୍ୟାରେନ୍ ୱେଙ୍କହେନ୍ସ ହୋମକମି' ୨୦୧୬ ମସିହାରେ ପ୍ରକାଶ ପାଏ। ଏହି ଉପନ୍ୟାସ ତ୍ରୟୀରେ ରହିଛି ବ୍ୟାପକ ଓ ଗଭୀର ଭାଷା ପ୍ରୟୋଗ, ଦର୍ଶନର ପାଣ୍ଡିତ୍ୟ, ଆବେଶିତ ଚରିତ୍ରମାନ ଓ କର୍ଦ୍ଦମାସିକ୍ତ ଭୂଚିତ୍ରାବଳି। ଏସବୁ ହେତୁ କେହି କେହି ତାଙ୍କୁ କ୍ଲିଷ୍ଟ ଉତ୍ତର ଆଧୁନିକ ଗଦ୍ୟଶିଳ୍ପୀ ବୋଲି ଅଭିହିତ କରିଥା'ନ୍ତି। ମାତ୍ର ଏହା ପଛରେ ରହିଛି ଶାସ୍ତ୍ରୀୟ ବୌଦ୍ଧ ଦର୍ଶନ, ଯାହା ସହିତ ସମକାଳର ପାଠକମାନେ ବେଶ୍ ପରିଚିତ ନୁହନ୍ତି। କିନ୍ତୁ ତାଙ୍କ ରଚନାରେ ରହିଛି ମଣିଷ ଜୀବନକୁ ନେଇ ମାର୍ଜିତ, ସୂକ୍ଷ୍ମ ଓ ମଜାଳିଆ କଥନ, ଯାହା ସାଧାରଣ ପାଠକପାଠିକାମାନଙ୍କୁ ମୁଗ୍ଧ କରିଥାଏ। ଏଇ ଗାମ୍ଭୀର୍ଯ୍ୟ, ଗୁରୁତ୍ୱବାହୀ ଓ ଗୁଣାଢ଼୍ୟ ବର୍ଣ୍ଣନା ଚାତୁରୀ ତାଙ୍କୁ ଜଣେ ଗମ୍ଭୀର କଥାଶିଳ୍ପୀ ଭାବେ ପରିଚିତି ଦେଇଛି। ଏଇ ଶତାବ୍ଦୀର ପ୍ରଥମ ଭାଗରେ ଏହି ସବୁ ଧାରାରେ ପ୍ରକାଶ ପାଇଛି ତାଙ୍କର ତିନୋଟି ଗଳ୍ପ ସଂକଳନ – 'ଆନିମଲ ଇନ୍‌ସାଇଡ୍' (୨୦୧୦), ଭୌଗୋଳିକ ସୀମା ଅତିକ୍ରମିତ ଗଳ୍ପ ସଂକଳନ 'ଡେଷ୍ଟ୍ରକ୍ସନ ଆଣ୍ଡ ସରୋ ବେନିଥ୍ ଦି ହେଭେନ୍' (୨୦୦୪) ଏବଂ 'ସୈବୋ ଦେୟାର୍ ବିଲୋ' (୨୦୦୮)।

ସେ ତାଙ୍କ ଆଦ୍ୟ ରଚନା ବିଷୟରେ ସ୍ପଷ୍ଟ ଭାବେ କହନ୍ତି – "ମୁଁ ଭାବେ ଆମର ବାସ୍ତବ ଓ ସତ ଜୀବନ ଥାଏ। ଅନ୍ୟ କେଉଁଠି ଯାହାକୁ ଆମେ ଖୋଜି ଚାଲିଥାଉ ଅହରହ। ଲେଖାଲେଖି ଆରମ୍ଭ କରିବା ପୂର୍ବରୁ ଫ୍ରାଞ୍ଜ କାଫ୍‌କାଙ୍କ 'ଦି କ୍ୟାସେଲ୍' ଓ ମାଲ୍‌କମ୍ ଲୋରୀଙ୍କ 'ଅଣ୍ଡର୍ ଦି ଭଲ୍‌କାନୋ' ଥିଲା ମୋର ଅତି ପ୍ରିୟ ପୁସ୍ତକ ଦୁଇଟି। ଗତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ମୁଁ ଚାହୁଁ ନଥିଲି ଜଣେ ଲେଖକ ହେବି। ଅବଶ୍ୟ ଭାବିଥିଲି କେବଳ ଗୋଟିଏ ଗଳ୍ପ ବହି ରଚନା ପରେ ମୁଁ ସଂଗୀତ ଉପରେ ଓ ଅନ୍ୟ କେତେକ ବିଷୟରେ ଲେଖାଲେଖି କରିବି। ସେତେବେଳେ ମୁଁ ଭାବୁଥିଲି ଗରିବ ଲୋକମାନଙ୍କ ମେଳ ଭିତରେ ରହିବି ଯେଉଁମାନେ ଭୋଗନ୍ତି ବାସ୍ତବ ଜୀବନ, ସତ୍ୟବଦ୍ଧ ଜୀବନ। ନ ହେଲେ ସେମାନେ କାହିଁକି ଗରିବ ହୋଇଥା'ନ୍ତେ। ତେଣୁ ମୁଁ ଅତି ଦରିଦ୍ର ଗାଆଁରେ ବସବାସ କରିଛି, ଜାଗା ଓ ଘର ବଦଳାଇଛି ଜୀବନକୁ ଆହୁରି ଆହୁରି ନିକଟରୁ ଦେଖିବାର ଲକ୍ଷ୍ୟ ନେଇ। ବାଧ୍ୟତାମୂଳକ ମିଲିଟାରୀ ସେବାରୁ ଖସି ପଳାଇ ଆସିଛି। ତା'ପରେ ଛୋଟ ଛୋଟ ଲେଖା ଲେଖିଛି ଓ ପ୍ରକାଶିତ ହୋଇଛି। ପୁଲିସ୍ ମତେ ଖୋଜିଛି, ଧରିଛି। ମୁଁ କିଛିଟା ଅପରାଜିତ ବୋଲି ଭାବିଛି। କାରଣ ତାଙ୍କର ପ୍ରତିଟି ପ୍ରଶ୍ନର ଉତ୍ତରରେ କହିଛି – "ମୋତେ ବିଶ୍ୱାସ କର, ମୁଁ ରାଜନୀତିର କୌଣସି ଧାର ଧରେ ନାହିଁ। ନା, ମୁଁ ସମକାଳର ରାଜନୀତି ନେଇ କିଛି ଲେଖି ନାହିଁ କି ଲେଖେ ନାହିଁ। ଆପଣମାନେ କ'ଣ କେବେ ଭାବି ପାରୁଛନ୍ତି ଯେ ମୁଁ ଆପଣମାନଙ୍କ ଚରିତ୍ର, ଜୀବନ ଦର୍ଶନ ବିଷୟରେ କିଛି ଲେଖିବି ବୋଲି? ଅବଶ୍ୟ ମୋର ପାସ୍‌ପୋର୍ଟ ରଦ୍ଦ କରାଯାଇଛି। ଏଇ କଥାବସ୍ତୁକୁ ନେଇ ମୁଁ ଲେଖିଥିଲି ମୋର ପ୍ରଥମ ଉପନ୍ୟାସର କାହାଣୀ, ଯାହା ପ୍ରକାଶିତ ହୋଇଥିଲା ଜଣେ ଅବସରପ୍ରାପ୍ତ



ଉଚ୍ଚ ପଦସ୍ଥ ପୁଲିସ୍ ଅଧିକାରୀ ଓ ପରବର୍ତ୍ତୀ ସମୟରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ହୋଇଥିବା ବ୍ୟକ୍ତିଙ୍କ ସୌଜନ୍ୟରୁ।

ବୃତ୍ତିଗତ ଭାବେ ମୁଁ ଖଣି ଶ୍ରମିକ ଭାବେ କାମ କରିଛି। ତାପରେ ବୁଦାପେଷ୍ଟର ପାଖ ଗାଆଁଗୁଡ଼ିକରେ ସାଂସ୍କୃତିକ ନିର୍ଦ୍ଦେଶକ ହୋଇଛି। ଗୀତ ସଙ୍ଗୀତରେ ଭାଗ ନେଇଛି, ପିଲାମାନଙ୍କ ସହ ଘନିଷ୍ଠ ଭାବେ ମିଶିଛି। ପେଟ ପୋଷିବା ପାଇଁ ତିନି ଶହ ଗାଇ ରହୁଥିବା ଏକ ଫାର୍ମରେ ରାତ୍ରୀ ଜଗୁଆଳି ଭାବେ କାମ କରିଛି। ସେଇଠି ସହର ନାହିଁ କି ଗାଆଁ ନାହିଁ- ଏକ ବିସ୍ତୀର୍ଣ୍ଣ ଶୂନ୍‌ଶାନ ଅଞ୍ଚଳ। କେହି ବୋଲି କେହି ନଥା'ନ୍ତି ସେଇଠି। କେବଳ ମଣିଷ ଭାବେ ମୁଁ ଓ ମୋ ପାଖରେ ଥାଏ 'ଅଣ୍ଡର୍ ଦି ଭଲ୍‌କାନୋ' ବହି ଓ ଦସ୍ତୋଭସ୍କିଙ୍କ ବହି!

ମୁଁ ସଦାବେଳେ ଆମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆସିଛି। ମୋ ରଚନାରେ ଉଚ୍ଚ ମୂଲ୍ୟବୋଧର ମାନବୀୟ ଉଚ୍ଚାରଣ ପ୍ରତି ଅନୁଗତ ରହିଆସିଛି। କିନ୍ତୁ ସଂସ୍କୃତିର ମୂଳଟି ମିଥ୍ୟାଚାର ଉପରେ ଛିଡ଼ା ହୋଇ ରହିଥିବା ପରି ଲାଗିଥାଏ। ଏହାର କାରଣ ହୁଏତ ଏପରି ହୋଇଥାଇ ପାରେ ଯେ, ଆମେ ପିଢ଼ି ପରେ ପିଢ଼ି ସେହି ସଂସ୍କୃତି ପାଇଁ କିଛି କରନ୍ତି ନାହିଁ। ଯେମିତି ତାହା ଗଡ଼ି ଗଡ଼ି ଚାଲିଥାଏ, ଆପଣା ଛାଏଁ। ଆମେ ବିଶ୍ୱାସ କରି ନେଇଥାଉ ଯେ, ଏହା ସେପରି ଚାଲୁଥାଉ। ଏ ବିଷୟରେ ଆମର କୌଣସି ଭାବନା, ରଚନା ଓ ତର୍ଜମା ହିଁ ନଥାଏ। ଇଏ କ'ଣ ? ଇଏ କିପରି ଗଡ଼ି ଗଡ଼ି ଚାଲୁଛି? ଏ ସବୁ ବିଷୟରେ ଆମେ ପ୍ରଶ୍ନ ବି ପଚାରି ନଥାଉ। କିନ୍ତୁ ଏହି କଥାଟି ଏକ ଗୁରୁତ୍ୱପୂର୍ଣ୍ଣ ହୋଇ ଆମ ସାମ୍ନାରେ ଛିଡ଼ା ହୋଇ ରହେ।

ରଚନା କର୍ମ ହେଉଛି କଳାର ଏକ ଅନନ୍ୟ ରୂପ। ଏହାର ସଂସ୍କାର ବି ଲୋଡ଼ା ହୋଇଥାଏ। ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟର ପୁନରାବୃତ୍ତି ହେଉଥାଏ। ବହିଟିଏ ପରେ ବହି ଲେଖି ଚାଲିଲେ ଏପରି ଅନୁଭବ ହେବା ସ୍ୱାଭାବିକ। ଏପରି ସମୟଟିଏ ଆସି ଚେତେଇ ଦିଏ ଯେ ଆମକୁ ଆମ ସାହିତ୍ୟର ପାଠକମାନଙ୍କ କଥା ମନେ ପକାଇବାକୁ ହେବ। କାରଣ ସବୁ ପିଢ଼ିରେ ବା କାଳଖଣ୍ଡରେ ପାଠକ ତା' ଭାଷାର ସାହିତ୍ୟକୁ ଅପେକ୍ଷା କରିଥାଏ। ହୋଇପାରେ ଏଇ ସାହିତ୍ୟ ଏକ ସାନ ପରିସରର ଯେଉଁଠି ଗଳ୍ପ, ଉପନ୍ୟାସ ଓ କବିତା ରହିଛି। କିନ୍ତୁ ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ଯେ ସେଇଠି ପାଠକ ବି ରହିଛି। ଲେଖକ ଓ ପାଠକଙ୍କ ଭିତରେ ଏକ ସର୍ବସାଧାରଣ ଚଳପ୍ରଚଳର ପଡ଼ିଆଟିଏ ରହିଛି। ପଡ଼ିଆଟିର ଆୟତନକୁ ଛୋଟ ବୋଲି ବିଚାରି ନିଜ ରଚନାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରିବା ବି ଏକ ନିର୍ବୋଧପଣ। ଏ ପୃଥିବୀର ଯେତେ କ୍ଷୁଦ୍ରାଞ୍ଚଳ ଥାଉନା କାହିଁକି, ପ୍ରତ୍ୟେକଟିର ରହିଛି ନିଜସ୍ୱ କାଳଖଣ୍ଡ, ସୁଗନ୍ଧ, ଅସାମାନ୍ୟ ସୃଜନ ସମ୍ଭାର, ଚରିତ୍ରମାନ ଓ ନାନାଦି ଘଟଣା ଓ ଅଘଟଣ। ତେଣୁ ପ୍ରତି କାଳଖଣ୍ଡ ପାଇଁ ରହିଛି ସ୍ୱତନ୍ତ୍ର ବା ଭିନ୍ନ ସ୍ଥାନମାନ। ଆମେ ଏଇଠି ଛିଡ଼ା ହୋଇଛୁର ଅର୍ଥ ହେଉଛି ନିଖିଳ ବିଶ୍ୱର ବିଶାଳ ପରିଧି ଭିତରେ ଏକ ଛୋଟିଆ ମାନବୀୟ ପରିସରରେ ରହିଛୁ।

ଏଇ ବିଶିଷ୍ଟ କଥାଶିଳ୍ପୀଙ୍କ ରଚନା ବିପୁଳ ଆକାରର ନୁହେଁ, କିନ୍ତୁ ଜୀବନ ଦର୍ଶନ ଓ ଦୁଃସ୍ଥିତିକୁ ସାମ୍ନା କରି କରି ମଣିଷ କେମିତି ବଞ୍ଚି ରହେ ଓ ମଧୁମୟ ବିଶ୍ୱ କଥା ଚିନ୍ତା କରିଥାଏ, ତାହା ହିଁ ତାଙ୍କ ରଚନାକୁ ଆଜି ବିଶ୍ୱ ପ୍ରସିଦ୍ଧ କରିଛି। ଏଇ ପ୍ରାଚ୍ୟ ବା ବୌଦ୍ଧ ଦର୍ଶନ ପୃଥିବୀର ଅନ୍ୟ ପ୍ରାନ୍ତରର ପାଠକମାନଙ୍କ ପାଇଁ ଏତେ ପରିଚିତ ନୁହେଁ, ତେଣୁ ତାହାକୁ କ୍ଲିଷ୍ଟକର ରଚନା କହିବାରେ କିଛି ବିଚିତ୍ରତା ନାହିଁ।

ଏହି ଲେଖକ ନିଜ ମାତୃଭାଷା ହଙ୍ଗେରୀୟ ଭାଷାରେ ଲେଖନ୍ତି ଏବଂ ଇଂରାଜୀ ସମେତ ବିଭିନ୍ନ ୟୁରୋପୀୟ ଭାଷାରେ ପ୍ରକାଶିତ ବିପୁଳ ପାଠକୀୟତା ଅର୍ଜନ କରିଛି। ବିଶ୍ୱ ସାହିତ୍ୟରେ ତାଙ୍କୁ ୨୦୧୫ ମସିହା ବୁକର୍ ଇଣ୍ଟରନ୍ୟାସନାଲ୍ ପ୍ରାଇଜ୍ ମାଧ୍ୟମରେ ତାଙ୍କ ପ୍ରଥମ ଉପନ୍ୟାସ 'ସାତାନତାନ୍‌ଗୋ' ପାଇଁ ମିଳିଥିଲା ୬୧ ବର୍ଷ ବୟସରେ। ଆଉ ଏବେ ୭୧ ବର୍ଷ ବୟସରେ ନୋବେଲ ସାହିତ୍ୟ ପୁରସ୍କାର। ସେ ଲେଖକ ହୋଇ ଉଠିଥିଲେ କାଫ୍‌କାଙ୍କ ଅନୁଚାରୀ ଭାବେ ଏବଂ ଆମେରିକୀୟ ବିଟ୍ ପୋଏଟ୍ ଆଲେନ୍ ଗିନ୍ସବର୍ଗଙ୍କ ସତୀର୍ଥ ଭାବେ। ଆଲେନ୍ ହେଉଛନ୍ତି ଏକଦା ଓଡ଼ିଶା ରେଭେନ୍‌ସା ଓ କବି ଜୟନ୍ତ ମହାପାତ୍ରଙ୍କ କିଛି କାଳର ବନ୍ଧୁ, ଯାହା ଆମର ସ୍ମର୍ତ୍ତବ୍ୟ।

ଏବେ ଏହି ପୁରସ୍କୃତ କଥାଶିଳ୍ପୀଙ୍କ 'ଦି ୱାର୍ଲ୍ଡ ଗୋଜ୍ ଅନ୍' ଗଳ୍ପ ସଂକଳନର ସବାଶେଷ ଗଳ୍ପ 'ଏଇଠୁ ମୋର କିଛି ଲୋଡ଼ା ନାହିଁ'ର ଅନୁବାଦ ଉପସ୍ଥାପନ କରୁଛି।

'ଏଇଠୁ ମୋର କିଛି ଲୋଡ଼ା ନାହିଁ'

ମୁଁ ଏଇଠି ହିଁ ସବୁକିଛି ଛାଡ଼ି ଚାଲିଯିବି। ଏଇଠି ରହିଯିବ ସବୁଜ ଉପତ୍ୟକା, ପାହାଡ଼, ପରିଚିତ ବାଟ ଓ ବଗିଚାର ଆହ୍ଲାଦିନୀ ଚଢ଼େଇମାନଙ୍କୁ। ମୁଁ ଛାଡ଼ି ଦେଇ ଚାଲିଯିବି ଏଇଠୁ ଦିଶୁଥିବା ଆକାଶ ଓ ପୃଥିବୀ, ଝରଣା, ଜଳପ୍ରପାତ ଓ ମୋର ପୋଷା କୁକୁଡ଼ାମାନଙ୍କୁ। ଏପରିକି ମୁଁ ଛାଡ଼ି ଚାଲିଯିବା ସବୁ ପ୍ରସ୍ଥାନ ପଥ, ଶରତ, ବସନ୍ତ, ମୋର ଅନ୍ତିମ ପ୍ରେମିଳ ଦୃଷ୍ଟି।

ମୁଁ ଛାଡ଼ି ଚାଲି ଯିବି ଏଇଠୁ ସହରକୁ ଲମ୍ବି ଯାଇଥିବା ସମସ୍ତ ବାଟ ଓ ସେ ବାଟରେ ପଡ଼ି ରହିଥିବା ପ୍ରିୟ ଧୂଳି କଣାଗୁଡ଼ିକୁ ଓ ଗୋଧୂଳି ବେଳାକୁ। ବିଚ୍ଛିନ୍ନ ହୋଇଯିବ ମୋଠାରୁ ଏହାରି ମାଧ୍ୟାକର୍ଷଣ ଶକ୍ତି, ମୋହ, ମାୟା, ଆଶା ଓ ନିରାଶା। ଏଇଠି ଛାଡ଼ି ଦେଇ ଯିବି ମୋର ନିକଟତମ ମଣିଷମାନଙ୍କୁ, ପ୍ରିୟଜନଙ୍କୁ ଯେଉଁମାନଙ୍କ ସହିତ ମୋର ଥିଲା ସାନ୍ନିଧ୍ୟ, ଯେଉଁମାନଙ୍କ ସ୍ପର୍ଶ ମୋତେ କରି ଆସିଥିଲା ବିଭୋର। ଏସବୁ ସଂପର୍କ ମୋତେ ମୁଗ୍ଧ ଓ ଚକିତ କରିରଖି ଥିଲା ଏବଂ ଚଳମାନ ଓ ଜାଗ୍ରତ କରି ରଖିଥିଲା।

ମୁଁ ଏଇଠି ଛାଡ଼ି ଚାଲିଯିବି ସବୁ ମହତ ଓ ମନୋରମ ଅନୁଭବ ଏବଂ ଉଦୟମାନ ଅଙ୍କୁର, ପ୍ରତିଟି ଜନ୍ମ ଓ ଅସ୍ତିତ୍ୱ। ଏଇଠି ରହିଯିବ ସବୁତକ ମନ୍ତ୍ର, ମାନ୍ତ୍ରିକ ଉଚ୍ଚାରଣ, ରହସ୍ୟ, ଦୂରତ୍ୱ, କ୍ଷୟହିନତା ଓ ଅନନ୍ତକାଳର ମାଦକତା। ମୁଁ ଏଇ ପୃଥିବୀ ଓ ଚିକିମିକି ତାରାମାନଙ୍କୁ ଏଇଠି ହିଁ ଛାଡ଼ି ଚାଲିଯିବି କାରଣ ଏଇଠୁ ମୁଁ କିଛି ହିଁ କିଛି ସାଥିରେ ନେଇ ଚାଲିଯିବି ନାହିଁ – ସବୁ କିଛି ଛାଡ଼ି ଚାଲି ଯିବି।

ମୁଁ ରିକ୍ତ ଭାବେ ଚାଲି ଯିବି କାରଣ କ'ଣ ସବୁ ଆଗକୁ ଆସିବ ତାହାକୁ ମୁଁ ଦେଖି ପାରୁଛି ଏବଂ ଏଠିକାର କିଛି ବି ମୋର ପ୍ରୟୋଜନ ନାହିଁ। ଏଇ ଜାଗା ମୋର ପ୍ରୟୋଜନ ଲୋଡ଼ିବ କି ନାହିଁ ତାହା ମୋର ଜାଣିବାର ପ୍ରୟୋଜନ ନାହିଁ। ମୁଁ ଚାଲି ଯାଉଛି... ■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧

# ଦେଶରେ ଖୁଚୁରା ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୧।୧୦(ସମିସ):** ଭାରତର ଖୁଚୁରା ବିଦ୍ୟୁତ୍ ବଜାରକୁ ସାରା ଦେଶରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ଯୋଜନା କରାଯାଉଛି । ଯାହା ଅଧିକାଂଶ ରାଜ୍ୟରେ ରାଜ୍ୟ ପରିଚାଳିତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଆଧିପତ୍ୟକୁ ଶେଷ କରିବ । କେନ୍ଦ୍ରୀୟ ବିଦ୍ୟୁତ୍ ମନ୍ତ୍ରଣାଳୟର ଏକ ଚିଠା ବିଲ୍‌ରୁ ଏହା ଜଣାପଡ଼ିଛି । ଏହି ପଦକ୍ଷେପ ସାରା ଦେଶରେ ଅଦାନୀ ଏଣ୍ଟରପ୍ରାଇଜେସ, ଟାଟା ପାୱାର, ଟୋରେଣ୍ଟ ପାୱାର ଏବଂ ସିଇଏସ୍‌ସି ଭଳି ଘରୋଇ କମ୍ପାନୀମାନଙ୍କ ଉପସ୍ଥିତିକୁ ମଜବୁତ କରିବାରେ ସାହାଯ୍ୟ କରିବ ।

୨୦୨୨ରେ ଏକ ସମାନ ପ୍ରୟାସ କରାଯାଇଥିଲା, ଯାହାକୁ ରାଜ୍ୟ ବିତରଣ କମ୍ପାନୀଗୁଡ଼ିକ ବିରୋଧ କରିଥିଲେ । ବର୍ତ୍ତମାନ ଭାରତର କେବଳ କିଛି ବିଦ୍ୟୁତ୍ ବିତରଣ ଅଞ୍ଚଳ ଯେପରି ଜାତୀୟ ରାଜଧାନୀ ଅଞ୍ଚଳ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଶିଳ୍ପ ଉନ୍ନତ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଘରୋଇକରଣ ହୋଇଛି । ଅଧିକାଂଶ ଅଞ୍ଚଳ ରାଜ୍ୟ ନିୟନ୍ତ୍ରଣରେ ରହିଛି । ବିଦ୍ୟୁତ ବଣ୍ଟନ କମ୍ପାନିଗୁଡ଼ିକ ଗଭୀର ଆର୍ଥିକ କ୍ଷତିରେ ଚାଲୁଛି । ରାଜ୍ୟମାନଙ୍କ ଉପରେ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକର କ୍ଷତି ହ୍ରାସ କରିବା, ଆର୍ଥିକ ସ୍ୱଚ୍ଛତା ଏବଂ ପୁରୁଣା ଭିତ୍ତିଭୂମି ଉନ୍ନତ କରିବା ପାଇଁ ଚାପ ରହିଛି । ଚଳିତ ବର୍ଷର ଆରମ୍ଭରେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଏହାର ଚାରୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରୁ ଦୁଇଟିକୁ ଘରୋଇକରଣ ପାଇଁ ବିଡ୍ ଆହ୍ୱାନ କରିଥିଲା । ୨୦୨୫ ଜୁନ ସୁଦ୍ଧା ରାଜ୍ୟ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକ ବିଦ୍ୟୁତ୍ ଉତ୍ପାଦକମାନଙ୍କୁ ପ୍ରାୟ ୬.୭୮ ବିଲିୟନ ଡଲାର ଦେବାର ଥିଲା । ଏହା ସ୍ୱାଧୀନ ବିଦ୍ୟୁତ ଉତ୍ପାଦକମାନଙ୍କ ପାଇଁ ଗମ୍ଭୀର ନଗଦ ସଙ୍କଟ ସୃଷ୍ଟି କରିଛି ଏବଂ ଫଳସ୍ୱରୂପ ଏହି କ୍ଷେତ୍ରକୁ ଋଣ ପ୍ରବାହ ବାଧାପ୍ରାପ୍ତ ହୋଇଛି ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜୀ ଇକୋନୋମିକ୍ସ ଆଣ୍ଡ ଫାଇନାନ୍ସିଆଲ ଆନାଲିସିସ ସେପ୍ଟେମ୍ବରରେ କହିଥିଲା ।

ବିଦ୍ୟୁତ୍ ମନ୍ତ୍ରଣାଳୟର ଚିଠା ପ୍ରସ୍ତାବ ମଧ୍ୟ ଏକ ଅଞ୍ଚଳରେ ଏକାଧିକ ଘରୋଇ କମ୍ପାନୀମାନଙ୍କ ପାଇଁ ଖୁଚୁରା ବିଦ୍ୟୁତ୍ ବଜାର ଖୋଲିବାକୁ ଲକ୍ଷ୍ୟ ରଖିଛି । ବର୍ତ୍ତମାନର ବିଦ୍ୟୁତ୍ ଆଇନରେ ସେଭଳି ବ୍ୟବସ୍ଥା ନାହିଁ । କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଘରୋଇ କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ) ପ୍ରତିଷ୍ଠା କରିବାକୁ ଅନୁମତି ଦେବାକୁ ଚାହୁଁଛନ୍ତି ।

### ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂ-୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୧।୧୦(ସମିସ):** ପ୍ରକାଶ ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬ । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନରେ ଉନ୍ନତି ଆଣିଛି । ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ରହିବା ସହ ଆକାଡେମିକ୍ ଏକ୍ସଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି । ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି । ଟାଇମ୍ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି । କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ୍ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି । ତେବେ ଟାଇମ୍ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରିଥିବା ବେଳେ ଓଡିଶାରେ ପ୍ରତିଷ୍ଠା ହୋଇ ମଧ୍ୟ ବିଶ୍ୱରେ ପରିଚୟ ସୃଷ୍ଟି କରିଛି । କିଟ୍ ଓଡିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ରାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି ।

କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ସଫଳତା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି । ଏହା ଓଡିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି ।

### ଟ୍ରିବ୍ୟୁନାଲ୍‌ରେ ମହାନଦୀ ଜଳ ବିବାଦ ମାମଲା

# ନଭେମ୍ବର ୧୫ ତାରିଖରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୧୧।୧୦(ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା, ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଥିବା ବେଳେ ଶନିବାର ଟ୍ରିବୁନାଲରେ ମାମଲାର ୪୬ତମ ଶୁଣାଣି ଅନୁଷ୍ଠିତ ହୋଇଛି । ଆଜିର ଶୁଣାଣିରେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମାମଲାର ସମାଧାନ ଦିଗରେ ଅଗ୍ରସର ହେଉଛନ୍ତି ବୋଲି ଟ୍ରିବୁନାଲଙ୍କୁ ଅବଗତ କରାଇଥିଲେ । ଏହାସହ ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ନେଇ ଯାହା ଅଗ୍ରଗତି ଘଟିଛି, ସେନେଇ ସେ ବିଶଦ୍ ବିବରଣୀ ଉପସ୍ଥାପନ କରିଥିଲେ । ଟ୍ରିବୁନାଲ ଆସନ୍ତା ନଭେମ୍ବର ୧୫କୁ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି ।

**୨୮ ରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ**

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୮ ତାରିଖରେ ଦୁଇ ରାଜ୍ୟରେ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ସେଥିରେ ଜଳବିଭାଜନ ଏବଂ ପ୍ରକଳ୍ପ ଅନୁମୋଦନ ନେଇ ଚର୍ଚ୍ଚା ହେବ । ବିଶେଷକରି ଲୋୟର୍ ସୁକତେଲ ଜଳ ପ୍ରକଳ୍ପ ଅଗ୍ରସର କରିବା ନେଇ ଉଭୟ ରାଜ୍ୟ ସହମତି ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପ ଟ୍ରିବ୍ୟୁନାଲରେ ବିଚାରଧୀନ ରହିଥିଲା ।

# ସଂଗଠନର କର୍ମୀଙ୍କୁ କୋର୍ଟ ହଲ୍‌ରୁ ବାହାର କରିଦେବା ସମ୍ବିଧାନ ବିରୋଧୀ

### ଟ୍ରିବୁନାଲ ଅଧ୍ୟକ୍ଷଙ୍କ ନିକଟରେ ଫେରାଦ ହେଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ

**ଭୁବନେଶ୍ୱର, ୧୧।୧୦ (ସମିସ):** ଶନିବାର ନୂଆଦିଲ୍ଲୀରେ ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ଶୁଣାଣି ଚାଲୁଥିବା ବେଳେ ଏକ ଅପ୍ରୀତିକର ଘଟଣା ଘଟିଛି । ଶୁଣାଣି ସମୟରେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀମାନଙ୍କୁ କୋର୍ଟ ହଲରେ ରହିବାକୁ ବାରଣ କରାଯିବା ସହ ସେଠାରୁ ସେମାନଙ୍କୁ ବାହାର କରିଦିଆଯାଇଥିବା ନେଇ ଆନ୍ଦୋଳନର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି । ଓଡ଼ିଶା ଓ ଛତିଶଗଡ଼ ସରକାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆଗଭର ହେଉଥିବା ବେଳେ ଟ୍ରିବୁନାଲର ଆଭିମୁଖ୍ୟ କ'ଣ ରହିଛି, ତାହା ଜାଣିବା ଆମର ଉଦ୍ଦେଶ୍ୟ ଥିଲା । ସେଥିପାଇଁ ଆମେ କୋର୍ଟ ରୁମରେ ଉପସ୍ଥିତ ଥିଲୁ । ମାତ୍ର କେଉଁ ସତ୍ୟକୁ ଲାଚାଇ ରଖିବା ପାଇଁ ଆମକୁ ବାହାର କରି ଦିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏହାସହ ଏହା ସମ୍ବିଧାନବିରୋଧୀ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ।

ସଂଗଠନର ଅଭିଯୋଗ ଅନୁଯାୟୀ, ଶନିବାର ଶୁଣାଣି ଆରମ୍ଭ ପୂର୍ବରୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସହ ଆବାହକ ବାସୁଦେବ ଭଟ୍ଟ ଏବଂ ଅନ୍ୟ ସଦସ୍ୟମାନେ କୋର୍ଟ ରୁମରେ ଉପସ୍ଥିତ ଥିଲେ । ମାତ୍ର ଟ୍ରିବୁନାଲର ପ୍ରବନ୍ଧକ ଚନ୍ଦନ ମୁଖାର୍ଜୀ ଆନ୍ଦୋଳନର କର୍ମୀମାନଙ୍କୁ ସେଠାରୁ ବାହାରି ଯିବାକୁ କହିଥିଲେ । କିଛି ସମୟ ପାଇଁ ପ୍ରବନ୍ଧକ ଓ ଆନ୍ଦୋଳନର କର୍ମୀଙ୍କ ଭିତରେ ବଚସା ହେବା ପରେ ଆନ୍ଦୋଳନର କର୍ମୀ ସେଠାରୁ ବାହାରି ଆସି ଲବିରେ ଅପେକ୍ଷା କରିଥିଲେ । ସେହି ସମୟରେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଓ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସେଠାରେ ପହଞ୍ଚିଥିଲେ । ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଘଟଣା ନବୁଝି ବା ଆନ୍ଦୋଳନର କର୍ମୀମାନଙ୍କ କଥା ନଶୁଣି ସେମାନଙ୍କ ଉଦ୍ଦେଶରେ କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ । ଏପରିକି, ଜନୈକ କର୍ମୀଙ୍କୁ ଏନ୍‌ଏସ୍‌ଏରେ ଭର୍ତ୍ତି କରିଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ଧମକ ଦେଇଥିବା ନେଇ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ (୧) (ବି) ସୂଚନା ପାଇବାର ଅଧିକାର ସମେତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁନିଶ୍ଚିତ କରୁଛି । ମାତ୍ର କୋର୍ଟ ପରିସରରୁ ମହାନଦୀ ଆନ୍ଦୋଳନର କର୍ମୀମାନଙ୍କୁ ଆଜି ଏଥିରୁ ବଞ୍ଚିତ କରାଯାଇଛି ଏବଂ ଏହା ସମ୍ବିଧାନବିରୋଧୀ ବୋଲି ସଂଗଠନ କହିଛି । ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଅଭିଯୋଗ ଦାଖଲ କରାଯାଇଛି ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

### ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ବାଲେଶ୍ୱରରେ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି



**ବାଲେଶ୍ୱର, ୧୧।୧୦(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ବିରୋଧରେ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଯୋଗଦେଇ କହିଲେ, ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ନେଇ ବିଜେପି ସରକାର କରୁଥିବା ରାଜନୀତିର ଖୁବ୍‌ଶୀଘ୍ର ଅନ୍ତ ହେବ । ପରୀକ୍ଷା ବାତିଲ ଏବଂ କେଳେଙ୍କାରୀର ପର୍ଦ୍ଦାଫାସ ହେବ । ଓଡ଼ିଶାର ଭବିଷ୍ୟତ ପାଇଁ ଏ ଲଢ଼େଇ ବଜାୟ ରହିବ ବୋଲି ସେ କହିଥିଲେ । ସେହିପରି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଇପସିତା ସାହୁ କହିଥିଲେ, ସିବିଆଇ ତଦନ୍ତ, ଓପିଆର୍‌ବି ଚେୟାରମ୍ୟାନ୍ ଯେପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି, ସେପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ । ବିଜେପିର ବଡ଼ ପଣ୍ଡାମାନେ ଖସିଯିବାକୁ ଯେଉଁ ବ୍ୟବସ୍ଥା କରୁଛନ୍ତି, ବିଜେଡି ତାହାର ପର୍ଦ୍ଦାଫାସ କରିବ ।

ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ବର୍ଷିଥିଲେ ।

ସିନେମା ଛକସ୍ଥିତ ସହିଦ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ପରେ ହଜାର ହଜାର କର୍ମୀ ଏକ ବିଶାଳ ପଟୁଆରରେ ସହର ପରିକ୍ରମା କରି ଫକୀର ମୋହନ କଲେଜ ଛକରେ ପହଞ୍ଚିଥିଲେ । ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଯୋଗଦେଇ ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରଞ୍ଜନ ବାଗ, ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡା ପ୍ରମୁଖ ସରକାରଙ୍କ ଦୁର୍ନୀତିଗ୍ରସ୍ତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା ।

# ମନ୍ତ୍ରୀ ଗୋକୁଳାନନ୍ଦଙ୍କ ବଡ଼ଭାଇଙ୍କ ପରଲୋକ



**ପୋଲସରା, ୧୧।୧୦(ସମିସ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ତଥା ଗଂଜାମ ଜିଲ୍ଲା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କ ବଡ଼ ଭାଇ ଗୋପାଳକୃଷ୍ଣ ମଲିକ (୭୦)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି । ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ପୋଲସରା ନିର୍ବାଚନମଣ୍ଡଳୀରେ ସେ ବହୁ ବିକାଶମୂଳକ କାର୍ଯ୍ୟରେ ଜଡ଼ିତ ରହିବା ସହ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେଉଥିଲେ । ତାଙ୍କ ବିୟୋଗରେ ପୋଲସରା ନିର୍ବାଚମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି । ମନ୍ତ୍ରୀଙ୍କ ପରିବାର ସହ ଜଡ଼ିତ ଥିବା ନେତା, କର୍ମୀ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ବୁଗୁଡ଼ାସ୍ଥିତ ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ଗୋପାଳକୃଷ୍ଣଙ୍କ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା ଛାତ୍ରୀଙ୍କୁ...

ମୁଖ୍ୟମନ୍ତ୍ରୀ ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଓ ପୀଡ଼ାଦାୟକ ଦର୍ଶାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି । ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ବାପା ଗଣମାଧ୍ୟମରେ କହିଛନ୍ତି ଯେ ଝିଅର ସାଙ୍ଗଠାରୁ ମୁଁ ଏ ବାବଦରେ ଜାଣିବା ପରେ ହସ୍ପିଟାଲରେ ପହଞ୍ଚିଥିଲି । ।ସେତେବେଳେ ମୋ ଝିଅର ଅବସ୍ଥା ଗୁରୁତର ଥିଲା ଏବଂ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିଲା ।। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କ ପୁରୁଷବନ୍ଧୁ ୱାସିଫ ଅଲ୍ଲୀ ତାଙ୍କୁ ଭେଟିବାକୁ ଡାକିଥିବାରୁ ସେ କ୍ୟାମ୍ପସ ବାହାରକୁ ଗୁପଚୁପ୍ ଖାଇବାକୁ ଯାଇଥିଲେ । କ୍ୟାମ୍ପସ ଗେଟ୍ ପାଖରେ ପ୍ରାୟ ଚାରିରୁ ପାଞ୍ଚଜଣ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ଝିଅକୁ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତମାନେ ଝିଅର ମୋବାଇଲ୍ ଛଡ଼ାଇ ନେଇଥିଲେ ଏବଂ ଫେରସ୍ତ କରିବା ପାଇଁ ୩ ହଜାର ଟଙ୍କା ଦାବି କରିଥିଲେ । କିନ୍ତୁ ପରେ ତାଙ୍କ ଝିଅ ସହ ଥିବା ତାଙ୍କ ପୁରୁଷବନ୍ଧୁ ଜଣକ ତାଙ୍କୁ ଫେରାଇ ଆଣିଥିଲେ । ମୋ ଝିଅକୁ ଡାକ୍ତର କରିବା ପାଇଁ ଉକ୍ତ କଲେଜରେ ନାମ ଲେଖାଇଥିଲି । ମୁଁ ମୋ ଝିଅ ପାଇଁ ନ୍ୟାୟ ଚାହୁଁଛି । ଏଭଳି ଘଟଣା ଅନ୍ୟ କୌଣସି ଝିଅ ସହିତ ନ ଘଟୁ । କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ ଅଭିଯୋଗ କରିଛନ୍ତି ।

ଅପରପକ୍ଷେ ଓଡ଼ିଶା ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରିଛି । ଏପରିକି ଓଡ଼ିଶାର ପୁଲିସର ଏକ ସ୍ୱତନ୍ତ୍ର ମହିଳା ଟିମ୍ ପଶ୍ଚିମବଙ୍ଗ ଖୁବ୍‌ଶୀଘ୍ର ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସ୍ଥାନୀୟ ପୁଲିସର ତଦନ୍ତର ଅଗ୍ରଗତି ନେଇ ଆଲୋଚନା କରିବ ବୋଲି ସୂଚନା ମିଳିଛି । ଆହୁରି ମଧ୍ୟ ପରିବାର ଲୋକଙ୍କୁ ଭେଟି କିଭଳି ଚିକିତ୍ସା ସଠିକ୍ ହୋଇପାରିବ ସେନେଇ ଆଲୋଚନା କରିବାର ରହିଛି । ପୁଲିସ ମହାନିର୍ଦ୍ଦେଶକ ଛୁଟିରେ ଥିବାରୁ ଅତିରିକ୍ତ ଡିଜି ଏନେଇ ପଶ୍ଚିମବଙ୍ଗ ପୁଲିସ ଡିଜି ସହ ଆଲୋଚନା କରିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି ।

### ନବୀନ ନିବାସରେ...

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ନିର୍ବାଚକୁ ଦଳ କିପରି ସଫଳ ଭାବେ ଲଢ଼ିବ ସେନେଇ ଆଲୋଚନା ହୋଇଛି । ସଭାପତି ସମ୍ଭାବ୍ୟ ପ୍ରାର୍ଥୀତ୍ୱ ନେଇ ତର୍ଜମା କରୁଛନ୍ତି । ଖୁବଶୀଘ୍ର ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ଏବେବି ନବୀନ ବାବୁଙ୍କ ଉପରେ ପୂର୍ବବତ୍ ଲୋକଙ୍କ ଆସ୍ଥା ଅତୁଟ ରହିଛି । ତେଣୁ କିଏ କୋଉଠି ମିଶିବେ ତାହା ଦଳ ଉପରେ ସାମାନ୍ୟତମ ପ୍ରଭାବ ପକାଇବ ନାହିଁ । ନବୀନ ବାବୁ ଯାହାକୁ ଦଳୀୟ ପ୍ରାର୍ଥୀ କରିବେ, ସେ ବହୁ ଭୋଟରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

### ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'...

ଏ ସମସ୍ତ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ପାଇବା ସହ ଓଡ଼ିଶା ତଥା ଭାରତର ଗୌରବ ବୃଦ୍ଧି କରିଛନ୍ତି । ୧୯୯୩ରୁ ପ୍ରତ୍ୟେକ ବର୍ଷ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ ବା ଇମ୍ପାକ୍ଟ ପକ୍ଷରୁ ଏହି ପୁରସ୍କାର ରାଜ୍ୟର ୨୫ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ପ୍ରଦର୍ଶନକାରୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯାଏ । ଏକଲବ୍ୟ ପୁରସ୍କାର କମିଟ ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟି ବିଜେତାଙ୍କ ନାମ ଚୟନ କରିଛି । ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଇମ୍ପାକ୍ଟ ପକ୍ଷରୁ ସୂଚନା ଦିଆଯାଇଛି ।


O-878
E-Mail ID: eerw_titilagarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH

e Procurement Notice

IFB IDENTIFICATION NO. EETIG-online-05/2025-26

| | | | |
|---|---|---|---|
| 1. | Name of work | : | Road works |
| 2. | Total no of works | : | 01(One) no. |
| 3. | Approximate Estimated Cost | : | Varies from Rs 10.04 lakh |
| 4. | Time for completion | : | 01 (One) calendar month |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. EETIG-online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-05/2025-26 | 13.10.2025 at 11.00 A.M | 23.10.2025 upto 5.00PM | 22.10.2025 to 11.00AM | 24.10.2025 at 11.30A.M |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

OIPR-25078/11/0024/2526

Executive Engineer
R.W. Division, Titilagarh

AFFIDAVIT
By virtue of an affidavit, S.L. No.1163, dated 01.10.2025, before the Notary Public, Deogarh, I, Swami Nigamananda, resident of Station Road, Po/Ps.- Paralakhemundi, Dist.- Gajapati have changed my name from Brahmachari Surya Chaitanya to Swami Nigamananda for all purposes.

ଶପଥପତ୍ର
ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଧରିତ୍ରୀ ରାଣା, ସ୍ୱାମୀ - ରଞ୍ଜନ କୁମାର ରାଣା, ଗ୍ରାମ : ରାଇସୁଆଁ, ଥାନା - ବସ୍ତା, ଜିଲ୍ଲା - ବାଲେଶ୍ୱର, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୦୮୨୦୦୧୦୬୬, ତା - ୦୭.୦୯.୨୦୨୦, ଖାତା ନଂ. ୫୭୩/୯୩, ମ ତା ୧୪.୦୭.୨୦୨୫ରିଖରେ ରାଇସୁଆଁରେ ଥିବା ସମୟରେ କେଉଁଠାରେ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନଂ.- ୮୪୨୦୦୧୧୯୮୫, ନାମ : ସୋମନାଥ ପଟ୍ଟନାୟକ

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarpur, Bhubaneswar. Contact Gadhwal Group.
9437015112

AFFIDAVIT
By virtue of an Affidavit before Notary Public, Malkangiri, I, **Jagamaya Ghoshal**, aged about 27 years, W/o.: Samrat Ghosal, D/o.: Benumadhab Chakraborty resident of Village: M.V-23, PO.: Mariwada, P.S.: Korukonda, Dist.: Malkangiri, Odisha, declare by this Affidavit No.: 1429/2025, Dated: 09.10.2025 that I have changed my name from Jagamaya Chakraborty to **Jagamaya Ghoshal**, Henceforth I shall be known as **Jagamaya Ghoshal** for all future purposes.

ଦଲିଲ ହଜିଛି
ମୁଁ **ସ୍ୱର୍ଣ୍ଣମୟୀ ଦାସ**, ସ୍ୱାମୀ: ସନ୍ତୋଷ କୁମାର ଦାସ, ଘୋଷଣା କରୁଛି କି, ମୂଳ ବିକ୍ରୟ ଦଲିଲ ନଂ.: ୧୪୨୮, ତା.୧୧.୦୯.୨୦୦୦, ମୌଜା: ଗୋଡିପୁଟ, ମାଟିଆପଡା, ତହସିଲ: ପିପିଲି, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୧୨୮୦/୧୧୭, ପ୍ଲଟ୍ ନଂ.: ୧୪୭୩/୪୫୮୨ କୁ ୧୫.୦୩.୨୦୨୪ ଅପରାହ୍ନ ୧୨.୪୫ରେ କେଉଁଠାରେ ହଜିଯାଇଛି ମୁଁ ଏହାକୁ ଖୋଜି ପାଉନାହିଁ । ଉପରୋକ୍ତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ- ଆଡଭୋକେଟ ପ୍ରଭାକର ପଟ୍ଟନାୟକ, ମୋ.: ୯୭୭୮୦୭୦୫୯୦

AFFIDAVIT
By virtue of an affidavit No. 10654, Dtd.08.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as Ashish Kumar Biswal for all purposes.

LOST
ମୁଁ ଶ୍ରୀ ରତିକାନ୍ତ ନନ୍ଦ, ଗ୍ରାମ: କୃଷ୍ଣପଲ୍ଲୀ ପାଟଣା ଜି: କଟକ ସର୍ବସାଧାରଣଙ୍କୁ ଅବଗତ କରୁଅଛି । ଗତ ୦୭/୧୦/୨୦୨୫ ରିଖ ଅପରାହ୍ନ ୩ଟା ସମୟରେ ମୋର ଏକ୍ଟିଭା ସ୍କୁଟର ( OD 33-Z-9725) ନମ୍ବର ଥିବା ପଛ ପାଖ ପ୍ଲେଟ ଟି ଖଣ୍ଡଗିରି -ଡୁମ୍ ଡୁମା ରାସ୍ତାରେ କେଉଁଠି ଖସିପଡ଼ିଛି । ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ବା ଦୃଷ୍ଟିରେ ପଡ଼ିଥାଏ ତେବେ ୯୪୩୯୯୭୭୨୯୨ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ନମ୍ବର୍ ପ୍ଲେଟକୁ ଯଦି କେହି ଅସତ୍ ବିନିଯୋଗ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ ।

AFFIDAVIT
By virtue of an affidavit, S.L. No.2579, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Basanti Kanhar have changed my minor daughter's name from Banki Kanhar to Banaki Kanhar. Henceforth she will be known as **Banaki Kanhar** for all purposes.
**Sd/- Basanti Kanhar**

AFFIDAVIT
I Devi Debashisha Sahu, S/o- Parsuram Sahu, resident of Vill- Nuabandha Sahi, Jilundi, Dist- Ganjam, , PIN-761133, Odisha declare by this affidavit No-757 dated- 06.08.2025, that now onwards I shall be known as **DEVI DEBASISH SAHU** for all future purposes.

AFFIDAVIT
By virtue of an affidavit, S.L. No.2578, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Gunduri Mallick have changed my minor daughter's name from Baijanti Mallick to Kumari Baijayanti Mallick. Henceforth she will be known as **Kumari Baijayanti Mallick** for all purposes.
**Sd/- Gunduri Mallick**

AFFIDAVIT
I, Harshvardan Pal S/o Shri Sampat Singh Pal presently residing at Qtr No B/295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6109 dtd 08.10.2025 that now onwards I shall be known as **HARSHVARDHAN SINGH PAL** for all future purposes.

AFFIDAVIT
I, Kamlakanta , S/o- Raghunath Behera, resident of At/Po/Ps- Bhograi, District Balasore pin 756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

AFFIDAVIT
I, Munni Devi Pal W/o Shri Harshvardhan Singh Pal, presently residing at Qtr No B/295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6110 dtd 08.10.2025 that now onwards I shall be known as **MUNNI DEVI** for all future purposes.

AFFIDAVIT
By virtue of an affidavit, S.L. No.359, dated 10.10.2025, in the court of the Executive Magistrate, Semiliguda, Dist.- Koraput, I, Ritu Bagh, D/o- Jayadan Bagh, have changed my name from Rutu Bagh, D/o- Jighnadan Bagh and Date of Birth 03.02.1999 to Ritu Bagh, D/o- Jayadan Bagh and Date of Birth 13.05.2000 for all purposes.
**Sd/- Ritu Bagh**

AFFIDAVIT
I, Subhashis Mohanty, aged about 41 years, S/o- Madhabananda Mohanty, resident of At/Po- Uttamapur, PS- Cuttack Sadar, Dist- Cuttack, Odisha, PIN- 753011 declared by this affidavit No. 2052, dtd- 10/10/2025 that now onwards I shall be known as **SUBHASISH MOHANTY** for all future purposes.

AFFIDAVIT
By virtue of an affidavit sworn before Notary Public Bhubaneswar, dated- 10/10/2025. I, **Preeti Panigrahi,** W/o- Premananda Panigrahi, Address At- Shanti Niwas Angaradia, Satsang Colony, Po- Balasore, Dist- Balasore, Odisha, Pin- 756001 declare that I have changed my name from **Anima Dash** (old Name) to **Preeti Panigrahi** (new Name). Henceforth, I shall be known as **PREETI PANIGRAHI** for all purposes.
**PREETI PANIGRAHI**

AFFIDAVIT
By virtue of an affidavit before the Executive Magistrate, Dharakote, Sl. No-306/2025, I Sri Simanchala Gouda, Vill.: Bharatapalli, Po- Baradabilli, Ps.: Dharakote, Dist.- Ganjam have changed my minor son's name from Sibaprasad Gouda to Sibu Prasada Gouda, S/o- Simanchala Gouda. Henceforth he shall be known as **Sibu Prasada Gouda** for all purposes.
**Sd/- Simanchala Gouda**

AFFIDAVIT
By virtue of an affidavit before the Executive Magistrate, Affidavit NO-2406, dated 09-10-2025, I SK Tamijuddin, Resident of Vill- Aminabad, P.O- Gujidarada, P.S.: Bhadrak (R), Dist-Bhadrak, Odisha, Pin-756128, declare that, I have changed my name from SK Tamsuddin to SK Tamijuddin. Henceforth I shall be known as SK TAMIJUDDIN for all future Purposes.
**SD/- SK TAMIJUDDIN**

AFFIDAVIT
By virtue of an affidavit before the Executive Magistrate, Bhubaneswar, on dated- 13/09/2025. I, **Saibalini Nanda,** aged about 48 years, W/o- Raj Kishor Pattanaik, resident of Flat No. 002, Block-C, Vaisakha Enclave, Bomikhal, Rasulgarh, Bhubaneswar, Dist- Khordha, Odisha, PIN- 751010 have changed my minor daughter's name from **Omm Sree** (old name) to **Omm Sree Pattanaik** (new name). Henceforth, she shall be known as **Omm Sree Pattanaik** (new name) for all purposes.
**Saibalini Nanda**

## ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ଓଏସ୍‌ସିବିକୁ ଫେରିଲେ ସମ୍ପାଦକ

ନୟାଗଡ଼,୧୧।୧୦(ସମିସ)



ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟରତ ବିବାଦୀୟ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ତାଙ୍କ ମୂଳ ନିଯୁକ୍ତି ସ୍ଥାନ ଓଏସ୍‌ସିବିକୁ ଫେରାଇ ଦିଆଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ତାଙ୍କୁ ଓଏସ୍‌ସିବିକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ନେଇ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ତାଙ୍କୁ ରିଲିଭ କରିଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ତାଙ୍କୁ ରିଲିଭ କରାଯାଇଥିବା ବେଳେ ବରିଷ୍ଠତା ଭିତ୍ତିରେ ବ୍ୟାଙ୍କ ପରିଚାଳକ ସରୋଜ କୁମାର ସାହାଣୀଙ୍କୁ ବ୍ୟାଙ୍କ ସମ୍ପାଦକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବିରୋଧରେ ଷଡ଼ଯନ୍ତ୍ର କାରଣକୁ ନେଇ ବ୍ୟାଙ୍କ ସ୍ଥିତି ବିବାଦୀୟ ହୋଇଥିଲା। ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ପାଇଁ ଜିଲ୍ଲାରେ ଅସନ୍ତୋଷ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାଙ୍କ ଆର୍ଥିକ କାରବାର କ୍ଷମତା ଜିଲ୍ଲାପାଳଙ୍କ ହାତକୁ ଯାଇଥିବା ବେଳେ ସଭାପତିଙ୍କ ଦ୍ୱାରା ଅନୁଷ୍ଠିତ ବ୍ୟାଙ୍କ ସାଧାରଣ ସଭାକୁ ସମ୍ପାଦକ ଆସିନଥିଲେ। ସମ୍ପାଦକଙ୍କ ଦ୍ୱାରା ଆୟୋଜିତ ସାଧାରଣ ସଭାରେ ସମସ୍ତ ପ୍ୟାକ୍ସ ସଭାପତିମାନେ ବିରୋଧ କରିଥିଲେ। ଯାହା ଦ୍ୱାରା ସାଧାରଣ ସଭା ହୋଇପାରିନଥିଲା। ଏପରକି ବଜେଟ ଅନୁମୋଦନ ମଧ୍ୟ ହୋଇନଥିଲା। ଏଭଳି ସ୍ଥିତିରେ ବ୍ୟାଙ୍କ ସମ୍ପାଦକ କିଛି ବିଜେପି ନେତାଙ୍କ ଲିଙ୍କ୍‌ରେ ରହିଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ପୂର୍ବରୁ ସଭାପତି ବ୍ୟାଙ୍କ ସମ୍ପାଦକଙ୍କୁ କାର୍ଯ୍ୟରୁ ରିଲିଭ କରିଥିଲେ। ଏହାକୁ ନେଇ ପ୍ୟାକ୍ସ ସଭାପତି ସମବାୟ ନିବନ୍ଧକଙ୍କ କୋର୍ଟରୁ ସ୍ଥଗିତାଦେଶ ଆଣିଥିଲେ। ପୁଣି ସମ୍ପାଦକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଏହି ନିଲମ୍ବନ ଆଦେଶ ଉପରେ ୮-୧-୨୦୨୫ରେ ଓଏସ୍‌ସିବି ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କୁ ସମ୍ପାଦକ ବିରୋଧରେ ଚାର୍ଜଫ୍ରେମ କରିବାକୁ କହିଥିଲେ। ଚାର୍ଜଫ୍ରେମ ଉପରେ ଓଏସ୍‌ସିବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଯାହାକୁ ନେଇ ନେଇ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ମତେ ଓଏସ୍‌ସିବି ତାଙ୍କୁ ନୟାଗଡ଼ ଜିଲ୍ଲା କେନ୍ଦ୍ର ବ୍ୟାଙ୍କରୁ ଫେରାଇ ନେବାକୁ ନିର୍ଦ୍ଦେଶ ମିଳିଥିଲା। ଓଏସ୍‌ସିବି ସଭାପତିଙ୍କ ନିର୍ଦ୍ଦେଶ ଆଧାର କରି ତାଙ୍କୁ ନୟାଗଡ଼ ବ୍ୟାଙ୍କରୁ ଶୁକ୍ରବାର ରିଲିଭ୍ କରାଯାଇଥିବା ସୂଚନା ମିଳିଛି।

### ବଦଳିବ କି ବ୍ୟାଙ୍କ ପରିସ୍ଥିତି

ନୟାଗଡ଼: ସାଧାରଣ ନିର୍ବାଚନ ପରଠାରୁ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବିବାଦୀୟ ପରିସ୍ଥିତି ଲାଗି ରହିଛି। ବ୍ୟାଙ୍କ ପରିଚାଳନା ପରିଷଦ ଓ କର୍ମଚାରୀଙ୍କ ମଧ୍ୟରେ ବାଦ ବିବାଦ ସୃଷ୍ଟି ହୋଇଛି। ଯାହାର ପ୍ରଭାବ ସମବାୟ ସମିତି ଗୁଡ଼ିକ ଉପରେ ପଡୁଛି। ଚଳିତ ବର୍ଷ ଚାଷୀଙ୍କ ଋଣଦେଣ ହେଉଥିଲେ ମଧ୍ୟ ଚାଷୀମାନେ ଋଣ ପରିମାଣ ବୃଦ୍ଧି ପାଉନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ କ୍ଷୋଭ ଓ ଅସନ୍ତୋଷ ଦେଖାଦେଇଛି। ସମ୍ପାଦକ ଓଏସ୍‌ସିବିକୁ ଫେରିବା ପରେ ବ୍ୟାଙ୍କ ସ୍ଥିତିରେ ପରିବର୍ତ୍ତନ ଆସିବ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ



**ନୟାଗଡ଼,୧୧।୧୦(ସମିସ):** ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତପତି ରାଜ, ଡେପୁଟି କଲେକ୍ଟର ପ୍ରଭାତି ମହାରଣା, ମହିଳା ସଶକ୍ତୀକରଣର ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ ସମସ୍ତ କର୍ମଚାରୀଙ୍କ ସହିତ ଆଦିକା କିଶୋରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତପରି ରାଜ ଝିଅଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା, ଘରୋଇ ହିଂସା, ଯୌତୁକ ନିଷେଧ, ବାଲ୍ୟ ବିବାହ ନିଷେଧ ଇତ୍ୟାଦି ସମସ୍ତ ବିଷୟରେ କିଶୋରୀ ବାଳିକାଙ୍କୁ ଉଦ୍‌ବୋଧନ ଦେଇଥିବା ସ୍ଥଳେ ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଇଜ୍, ସଂଗୀତ, ନୃତ୍ୟ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ପ୍ରତିପାଦିତ କରି ଶେଷରେ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

## ହାଇୱା ଚଳାଚଳ ଯୋଗୁଁ ବଢୁଛି ଟ୍ରାଫିକ୍ ସମସ୍ୟା

**ଖଣ୍ଡପଡ଼ା,୧୧।୧୦(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥିତ ମହାନଦୀ ଘାଟରୁ ବାଲି ବୋଝେଇ କରି ହାଇୱା ଗାଡିଗୁଡିକ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ବେଳା ଅବାଧରେ ଚଳାଚଳ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବାରମ୍ବାର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା/ଅଘଟଣ ଘଟୁଥିବାର ନଜିର ରହିଛି। ସିଧାମୂଳା ଗ୍ରାମ ପାର୍ଶ୍ୱସ୍ଥ ମହନଦୀ ଘାଟରୁ ବାଲି ବୋଝେଇ କରି ଶହଶହ ହାଇୱା ଗାଡିଗୁଡିକ ଜନଗହଳିପୂର୍ଣ୍ଣ ରାଜକିଆରୀ, ଘଣାଶାଳିଆ, ବାଣପୁର, ବେଣାଗାଡିଆ, ବରକୋଳିଛକ, ମର୍ଦ୍ଦରାଜପୁର, ଖଳିସାହି ଓ ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ଜଣାପଡିଛି। ଦିନ ବେଳା ହାଇୱା ଗାଡିଗୁଡିକ ଚଳାଚଳ ଉପରେ କଟକଣା ଲଗାଇବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି ଗତ କିଛିଦିନ ତଳେ ଖଣ୍ଡପଡ଼ାରୁ ଖଳିସାହି ଗ୍ରାମ ଦେଇ କଣ୍ଟିଲୋ ଅଭିମୁଖେ ଯାଉଥିବା ଏକ ହାଇୱା ଗାଡ଼ି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଖଳିସାହି ବଜାର ମଧ୍ୟରେ ଅଟକି ରହିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଦୀର୍ଘ ସମୟ ଧରି ଯାନବାହନ ଗୁଡିକ ଅଟକି ରହିବା ଯୋଗୁଁ ସେହି ରାସ୍ତା ଦେଇ ଚଳାଚଳ ସଂପୂର୍ଣ୍ଣ ଠପ ହେବା ସହ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହୋଇଥିଲା। ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଦିନବେଳା ହାଇୱା ଗାଡି ଚଳାଚଳ ଉପରେ କଟକଣା କଡାକଡି ଲାଗୁ କରିବାକୁ ଦାବି ହେଉଛି। ଏଥିପ୍ରତି ନୟାଗଡ ଜିଲ୍ଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।



## ୧୧ ଏସ୍‌ଆଇ ହେଲେ ଇନ୍ସପେକ୍ଟର

**ନୟାଗଡ଼,୧୧।୧୦(ସମିସ):** ନୟାଗଡ଼ ଜିଲ୍ଲା ପୁଲିସରେ କାର୍ଯ୍ୟରତ ୧୧ ଜଣ ଏସ୍‌ଆଇ ଇନ୍ସପେକ୍ଟର ସ୍ତରକୁ ପଦୋନ୍ନତି ପାଇଛନ୍ତି। ରାଜ୍ୟ ସରକାର ନିକଟରେ ୪୨୭ ଜଣ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କକୁ ପଦୋନ୍ନତି ଦେଇଛନ୍ତି। ଏହି ପଦୋନ୍ନତି ତାଲିକାରେ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ୧୧ ଜଣ ଏସ୍‌ଆଇ ପଦୋନ୍ନତି ପାଇଛନ୍ତି। ନୟାଗଡ଼ ଜିଲ୍ଲା ଦର୍ପନାରାୟଣପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳ, ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସଞ୍ଜୟ କୁମାର ପରିଡ଼ା, ନୟାଗଡ଼ ଟାଉନଥାନାରେ କାର୍ଯ୍ୟରତ ଏସ୍‌ଆଇ ଶିବାରଞ୍ଜନ ସିଙ୍ଗା, ରାଜସୁନାଖଳା ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ପ୍ରୀତିପ୍ରକାଶ ମହାନ୍ତି, ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ଶ୍ରଦ୍ଧା ନାୟକ, ରଣପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସ୍ନେହଲତା ପ୍ରଧାନ, ନୟାଗଡ଼ ଟାଉନଥାନାରେ କାର୍ଯ୍ୟରତ ଏସ୍‌ଆଇ ସନ୍ତୋଷ କୁମାର ଦାଶ, ଦଶପଲ୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଏସ୍‌ଆଇ ବିନୟରଞ୍ଜନ ପରିଡ଼ା, ରଣପୁର ଥାନାରେ କାର୍ଯ୍ୟରତ କୃତ୍ତିବାସ ହରିଚନ୍ଦନ, ମହିପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ବିରଞ୍ଚି ନାରାୟଣ ଅମାତ, ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ଇନ୍ସପେକ୍ଟର ର୍‍ୟାଙ୍କକୁ ପଦୋନ୍ନତି ମିଳିଥିବା ସୂଚନା ମିଳିଛି।

## ତହସିଲ୍‌ଦାରଙ୍କ ଦ୍ୱାରା ପୋଷାକ ବିତରଣ

ଓଡ଼ଗାଁ,୧୧।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଆଞ୍ଚଳିକ ସାଧନକେନ୍ଦ୍ର କଦଳୀବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣପୋଷାକ ସହିତ ଅନ୍ୟାନ୍ୟ ସରଞ୍ଜାମ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିଛନ୍ତି। ବିଦ୍ୟାଳୟର ସବୁଜିମା ବଗିଚା, ଶ୍ରେଣୀ କକ୍ଷ ଗୁଡ଼ିକରେ ଅଦରକାରୀ ଜିନିଷରେ ହାତତିଆରି ଶିକ୍ଷଣସାମଗ୍ରୀ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ତହସିଲଦାର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେଶ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ମିନତୀ ଡାକୁଆଙ୍କ ପ୍ରଚେଷ୍ଟା ସତ୍ତ୍ୱେ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ହୋଇ ପାରୁନଥିବା ଯୋଗୁଁ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ଶିକ୍ଷଣକାର୍ଯ୍ୟ କରିବାରେ କଷ୍ଟ ଅନୁଭବ କରୁଛନ୍ତି। ବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ବିଦ୍ୟାଳୟ ମଧ୍ୟକୁ ପକ୍କା ରାସ୍ତାର ଅଭାବ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଅସୁବିଧା ସୃଷ୍ଟି କରୁଛି। ଉପରୋକ୍ତ ସମସ୍ୟାଗୁଡିକର ସମାଧାନ ପାଇଁ ଆଜିର କାର୍ଯ୍ୟକ୍ରମ ଅବସରରେ କମିଟି ସଭ୍ୟସଭ୍ୟା ମାନେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ରଞ୍ଜନ କୁମାର ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରୀତାପଣ୍ଡା ସହଯୋଗ କରିଥିଲେ।

● ରଘୁନାଥ ଆଥ୍‌ଲେଟିକ୍ସ ଆସୋସିଏସନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଓଡ଼ଗାଁ, ରାଜପାଟଣା, ନାଗମୁଣ୍ଡୁଳି



**ଓଡ଼ଗାଁ,୧୧।୧୦(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଓଡ଼ଗାଁ କଲେଜ ରୋଡ଼ ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ଅଣ୍ଡର-୧୯ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ଦିନରେ ଓଡ଼ଗାଁ ଆରଏଏ, ରାଜପାଟଣା ସହିତ ନାଗମୁଣ୍ଡୁଳି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ଓଡ଼ଗାଁ ଏବଂ ସୋରଡ଼ା କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆୟୋଜକ ଦଳ ଓଡ଼ଗାଁ ୧-୦ ଗୋଲରେ ବିଜୟ ହାସଲ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ଦ୍ୱିତୀୟ ମ୍ୟାଚରେ ଖଣ୍ଡପଡ଼ା ଦଳ ଅନୁପସ୍ଥିତ ରହିବା କାରଣରୁ ରାଜପାଟଣା ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ତୃତୀୟ ମ୍ୟାଚରେ ନାଗମୁଣ୍ଡୁଳି ୧-୦ ଗୋଲରେ ଇଟାମାଟିକୁ ହରାଇ ବିଜୟ ହାସଲ କରିଥିଲା ବେଳେ ମର୍ଣ୍ଣିଙ୍ଗ୍ କ୍ଲବ ନୟାଗଡ଼ ଗୌଡ଼ପୁଟକୁ ୦-୧ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ରଘୁନାଥ ଆଥଲେଟିକ ଆସୋସିଏସନ୍ ଓ ମର୍ଣ୍ଣିଂ କ୍ଲବ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ରାଜପାଟଣା ଓ ନାଗମୁଣ୍ଡୁଳୀ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚର ବିଜୟୀ ଦଳଙ୍କ ମଧ୍ୟରେ ରବିବାର ଅପରାହ୍ନରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ସମସ୍ତ ମ୍ୟାଚ୍ ଗୁଡ଼ିକ ରଘୁନାଥ ଆଥଲେଟିକ ଆସୋସିଏସନ୍ ସମ୍ପାଦକ ତଥା ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ପିଏମ୍ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ



**ନୟାଗଡ଼,୧୧।୧୦(ସମିସ):** ନୟାଗଡ଼ ବ୍ଲକ କନଫରେନସ୍ ହଲଠାରେ ପିଏମ୍ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲିଜାତୀୟ ଫସଲ ମିଶନ ଶୁଭାରମ୍ଭ ହୋଇଯାଇଛି। ଏହାକୁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ କୃଷି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସରୋଜ ରଣସିଂହ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶିବନାରାୟଣ ସିଂ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଅନିଲ ସ୍ୱାଇଁ ଏବଂ ବିଭିନ୍ନ ବ୍ଲକରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ଦଶପଲ୍ଲା କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଥାନା ଆଗରେ ଶବ ରଖି ରାସ୍ତା ଅବରୋଧ



**ଶରଣକୁଳ,୧୧।୧୦(ସମିସ):** ଶନିବାର ଅପରାହ୍ନରେ ଶିଖରପୁର ଗ୍ରାମବାସୀ ଶରଣକୁଳ ଥାନା ଆଗରେ ଶବ ରଖି ୨୧ ନଂ. ରାଜ୍ୟ ରାଜପଥ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଗୁରୁବାର ଦିନ ସନ୍ଧ୍ୟା ସମୟରେ ଶିଖରପୁର ତାରିଣୀ ସାହିର ନାରାୟଣ ବେହେରା (୬୫) କ୍ଷୀର ବିକ୍ରି କରିବା ପାଇଁ ଶରଣକୁଳ ବଜାରକୁ ଯାଉଥିଲେ। ଘରଠାରୁ ମାତ୍ର ୫୦ ମିଟର ଦୂର ଯାଇଥିବା ବେଳେ ପଛ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଜୋରରେ ଧକ୍କା ଦବା ଫଳରେ ସେ ସେଠାରେ ପଡିଯାଇ ଆଘାତ ପ୍ରାପ୍ତ ହୋଇଥିଲେ। ପରିବାର ଲୋକେ ପ୍ରଥମେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ନୟାଗଡ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନାରାୟଣ ବେହେରାଙ୍କର ଶନିବାର ଦିନ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଅପରାହ୍ନରେ ଶବ ଆଣି ଶରଣକୁଳ ଥାନା ଆଗରେ ଶବ ବୁହା ଗାଡ଼ିକୁ ରଖି ରାସ୍ତା ଅବରୋଧ କରିଥିଲେ। ମୃତ ନାରାୟଣ ବେହେରାଙ୍କ ପରିବାର ଲୋକଙ୍କ କହିବା ମୁତାବକ ଶୁକ୍ରବାର ଶରଣକୁଳ ଥାନାରେ ଏତଲା ଦେବା ପାଇଁ ଆସିଥିଲେ। ଶନିବାର ମଧ୍ୟ ଏତଲା ଧରି ଆସିଥିଲେ। ମାତ୍ର ଥାନାରେ ଏତଲା ରଖି ନଥିଲେ। ଯେଉଁଥିପାଇଁ ପରିବାର ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଶନିବାର ଶାନ୍ତି କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏତଲା ଦାଖଲ କରି ଥାନାରେ ରେଜିଷ୍ଟ୍ରେସନ କରି କପି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ନରସିଂହପୁର କ୍ଲଷ୍ଟରସ୍ତରୀୟ 'ସୁରଭି' ଉଦ୍‌ଯାପିତ

**ରଣପୁର,୧୧।୧୦(ସମିସ):** ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟରରେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ନରସିଂହପୁର ଉଚ୍ଚ ବିଦ୍ୟାଳୟଠାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନରସିଂହପୁର ସରପଞ୍ଚ ଝୁନୁବାଳା ରଣସିଂହ, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ଗୀତାଞ୍ଜଳି ସାହୁ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଶିକ୍ଷବିତ ବିଦେଶିନୀ ପତି, ଅଶୋକ କୁମାର ଦାଶ ଏବଂ ସମ୍ମାନିତ ଅତିଥି ଭାବେ କବି ଅଜୟ କୁମାର ପ୍ରଧାନ, ନରସିଂହପୁର ଉଚ୍ଚ ବିଦ୍ୟାଳୟ ସଭାପତି ସୁବଳ ଚରଣ ସିଂ, ହଂସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଦ୍ରୀ ବିହାରୀ ସୁବୁଦ୍ଧି, ନରସିଂହପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ସଭାପତି ସୁନୀଲ କୁମାର ମହାନ୍ତି, ଅତିଥି ଶିକ୍ଷକ ଫକୀର ନାୟକ, ପ୍ରଶାନ୍ତ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଦାବରୀ ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ବରିଷ୍ଠ ଶିକ୍ଷକ ମାଗିରାମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାମନ୍ତରାୟପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ବେହେରା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ କରିଥିଲେ। ନରସିଂହପୁର ମଧ୍ୟ ଇଁରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଖାଦ୍ୟପେୟ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ନରସିଂହପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ, ଗଣିତ ଦୌଡ଼, ହସ୍ତାକ୍ଷର ଲିଖନ, ଦଳଗତ ନୃତ୍ୟ ଆଦି କ୍ଷେତ୍ରରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମାନପତ୍ର ପ୍ରଦାନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟା ଓ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। କ୍ଲଷ୍ଟର ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭିରେ ଅଂଶ ଗ୍ରହଣ କରିବେ ବୋଲି ଘୋଷଣା କରାଯାଇଛି।

## ମା' ପୂର୍ଣ୍ଣମାସୀଙ୍କ ପୀଠରେ ଭାଗବତ ସପ୍ତାଙ୍ଗ

ଖଣ୍ଡପଡ଼ା,୧୧।୧୦(ସମିସ): ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତର ଗୋଛାବାରୀ ଗ୍ରାମର ମା' ପୂର୍ଣ୍ଣମାସୀଙ୍କ ପୀଠରେ ୩ୟ ବାର୍ଷିକ ଭାଗବତ ସପ୍ତାଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ଅବସରରେ କଳସ ଯାତ୍ରା, ଘଟ ସ୍ଥାପନ, ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ ଓ ଅଧିବାସ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଆସନ୍ତା ୧୨ ତାରିଖ ରବିବାର ଅପରାହ୍ନରେ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଆଖପାଖ ଅଞ୍ଚଳରୁ ସାଧୁସନ୍ଥମାନେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପ୍ରତ୍ୟେକ ଦିନ ଭାଗବତ ପାଠ, ନାମ ସଂକୀର୍ତ୍ତନ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା

# ଦ୍ୱିତୀୟ ଥର ପାଠାଗାର ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ

ନୟାଗଡ଼/ଗଣିଆ,୧୧।୧୦(ସମିସ)





ନୟାଗଡ ଜିଲ୍ଲା ନୂଆଗାଁ ଏବଂ ଗଣିଆରେ ଦେଖିବାକୁ ମିଳିଛି ରାଜନୈତିକ ଉଷ୍ମତା। କଲେଜ ପାଠାଗାର ଉଦ୍‌ଘାଟନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଦୁଇଦିନ ଧରି ଚାଲିଛି ସଂଘର୍ଷ। ଉପରୋକ୍ତ ଦୁଇଟି ବିଦ୍ୟାଳୟ ପରିସରରେ ନୂତନ ପାଠାଗାର ଉଦଘାଟନ ପାଇଁ ବିଦ୍ୟାଳୟ ତରଫରୁ ନିମନ୍ତ୍ରଣ ପତ୍ର ଛପା ଯାଇଥିଲେ ମଧ୍ୟ ସେଥିରେ ବିଧାୟକଙ୍କ ନାମ ନଥିବାରୁ ବିଜେଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବିଧାୟକଙ୍କ ନିଜସ୍ୱ ପାଣ୍ଠି ତଥା ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ଉକ୍ତ ପାଠାଗାର ଉଦ୍‌ଘାଟନ ଉତ୍ସବକୁ ବିଧାୟକଙ୍କୁ ନିମନ୍ତ୍ରଣ ନଥିବାରୁ ଶୁକ୍ରବାର ବିଧାୟକ କର୍ମୀଙ୍କ ଗହଣରେ ଉଭୟ ପାଠାଗାର ଉଦ୍‌ଘାଟନ କରିଥିଲେ। ବିଧାୟକ ଉଦଘାଟନ କରିବା ପରେ କିଛି ବିଜେପି କର୍ମୀ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଗଣିଆ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହାକୁ ଭାଙ୍ଗି ଦେଇଥିବା ଜଣାପଡିଥିଲା। ଶନିବାର ବିଜେଡି ତରଫରୁ ଆଡକଟା ଛକଠାରୁ ପ୍ରାୟ ୫ ଶହରୁ ଅଧିକ ବାଇକ୍ ଶୋଭାଯାତ୍ରାରେ ବାହାରି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ବିଜୁ ଜନତା ଦଳର ବହୁ ବରିଷ୍ଠ ବିଜେଡି ନେତା ଓ କର୍ମୀ ଏକତ୍ରିତ ହୋଇଥିଲେ। ବିଜେଡି ପଦଯାତ୍ରାକୁ ଭଣ୍ଡୁର କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ ପ୍ରଶାସନିକ ଅଧିକାରୀ। ସରକାରୀ ଦଳର ହାତବାରେସି ସାଜି ପୁଲିସ ଅଧିକାରୀମାନେ ବିଜେଡି କର୍ମୀଙ୍କୁ ଅଧା ବାଟରେ ଅଟକାଇଥିଲେ। ବିଧାୟକ ଶ୍ରୀ ବେହେରାଙ୍କୁ ଆଗକୁ ନଯିବାକୁ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ନିବେଦନ କରିଥିଲେ। ସେପଟେ ଶୁକ୍ରବାରଠାରୁ ଉଦଘାଟନ ସରିଥିବା ପାଠାଗାରକୁ ଦ୍ୱିତୀୟ ଥର ପାଇଁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉଦଘାଟନ କରିଥିଲେ। କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ଆସି ବିଦ୍ୟାଳୟ ପରିସରରେ ପହଞ୍ଚି ନୂତନ ପାଠାଗାରକୁ ଉଦଘାଟନ କରିବା ସହିତ ବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏପରିକି ମନ୍ତ୍ରୀଙ୍କ ଭାଷଣ ସମୟରେ ଚେୟାର ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା। ଗଣିଆ ଏବଂ ନୂଆଗାଁରେ ଫଳକ ରାଜନୀତି ଦେଖା ଦେଇଥିବା ବେଳେ ବିଧାୟକଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ନଡାକିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ଏହା ସରକାରଙ୍କ ନିର୍ଦ୍ଦେଶ ବୋଲି ଉଭୟ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ କରିଥିଲେ। ବିଜେପି ଦଳର ଏଭଳି ହୀନ ରାଜନୀତିକୁ ସମାଲୋଚନା କରିବା ସହିତ ଆଗାମୀ ଦିନରେ ଏହାର ଦୃଢ ଜବାବ ଦିଆଯିବ ବୋଲି ବିଧାୟକ ଶ୍ରୀ ବେହେରା ପ୍ରକାଶ କରିଥିଲେ। ଘଟିଥିବା ଘଟଣାକୁ ନେଇ ନୂଆଗାଁ ଓ ଗଣିଆ ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

## ଟ୍ରେନ୍‌ରୁ ଖସିପଡ଼ି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

● ଚେନ୍ନାଇରୁ ଓଡ଼ିଶା ଫେରୁଥିଲେ



ବେଗୁନିଆ,୧୧।୧୦(ସମିସ): ବାଘମାରୀ ଥାନା ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଡ଼ିଲୋ ଗ୍ରାମ ଆଦିବାସୀ ସାହିର ମଙ୍ଗୁ ନାୟକଙ୍କ ଏକମାତ୍ର ପୁଅ ଅରୁଣ (୨୦) ଚେନ୍ନାଇରୁ ଫେରୁଥିବା ସମୟରେ ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ତାଙ୍କର ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଥିବାରୁ ମରଶରୀରକୁ ନିଜ ପୈତୃକ ଗ୍ରାମକୁ ଆଣିବାକୁ ଅସମର୍ଥ ହୋଇଥିବାରୁ ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ ଓ ସରପଞ୍ଚ ଲାବଣ୍ୟ ଜୟସିଂହଙ୍କ ସହଯୋଗରେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ତେବେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦିଆଯାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ମରଶରୀରକୁ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

## ନାବାଳିକା ଅପହରଣକାରୀକୁ ଥାନା ଜିମାଦେଲେ ଲୋକେ

ଟାଙ୍ଗୀ,୧୧।୧୦(ସମିସ): ରଣପୁର ଥାନା ଅଧୀନସ୍ଥ କୁଞ୍ଜବନ ପଞ୍ଚାୟତର ବ୍ରଜରାଜପୁର ନୋଡାଲ ବିଦ୍ୟାଳୟରୁ ନାବାଳିକାକୁ ୧୭ ଦିନ ହେଲାଣି ସ୍କୁଲରୁ ଅପହରଣ ତଥା ପରିବାର ଲୋକଙ୍କୁ ମାରପିଟ୍ କରି ସେଠାରୁ ଖସିପଳାଇବା ଉଦ୍ୟମ କରୁଥିବାବେଳେ ସାଧାରଣ ଲୋକେ ତାଙ୍କୁ ଧରି ଟାଙ୍ଗୀ ପୁଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଞ୍ଚଳରେ। ରଣପୁର ଥାନା ଅଧୀନସ୍ଥ କୁଞ୍ଜବନ ପଞ୍ଚାୟତର ବ୍ରଜରାଜପୁର ନୋଡାଲ ସ୍କୁଲରେ ପାଠ ପଢୁଥିବାବେଳେ ପ୍ରତିଦିନ ଭଳି ଗତ ସେପ୍ଟେମ୍ବର ୨୬ ତାରିଖ ପୂର୍ବାହ୍ନ ୧୦ଟାରେ ସ୍କୁଲକୁ ଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ଜରାଗ ଗ୍ରାମର ରାଞ୍ଜନ ବେହେରାଙ୍କ ୩୩ ବର୍ଷୀୟ ପୁଅ ରାକେଶ ବେହେରା ବାଇକ୍‌ରେ ଆସି ନାବାଳିକାକୁ ଅପହରଣ କରି ନେଇଯାଇଥିଲା। ଘଟଣାକୁ ନେଇ ନାବାଳିକାର ମାଆ ସେହିଦିନ ରଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରିବାର ଲୋକେ ଶନିବାର ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବସଷ୍ଟାଣ୍ଡ ପାଖରେ ଅପହରଣକାରୀକୁ କାବୁ କରି ନାବାଳିକାକୁ ଉଦ୍ଧାର କରିନେଇଥିଲେ। ସେଠାରୁ ରାକେଶ ସେମାନଙ୍କୁ ମାରପିଟ୍ କରି ଖସିପଳାଇବାକୁ ପ୍ରୟାସ କରୁଥିବାବେଳେ ସ୍ଥାନୀୟ ଲୋକେ ଧରି ଟାଙ୍ଗୀ ଥାନାରେ ଜିମା ଦେଇଥିବା ଜଣାପଡ଼ିଛି।

## ହସ୍ପିଟାଲରୁ ଚିକିତ୍ସା ହୋଇ ଫେରୁଥିବା ଯୁବକଙ୍କୁ ଆକ୍ରମଣ

ଜଟଣୀ,୧୧।୧୦(ସମିସ): ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସା ହୋଇ ଫେରୁଥିବା ସମୟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ଜଣକ ରାସ୍ତାରେ ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ।



ମାତ୍ର ଯୁବକ ଜଣକ କିଛି ସମୟ ପୂର୍ବରୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଅନ୍ୟପଟେ ଯୁବକଙ୍କ ଡାକ୍ତରୀ ପ୍ରେସକ୍ରିପସନରୁ ଠିକଣା ଚିହ୍ନଟ କରି ଲୋକମାନେ ତାଙ୍କ ଘର ଜଟଣୀ ଥାନା ଅନ୍ତର୍ଗତ ଚିରିଳିଆ ଗ୍ରାମକୁ ଫୋନ୍ କରି ଅବଗତ କରିଥିଲେ। ସେଠାରେ ଉକ୍ତ ଯୁବକଙ୍କ ସହିତ ଅନ୍ୟ କିଛି ଯୁବକଙ୍କ ସହିତ ଝଗଡ଼ା ହେବାରୁ ଆହତ ହୋଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା କହିଥିଲେ। ମାତ୍ର ସେଠାରେ ତାଙ୍କୁ କିଏ ଏବଂ କାହିଁକି ଆକ୍ରମଣ କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏନେଇ ଜଟଣୀ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୧୧।୧୦(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର ଓ ହିନ୍ଦୀ ଶିକ୍ଷୟିତ୍ରୀ ପ୍ରଣତୀ ବିଶାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ବାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ ସ୍ୱାଇଁ, ବରିଷ୍ଠ ସହକାରୀ ଶିକ୍ଷକ ରଘୁନାଥ ସ୍ୱାଇଁ, ଅରୁନ୍ଧତି ଓଝା, ପ୍ରତିଭା ଶତପଥୀ, ନିହାରିକା ସାହୁ, ମନୋଜ ନାୟକ ଓ ବେଦନାରାୟଣ ହୋତା ପ୍ରମୁଖ ବିଦାୟୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟ, ପ୍ରତିବଦ୍ଧତା ଓ ଛାତ୍ରବତ୍ସଳତା ଆଦି ଗୁଣ ସମ୍ପର୍କରେ ମତ ରଖିଥିଲେ। ବିଗତ ଦିନରେ ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ତାଙ୍କର ନିଷ୍ଠାପର ଓ କର୍ତ୍ତବ୍ୟପରାୟଣ ପାଇଁ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କର ଶାନ୍ତ, ସରଳ ସ୍ୱଭାବ ଓ ପାଠପଢ଼ା ସ୍ୱତନ୍ତ୍ର ଶୈଳୀ ନିଆରା ଥିଲା ବୋଲି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ।

## ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା କମିଟି

# ପୂଜା ନିମନ୍ତେ ମାଲିକ ଓ ଡ୍ରାଇଭର ଏକାଠି

ଖୋର୍ଦ୍ଧା,୧୧।୧୦(ସମିସ)

ସକାଳ ହେଲେ ପେଟପାଟଣା ଚିନ୍ତା। ସେ ହାଡ଼ଭଙ୍ଗା ଶୀତ ହେଉ କିମ୍ବା ସୂର୍ଯ୍ୟଙ୍କ ପ୍ରଚଣ୍ଡ ଉତାପ। ବର୍ଷା ହେଲେ ତ କଥା ସରିଲା। ଖୋଲା ଆକାଶ ହେଉଛି ଏକ ମାତ୍ର ଭରସା। କିଏ କେତେବେଳେ ଆସେ ତା'ର ଠିକଣା ପରିବାର ଲୋକ ଜାଣିବା କଷ୍ଟକର। ଆଜି ଏଠାରେ ଅଛନ୍ତି ତ କାଲି ଜିଲ୍ଲା ବାହାରେ ଜୀବନ ବିତାଇବାକୁ ପଡୁଛି। ନିଜ ଜୀବନକୁ ବାଜି ଲଗାଇ ଅନ୍ୟକୁ ସେବା ଯୋଗାଉଥିବାବେଳେ ଉପଯୁକ୍ତ ପାରିଶ୍ରମିକ ପାଇଗଲେ ଖୁସ୍। ଆଉ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଋଣ ବୋଝରେ ବି ବୁଡ଼ି ରହିଛନ୍ତି। ଗାଡ଼ିର ଚକା ନ ଗଡ଼ିଲେ ସୁଧ ଗଣିବାକୁ ଭୟ ଘାରୁଛି। ତାହା ସହିତ ପରିବହନ ବିଭାଗ ଏବଂ ପୁଲିସ ବାବୁଙ୍କ ନାଲି ଆଖି। ତଥାପି ଓଡ଼ିଶାର ପୁରାତନ ସଂସ୍କୃତି ଓ ପର୍ବପର୍ବାଣୀ, ପରମ୍ପରା ତାଙ୍କ ଆଗରେ ହାର୍ ମାନିଛି। ଏମିତି ଏକ ସଂଘ



ହେଉଛି ସ୍ଥାନୀୟ ହାବେଳୀ ପଡ଼ିଆ ରାସ୍ତା ପାଶ୍ୱର୍ରେ ଥିବା ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା କମିଟି। ୨୦୦୩ରୁ ଏଯାବତ୍ ଗୋଟିଏ ସ୍ଥାନରେ ମା' ଧନଲକ୍ଷ୍ମୀଙ୍କ ପୂଜା କରିଆସୁଛନ୍ତି। ସେହିପରି ସଂଘରେ କିଛି ମାଲିକ ମଧ୍ୟ ଅଛନ୍ତି। ଉକ୍ତ ମାଲିକଙ୍କ ମଧ୍ୟରୁ ଅଧିକାଂଶ ଋଣବୋଝରେ ବୁଡ଼ି ରହିଛନ୍ତି। ପ୍ରତିବର୍ଷ ଲକ୍ଷ୍ମୀପୂଜା ସମୟ ହେବାମାତ୍ରେ ସେମାନଙ୍କ ମଧ୍ୟରେ ଦେଖାଯାଇଥାଏ ବେଶ୍ ଉତ୍କଣ୍ଠା। ପରସ୍ପର ମଧ୍ୟରେ ଟଙ୍କା ଆଦାୟ କରି ମା' ଧନଦାତ୍ରୀଙ୍କ ପୂଜା ଓ ଆରାଧନା କରିଥା'ନ୍ତି। ମା' ମଣ୍ଡପରେ ପୂଜା ପାଇବା ସମୟରେ ଏଠାରେ ମାଲିକ ଏବଂ ଡ୍ରାଇଭର ଏକାଠି ହୋଇଥା'ନ୍ତି।

ମା'ଙ୍କ ପୂଜା ରୀତିନୀତି ଅନୁଯାୟୀ କରିବା ସହିତ ମା'ଙ୍କ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ଅପେକ୍ଷା କରିଥା'ନ୍ତି। ମା'ଙ୍କ ମୂର୍ତ୍ତି ଓ ଆକର୍ଷଣୀୟ ସାଜସଜ୍ଜା ନିମନ୍ତେ କମିଟିର ସଦସ୍ୟମାନେ କୌଣସି ସାଲିସ୍ କରି ନ ଥିବାବେଳେ ଭସାଣି ଯାଏଁ ନିରାମିଷ ଭୋଜନ ଖାଇ ମା'ଙ୍କ ବ୍ରତ ରଖିଥା'ନ୍ତି। ମା'ଙ୍କ ନିକଟରେ ଶୁଖିଲି ଭୋଗ ହୋଇଥିବାବେଳେ ଗୁରୁବାର ମା'ଙ୍କ ନିକଟରେ ଖେଚୁଡ଼ି ଓ ଡାଲମା ଭୋଗ ହୋଇଥିଲା। ସେହିପରି ଖିରି, ଛେନାପୋଡ଼, କାକରା ଓ ଲଡୁ ଭୋଗ କରାଯାଇଥିବା ସଂଘର କାର୍ତ୍ତିକ ସେନାପତି ସୂଚନା ଦେଇଛନ୍ତି।

ଏହି ସଂଘର ସଭ୍ୟ ସଂଖ୍ୟା ପ୍ରାୟ ୭୦ ହୋଇଥିବା ଶ୍ରୀ ସେନାପତି କହିଛନ୍ତି। ତାଙ୍କ କହିବା କଥା ଯେହେତୁ ଡ୍ରାଇଭରମାନଙ୍କ ଯିବାଆସିବା ସମୟ ମଧ୍ୟରେ ତାଳମେଳ ନ ଥାଏ, ତେଣୁ ପୂଜା ସମୟତକ ପାଳିକରି ମା'ଙ୍କ ଭୋଗରାଗ କଥା ବୁଝିଥାଉ। ଏଥିସହିତ ମା'ଙ୍କ ଆଶୀର୍ବାଦରୁ ମାଲିକ ଏବଂ ଡ୍ରାଇଭରଙ୍କ ଗୋଟିଏ ବର୍ଷକୁ ଥରେ ଏକାଠି ହେବାର ସୁଯୋଗ ମିଳୁଛି। ସଂଘର ଏକ ମୁଖ୍ୟ ସମସ୍ୟା ହେଉଛି ପାର୍କିଂ। ତେଣୁ ଅଧିକାଂଶ ସମୟ ହଇରାଣ ହରକତ ହେବାକୁ ମଧ୍ୟ ପଡୁଛି। ମା'ଙ୍କ ନିକଟରେ ପ୍ରାର୍ଥନା କରୁଛୁ ମା' ଜଗତର କଲ୍ୟାଣ କରିବା ସହିତ ଆମମାନଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ କଣ୍ଠରେ ବିଜେ ହୁଅନ୍ତୁ ବୋଲି କହିଛନ୍ତି। ସେହିପରି ରବିବାର ସମୂହ ଭସାଣି ଉତ୍ସବ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା କହିଛନ୍ତି।

## କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ବାଣପୁର,୧୧।୧୦(ସମିସ): ଚିଲିକା ବ୍ଲକ୍ ଅନ୍ତର୍ଗତ ସାନ ନଇରୀସ୍ଥିତ ଅପର୍ତ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରଳସିଂହ କ୍ଲଷ୍ଟର ସିଆର୍‌ସି ବୃନ୍ଦାବନ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରଳସିଂହ କ୍ଲଷ୍ଟର ଅଧୀନ ମୋଟ୍ ୧୦ଟି ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା, ରଚନା, ତର୍କ, ପ୍ରଧାନମନ୍ତ୍ରୀ ପୋଷଣ, ଚିତ୍ରକଳା ଓ ଚିତ୍ରାଙ୍କନ, ନୃତ୍ୟ ଓ ସଂଗୀତ ପରିବେଷଣ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରାକ୍ତନ ପ୍ରଫେସର ଗଙ୍ଗାଧର ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଆମନ୍ତ୍ରିତ ଅତିଥି ଭାବେ ବିରିବାଡ଼ି ଶ୍ରୀଲୋକନାଥ ଦେବ ମାନସିଂହ ହାଇସ୍କୁଲର ପ୍ରଧାନଶିକ୍ଷକ କୁନା ମହନ୍ତ, କୁମାଣ୍ଡୋଳ ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନଶିକ୍ଷକ ଆଶିଷ କୁମାର ପତି, ଚିଲିକା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଗନ ବିହାରୀ ବେହେରା, ସିଆର୍‌ସିସି ବୃନ୍ଦାବନ ମହାରଣା, କବି ଶିବପ୍ରସାଦ ତ୍ରିପାଠୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ମୂଲ୍ୟାୟନ କରି ଫଳାଫଳ ଘୋଷଣା କରିଥିଲେ। ଶିକ୍ଷକ ବିଜୟ ଛୋଟରାୟ, ନଟବର ସେଣ, ଧ୍ରୁବଚରଣ ଘଡ଼େଇଙ୍କ ସହିତ ଭେନ୍ୟୁ ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିନିଧି ସ୍କୁଲ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ କେଳୀ ଦେବୀ, ମମତା ମଞ୍ଜରୀ ସାହୁ, ସୁଧୀର ଶତପଥୀଙ୍କ ସହିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା।

### ୨୯ ବର୍ଷ ପରେ ପିତାମାତାଙ୍କ ହତ୍ୟା ଅଭିଯୋଗରୁ ଅଭିଯୁକ୍ତ ପାଳିତପୁତ୍ର ଦୋଷମୁକ୍ତ

## ନିମ୍ନ ଅଦାଲତଙ୍କ ଆଜୀବନ ଜେଲଦଣ୍ଡାଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, ୧୧।୧୦ (ସମିସ): ଦୀର୍ଘ ୨୯ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ। ପିତା-ମାତାଙ୍କ ହତ୍ୟା ଅଭିଯୋଗରୁ ଦୋଷମୁକ୍ତ ହୋଇଛନ୍ତି ପାଳିତ ପୁତ୍ର। ଏହାସହ, ଖୋର୍ଦ୍ଧା ଦୌରା ଅଦାଲତ ଗତ ୨୦୦୦ ଅଗଷ୍ଟ ୨୩ରେ ଅଭିଯୁକ୍ତଙ୍କୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତ ପ୍ରଶାନ୍ତ କୁମାର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଅପୁତ୍ରିକ ଥିବା ଜଟଣୀ ବାଛରା ଗ୍ରାମର ଯଦୁନାଥ ସାହୁ ଓ ତାଙ୍କ ସ୍ତ୍ରୀ ପିତେଇ ସାହୁ ପ୍ରଥମେ ପିତେଇଙ୍କ ଭଉଣୀର ପୁଅ ପ୍ରଶାନ୍ତକୁ ୧୯୯୩ରେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ପ୍ରଶାନ୍ତ ନିଜ ପ୍ରଥମ ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କୁ ଛାଡ଼ି ୧୯୯୬ରେ ଶାନ୍ତିଲତା ନାମକ ଅନ୍ୟ ଜଣକୁ ବିବାହ କରିବାରୁ ଯଦୁ ଓ ପିତେଇ ବିମୁଖ ଥିଲେ ବି ସମସ୍ତେ ଗୋଟିଏ ଘରେ ରହୁଥିଲେ। ଗତ ୧୯୯୬ ଅଗଷ୍ଟ ୧୪ରେ କେହି ଦୁର୍ବୃତ୍ତ ଯଦୁଙ୍କୁ ହତ୍ୟା କରି ଓ ପିତେଇଙ୍କୁ ରକ୍ତ ଜୁଡୁବୁଡୁ କରି ମୁମୂର୍ଷୁ ଅବସ୍ଥାରେ ପକାଇ ଦେଇଥିବା ଶାନ୍ତିଲତା ଦେଖିବାକୁ ପାଇଥିଲେ। ଏ ନେଇ ପ୍ରଶାନ୍ତ ପୁଲିସରେ ଏତଲା ଦେଇଥିଲେ। ପିତେଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ହେଲେ ଜଟଣୀ ପୁଲିସ ଇନ୍ସପେକ୍ଟର ନିଜେ ଆଉ ଏକ ଏତଲା ଦେଇ ପ୍ରଶାନ୍ତ ଓ ଶାନ୍ତିଲତାଙ୍କୁ ଅଭିଯୁକ୍ତ ଦର୍ଶାଇ ଶାନ୍ତିଲତାଙ୍କୁ ଗିରଫ କରିବାରୁ, ପ୍ରଶାନ୍ତ ଗିରଫକୁ ଏଡାଇ ଫେରାର ହୋଇଯାଇଥିଲେ। ଶାନ୍ତିଲତା ଦୋଷମୁକ୍ତ ହୋଇଥିଲେ ବି ପ୍ରଶାନ୍ତଙ୍କୁ ଖୋର୍ଦ୍ଧା ଜିଲ୍ଲା ଜଜ୍ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ପ୍ରଶାନ୍ତ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ପ୍ରଶାନ୍ତଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଦାସ ଏହି ମାମଲା ପରିଚାଳନା କରିଥିବା ବେଳେ ସୁଦର୍ଶନ ବେହେରା ଓ ବିପ୍ଳବ ଶିଳାଦିତ୍ୟ ସହଯୋଗ କରିଥିଲେ।

## ଦୃଷ୍ଟି ଦେଲାନି ବିଭାଗ: ରାସ୍ତା ମରାମତି କଲେ ଗ୍ରାମବାସୀ

ଖୋର୍ଦ୍ଧା/ବୋଲଗଡ଼,୧୧।୧୦(ସମିସ): ପ୍ରାୟ ବର୍ଷେ ହେବ ରାସ୍ତାରେ ଏକ ବଡ଼ ଖାଲ ସୃଷ୍ଟି ହେବା ସହ ରାସ୍ତା ଉପରକୁ ଅନାବନା ଗଛ ମାଡ଼ିଆସିବା ଯୋଗୁଁ ରାସ୍ତାରେ ଯାତାୟାତ କରିବା ପାଇଁ ବହୁ ଅସୁବିଧା ହେଉଥିଲା। ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରୁ ଆସ୍ଥା ହରାଇବା ପରେ ବୋଲଗଡ଼ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ହରିକେଶର ଓ ଖଲିକୋଟ ଗ୍ରାମବାସୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ବୋଲଗଡ଼ ବ୍ଲକ୍‌ର ବଡ଼କୁମାରୀ ପଞ୍ଚାୟତ ହରିକେଶର ଗାଁ ମହୋତ୍ସବ କମିଟିର ଯୁବକମାନେ ଗ୍ରାମକୁ ସଂଯୋଗ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପାଶ୍ୱର୍କୁ ମାଡ଼ିଆସିଥିବା ଅନାବନା ଲଟିବୁଦାକୁ ସଫା କରିଥିଲେ। ଯାହାକି ଲୋକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।



ଏହି ରାସ୍ତାଟି ହାଟବସ୍ତ ଗ୍ରାମଠାରୁ ହରିକେଶର ଏବଂ ଖଲିକୋଟ ଗ୍ରାମକୁ ସଂଯୋଗ କରୁଛି। ମାତ୍ର ରାସ୍ତା ମରାମତି ଅଭାବ ସାଙ୍ଗକୁ ବର୍ଷା ଦିନରେ ରାସ୍ତା ଉପରକୁ ମାଡ଼ି ଆସିଥିବା ଅନାବନା ଲଟିବୁଦାଗୁଡ଼ିକ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଏଥିପାଇଁ ରାସ୍ତାଟିର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଏନେଇ ହରିକେଶର ଗାଁ ମହୋତ୍ସବ କମିଟିର ଯୁବକମାନଙ୍କ ସମେତ ଖଲିକୋଟ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଉକ୍ତ ରାସ୍ତା ଉପରକୁ ମାଡ଼ି ଆସିଥିବା ଅନାବନା ଗଛ ବୁଦାଗୁଡ଼ିକୁ ସଫେଇ କରାଯାଇଛି। ଏହା ପରେ ରାସ୍ତାରେ ଥିବା ବଡ଼ବଡ଼ ଖାଲଖମାକୁ ମୋରମ୍ ଗୋଡ଼ି ଆଣି ପୋତି ମରାମତି କରିଛନ୍ତି। ପ୍ରକାଶ ଯେ, ହରିକେଶର ଗ୍ରାମଠାରୁ ଏହି ରାସ୍ତା ଦେଇ ପଞ୍ଚାୟତ, ବ୍ଲକ୍, ଡାକ୍ତରଖାନା ସହିତ ବଜାର ସଉଦା ପାଇ ପାଇଁ ଗ୍ରାମବାସୀ ଯିବାଆସିବା କରୁଛନ୍ତି। ପ୍ରାୟ ଏକ ବର୍ଷ ଧରି ଉକ୍ତ ରାସ୍ତାଟିର ମରାମତି ପାଇଁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେବାରୁ ଗ୍ରାମର ଯୁବକମାନେ ରାସ୍ତା ମରାମତି କରିବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି। ତାଳଦଣ୍ଡା ପୋଲ ନିକଟରେ ଏହି ରାସ୍ତାଟି ତାଡ଼ି ହୋଇ ପ୍ରାୟ ୨ଫୁଟ୍ ଖାଲ ପାଲଟିଥିଲା। ଫଳରେ ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ଏପରି ରାସ୍ତାର ହାଟବସ୍ତ ଗାଁ ମୁଣ୍ଡରେ ପ୍ରାୟ ୧୦୦ ମିଟର ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଇ ରାସ୍ତାଟିକୁ ମରାମତି କରିବାକୁ ଶନିବାର ରାସ୍ତା ମରାମତି କରୁଥିବା ହରିକେଶର ଗ୍ରାମ ଯୁବକମାନଙ୍କ ମଧ୍ୟରୁ ଗାଁ ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରକାଶ ରାଉତରାୟ, ସଦସ୍ୟ ଅଭୟ ମାଝୀ, ଆକାଶ ମହାରଣା, ରାଜଶେଖର ବେହେରା, ପ୍ରଫୁଲ୍ଲ ଛୋଟରାୟଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ନିରାକାରପୁର,୧୧।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ହଜ ପଞ୍ଚାୟତ ତଥା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ନିଧିପୁର-ହଜ ରାସ୍ତାର ନିଧିପୁରଠାରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମରରେ ଅନେକ ଲତା ସବୁ ମାଡ଼ି ଏହା ବିପଦ ସୃଷ୍ଟି କରୁଛି। ଯାହା ଫଳରେ କି ନିଧିପୁର ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବାଟୋଇମାନେ ଭୟଭୀତ ଅବସ୍ଥାରେ ନିଜର ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଛନ୍ତି। ସାମାନ୍ୟ ବର୍ଷା, ପବନ ହେଲେ ଏହି ଲତାଗୁଡ଼ିକ ଯୋଗୁଁ ଅନେକ ସମୟରେ ଫ୍ୟୁଜ୍ କଟିଯାଇ ବିଦ୍ୟୁତ୍ ସରବରାହ ବ୍ୟାଘାତ ସୃଷ୍ଟି ହୋଇଥାଏ। ବାରମ୍ବାର ଅନ୍ଧାରରେ ରହିବାକୁ ପଡ଼ିଥାଏ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ନିରପେକ୍ଷ ତଦନ୍ତ କରି ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ବେଗୁନିଆ,୧୧।୧୦(ସମିସ): ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ବରିଷ୍ଠ ନାଗରିକ ରବୀନ୍ଦ୍ର ନାଥ ମହାପାତ୍ର (୭୨)ଙ୍କର ମସ୍ତିଷ୍କ ଆଘାତ ଯୋଗୁଁ ମୃତ୍ୟୁ ହୋଇଛି। ସେ ଜଣେ ମେଳାପୀ, ଶାନ୍ତ, ସରଳ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଲାବଣ୍ୟ ଜୟସିଂହ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ତପନ ଓ ତାପସ ମୁଖାଗ୍ନି ଦେଇଥିଲେ।



## ମୋଟା ବଡ଼ମଠରେ ରାମଚରିତ ମାନସ ପାରାୟଣ



ନିରାକାରପୁର,୧୧।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ମୋଟା ବଡ଼ମଠ ପ୍ରାଙ୍ଗଣରେ ଗତ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରୀ ମହନ୍ତ ଗୋବିନ୍ଦ ଦାସଜୀ ମହାରାଜ (ମଠାଧୀଶ) ଓ ମହନ୍ତ ଶ୍ରୀ ଦିବାକର ଦାସଜୀ ମହାରାଜଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୯ ତାରିଖରେ ଜଳଯାତ୍ରା ଅନୁଷ୍ଠିତ ହେବା ସହିତ ୧୦ରୁ ଯଜ୍ଞ ଆରମ୍ଭ ହୋଇଛି। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟପୂଜା, ଶ୍ରୀରାମ ଷୋଡ଼ଶ ଉପଚାର ପୂଜା, ମଙ୍ଗଳଆଳତି, ନାମ ସଙ୍କୀର୍ତ୍ତନ ଇତ୍ୟାଦି ଅନୁଷ୍ଠିତ ହେଉଛି। ଶେଷରେ ୧୮ ତାରିଖରେ ଉଦ୍‌ଯାପନୀ ଉତ୍ସବ, ଘଟ ବିସର୍ଜନ ଓ ମହୋତ୍ସବ ପୂର୍ଣ୍ଣାହୁତି ଅପରାହ୍ଣରେ ଅନୁଷ୍ଠିତ ହେବ।


ବଦଳି ନିୟମକୁ ବେଖାତିର୍

# ଛାଡୁନି କର୍ମଚାରୀଙ୍କ ଚଉକି ମୋହ

ବାଲୁଗାଁ,୧୧।୧୦(ସମିସ)

ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟରତ ଜଣେ ୩ୟ ଶ୍ରେଣୀ କର୍ମଚାରୀ ଦୀର୍ଘ ୩୩ ବର୍ଷ ଧରି ରହିବା ପରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉକ୍ତ କର୍ମଚାରୀଙ୍କ ଚଉକି ମୋହ ଛାଡ଼ି ନ ଥିବାରୁ ବର୍ତ୍ତମାନ ବଦଳିର ୫ ମାସ ବିତିଯାଇଥିଲେ ମଧ୍ୟ ନଗର ଉନ୍ନୟନ ବିଭାଗ ସଚିବଙ୍କ ନିର୍ଦ୍ଦେଶକୁ ଖାତିର୍ ନ କରି ଏଯାବତ୍ ଗାଦି ମାଡ଼ିବସି ରହିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ବାଲୁଗାଁ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ହୋଇ ଆରମ୍ଭ ହେବା ପରେ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡ ତଥା ବିଭିନ୍ନ ବିଭାଗର ଟିକସ ଅସୁଲ କାରିବା ନିମନ୍ତେ କିଛି କର୍ମଚାରୀଙ୍କୁ ୧୯୯୨ରେ ନିଯୁକ୍ତି ଦିଆଯାଇଥିଲା। ତନ୍ମଧ୍ୟରୁ ସ୍ଥାନୀୟ ଅଞ୍ଚଳର କୃଷ୍ଣମୋହନ ବଳବନ୍ତରାୟ କଣ୍ଟ୍ରାକ୍ଟୁଆଲରେ ଟିକସ ଅସୁଲକାରୀ ଭାବେ ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟରେ ଯୋଗଦେଇଥିଲେ। ସେ ୫ବର୍ଷ କାମ କରିବା ପରେ ୧୯୯୭ରେ ତାଙ୍କ ପଦଟି ସରକାରୀ ସ୍ୱୀକୃତି ପାଇଥିଲା। ହେଲେ କୃଷ୍ଣମୋହନ କିଛି ବର୍ଷ ଟିକସ ଅସୁଲକାରୀ ଭାବେ କାର୍ଯ୍ୟ କରିବା ପରେ ସେ ଆଉ ଟିକସ ଅସୁଲ କାମ ନ କରି ଏଯାବତ୍ କାର୍ଯ୍ୟାଳୟରେ ବସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପିଏ ପରି କାମ କରିଆସୁଛନ୍ତି। ତେବେ କୃଷ୍ଣମୋହନ ୧୯୯୨ରୁ ଦୀର୍ଘ ୩୩ ବର୍ଷ ଧରି ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ତାଙ୍କ ପାଖରେ ସରକାରଙ୍କ ବଦଳି ନୀତିନିୟମ ଫେଲ୍ ମାରିଛି। ଦୀର୍ଘ ୩୩ ବର୍ଷ ପରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି ନମ୍ବର ୯୯୨୮, ତା.୨.୫.୨୦୨୫ ରିଖରେ କୃଷ୍ଣମୋହନଙ୍କର ଗଞ୍ଜାମ ଜିଲ୍ଲା ଖଲିକୋଟ ଏନ୍‌ଏସିକୁ ବଦଳି କରାଯାଇଥିଲା। ହେଲେ ତାଙ୍କର ବାଲୁଗାଁ ଏନ୍‌ଏସିରୁ ମୋହ ଛାଡ଼ି ନ ଥିବାରୁ ବିଭାଗର




ଚିଠି ହେବାର ଦୀର୍ଘ ୫ମାସ ବିତିଯାଇଥିଲେ ମଧ୍ୟ ସେ କାର୍ଯ୍ୟାଳୟରୁ ନିଜ ଦାୟିତ୍ୱ ହସ୍ତାନ୍ତର କରି ଯାଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଭାଗ ପକ୍ଷରୁ ତାଙ୍କ ସ୍ଥାନରେ ଖଲିକୋଟ ଏନ୍‌ଏସିରୁ ସଂଗ୍ରାମ କେଶରୀ ଛୋଟରାୟ ଆସି ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଯୋଗଦେଇଥିବା ବେଳେ କୃଷ୍ଣମୋହନ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରି ରାଜନୈତିକ ଚାପ ପକାଇ ନିଜର ବଦଳି ନିର୍ଦ୍ଦେଶକୁ ବାତିଲ୍ କରିବା ନିମନ୍ତେ ପ୍ରଚେଷ୍ଟା ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଫିସରେ ବସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପିଏ ପରି କାମ କରୁଥିବାବେଳେ ସେ କାହାକୁ ଖାତିର୍ କରୁ ନ ଥିବା କିଛି କର୍ମଚାରୀଙ୍କ ସମେତ ସ୍ଥାନୀୟ ଲେକେ ଅଭିଯୋଗ ଆଣିଛନ୍ତି।

ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ତାଙ୍କ ବଦଳି ସ୍ଥାନରେ ଅନ୍ୟ ଜଣେ ଆସି କାର୍ଯ୍ୟରେ ଯୋଗଦେଇଥିବା ବେଳେ ସେ କେଉଁ ସ୍ୱାର୍ଥରେ ନିଜ ଦାୟିତ୍ୱ ହସ୍ତାନ୍ତର ନ କରି ବାଲୁଗାଁ ଏନ୍‌ଏସି ଛାଡ଼ି ଯିବାକୁ ମନ ବଳାଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଦଳି ନିର୍ଦ୍ଦେଶ ଆସି ଅନ୍ୟ ଜଣେ ଉକ୍ତ ସ୍ଥାନରେ କାର୍ଯ୍ୟରେ ଯୋଗ ଦେବା ପରେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣମୋହନଙ୍କୁ କାହିଁକି ଯେ ରିଲିଭ୍ ଦେଉନାହାନ୍ତି ତାହାକୁ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରେ କୃଷ୍ଣମୋହନ ବାଲୁଗାଁ ଏନ୍‌ଏସିରୁ ରିଲିଭ୍ ହୋଇସାରିଥିବା ସେ କହିଥିଲେ। ଯଦି କୃଷ୍ଣମୋହନଙ୍କୁ ଯଦି ରିଲିଭ୍ କରାଯାଇଛି ତେବେ ସେ କିପରି ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ବର୍ତ୍ତମାନ ତାଙ୍କ ଚୌକିରେ ବସି ରହିଥିବା ଦେଖିବାକୁ ମିଳୁଛନ୍ତି, ଏହାକୁ ନେଇ ସନ୍ଦେହ ଉପୁଜୁଛି। ଚାକିରି ଆରମ୍ଭ କରିଥିବା କାର୍ଯ୍ୟାଳୟରେ ଦୀର୍ଘ ୩୩ ବର୍ଷ ଧରି ରହିଆସି ବଦଳି ନ ହୋଇ ସେହି କାର୍ଯ୍ୟାଳୟର ଚୌକି ମାଡ଼ିବସି ରହିବା ସରକାରଙ୍କ ନିୟମ ଅନୁଯାୟୀ କେତେଦୂର ଯଥାର୍ଥ ଏହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଚିଲିକା ଜଳରାଶିରେ 'ଚକ୍ରବାତ୍'



ବାଲୁଗାଁ,୧୧।୧୦(ସମିସ): ନୌସେନା ତାଲିମ କେନ୍ଦ୍ର ନିକଟ ତଥା ମା' କାଳିଜାଇ ମନ୍ଦିରର ଅନତି ଦୂର ଚିଲିକା ଜଳରାଶିରେ ଶୁକ୍ରବାର ଅପରାହ୍ଣରେ ହଠାତ୍ ଏକ 'ଚକ୍ରବାତ୍' ସୃଷ୍ଟି ହୋଇଥିଲା। ଅପରାହ୍ଣ ପ୍ରାୟ ୫ଟାରେ ଏହି 'ଚକ୍ରବାତ୍' ବା ଜଳଘୂର୍ଣ୍ଣି ଶକୁ ଉଠିବା ପରି ଦୃଶ୍ୟମାନ ହୋଇଥିବାବେଳେ ଏହି ଜଳଚକ୍ର ପ୍ରାୟ ୫ରୁ ୧୦ ମିନିଟ୍ ଧରି ଚାଲିଥିଲା। ଯାହାକି ଏକ ବିରାଟକାୟ ହାତୀଶୁଣ୍ଢ ସଦୃଶ ଦେଖିବାକୁ ମିଳିଥିଲା। ସେହି ସମୟରେ ମା' କାଳୀଜାଇଙ୍କ ପୀଠ ତଥା ନିକଟସ୍ଥ ଅଞ୍ଚଳରେ ଉପସ୍ଥିତ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀ ଏହି ଦୃଶ୍ୟକୁ ଉପଭୋଗ କରିଥିବାବେଳେ ସମସ୍ତଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଚିଲିକା ଜଳରାଶିରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଚକ୍ରବାତ୍ ସ୍ଥାନର ଅନତୀ ଦୂରରେ ପୂର୍ବରୁ ୬ ବର୍ଷ ପୂର୍ବେ ତଥା ୨୦୧୯ ସେପ୍ଟେମ୍ବର ୨୨ରେ ଏହିପରି ଏକ 'ଚକ୍ରବାତ୍' ସୃଷ୍ଟି ହୋଇଥିଲା। ତେବେ ଚିଲିକାରେ ବାରମ୍ବାର 'ଚକ୍ରବାତ୍' ସୃଷ୍ଟି ହେଉଥିବାବେଳେ ଏହା ପ୍ରାକୃତିକ ବାତ୍ୟାର ପ୍ରାରମ୍ଭିକ ସୂଚନା ବୋଲି କିଛି ଚିଲିକାତଟବାସୀ କହିଛନ୍ତି।

# ‘ମଧ୍ୟସ୍ଥତା’ ଯୋଗୁଁ ବଳି ପଡ଼ିଲେ କି ପୀତବାସ

ବ୍ରହ୍ମପୁର, ୧୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ପଛରେ ‘ମଧ୍ୟସ୍ଥତା’ ଏକ ପ୍ରମୁଖ କାରଣ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେ ଆଇନଜୀବୀ ଥିଲେ ମଧ୍ୟ ସୁଧ କାରବାର ଓ ଜମିବାଡ଼ି ବିବାଦରେ ମଧ୍ୟସ୍ଥତା କରୁଥିଲେ। ଯେଉଁଥିପାଇଁ ତାଙ୍କର ବନ୍ଧୁ ଯେତିକି, ଶତ୍ରୁ ମଧ୍ୟ ସେତିକି। ଅନ୍ୟଠାରୁ କମ୍ ସୁଧରେ ଟଙ୍କା ଆଣି ଅଧିକ ସୁଧରେ ବଜାରରେ ନିବେଶ କରିଥିଲେ ପୀତବାସ। ଯାହାର ହିସାବ ତାଙ୍କ ଛଡ଼ା ଅନ୍ୟ କାହା ପାଖରେ ନାହିଁ। ପୀତବାସଙ୍କ ଅନ୍ତେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିପରି ଆଦାୟ ହେବ, ତାକୁ ନେଇ ବ୍ୟବସାୟୀଙ୍କ ଆଖିକୁ ନିଦ ନାହିଁ।

ଛାତ୍ର ଜୀବନରୁ ପୀତବାସ ଗାଁରୁ ବ୍ରହ୍ମପୁରକୁ ଆସି ଭଡ଼ା ଘରେ ରହୁଥିଲେ। ସେତେବେଳୁ ଛୋଟକାଟିଆ ବ୍ୟବସାୟରେ ମନୋନିବେଶ କରି ଅର୍ଥ ଉପାର୍ଜନ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଓକିଲାତି କରିବା ସହ କଂଗ୍ରେସରେ ଯୋଗଦେଇ ଦୀର୍ଘ ବର୍ଷ ଧରି ଟ୍ରେଡ୍ ୟୁନିଅନ୍‌ର ନେତା ହୋଇଥିଲେ। ପେସାରେ ଜଣେ ଓକିଲ ଭାବେ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲାର ପରିଚାଳନା କରୁଥିଲେ। ଏହାସହ ସହର ଏବଂ ଉପକଣ୍ଠ ଜମିବାଡ଼ି ବିବାଦ ଓ ପାରିବାରିକ ବିବାଦର ସମାଧାନ କରି ଭଲ ଅର୍ଥ ଉପାର୍ଜନ କରିଥିଲେ।

ଗତ ନିର୍ବାଚନରେ ସେ ହଠାତ୍ ବିଜେପିରେ ଯୋଗଦେଇ ଗୋପାଳପୁର ନିର୍ବାଚନମଣ୍ଡଳୀରେ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିଲେ। ବିଧାୟକ ନିର୍ବାଚିତ ସହ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇବା ପରେ ବିଭୂତିଙ୍କ ସହ ପୀତବାସଙ୍କ ସମ୍ପର୍କ ଅତି ଘନିଷ୍ଠ ହୋଇଥିଲା।

ବିଜେପି ସରକାର କ୍ଷମତାକୁ ଆସିବା ପରେ ବାଲି, ମୋରମ ଓ ପଥର ଭଳି ଲଘୁ ଖଣିଜ ସମ୍ପଦ ସବୁ କିଛି ରାଜସ୍ୱ ପରିବର୍ତ୍ତେ ଖଣି ବିଭାଗ ଅଧୀନକୁ ଆସିଥିଲା ଏବଂ ଖୋଦ୍ ବିଭୂତି ଜେନାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣି ବିଭାଗର ଦାୟିତ୍ୱ ମିଳିଥିଲା। ପୀତବାସଙ୍କୁ ଏହା ସୁହାଇଥିଲା। ପୂର୍ବରୁ ଚାଲିଥିବା ବିଭିନ୍ନ ବାଲିଘାଟକୁ ନିଜ ଅକ୍ତିଆରକୁ ଆଣିବା ଅଥବା ସେଥିରେ ଅଂଶୀଦାର ହେବାକୁ ବିଭିନ୍ନସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। କିଛି କ୍ଷେତ୍ରରେ ସଫଳତା ମିଳିଥିବା ବେଳେ ଆଉ କେତେକରେ ବିଫଳ ହେବା ପରେ ବଢ଼ିଥିଲା ତିକ୍ତତା ଓ ଶତ୍ରୁଙ୍କ ସଂଖ୍ୟା। ସେପଟେ ବିବାଦୀୟ ଜମିରେ ମୁଣ୍ଡ ପୂରାଇ ତାକୁ ଶାଗମାଛ ଦରରେ ବିକିବା ଓ ନିଜ ଅକ୍ତିଆରରେ ରଖିବାରେ ସିଦ୍ଧହସ୍ତ ଥିଲେ ପୀତବାସ। ଯେଉଁଥିପାଇଁ ସେ ଅନେକଙ୍କ ଚକ୍ଷୁଶୀଳ ହୋଇଥିଲେ। ତଦନ୍ତ ବେଳେ ପୁଲିସକୁ ଏପରି କିଛି ତଥ୍ୟ ମିଳିଛି।

- କେଉଁ ଦିଗରୁ ତଦନ୍ତ କରିବ, ଦ୍ୱନ୍ଦ୍ୱରେ ପୁଲିସ
- ବଜାରରେ ପଡ଼ିଥିବା ବହୁକୋଟି ଟଙ୍କାକୁ ନେଇ ଅନେକ ଚିନ୍ତାରେ
- ଅଟକ ୭ଜଣଙ୍କ ମଧ୍ୟରୁ ମୁକୁଳିଲେ ୪

ଇତିମଧ୍ୟରେ ପୀତବାସଙ୍କ ମୃତ୍ୟୁକୁ ସପ୍ତାହେ ବିତିଥିଲେ ମଧ୍ୟ ପୁଲିସ ନିର୍ଦ୍ଦିଷ୍ଟ କେଉଁ ଦିଗରୁ ତଦନ୍ତ କରିବ, ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ତେଣୁ ପୁଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ଆଲୋଚନା ହେଉଛି। ସାମାନ୍ୟତମ ସନ୍ଦେହକୁ ମଧ୍ୟ ନଜରଅନ୍ଦାଜ ନକରି ବହୁ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ସିସିଟିଭି ଫୁଟେଜ ଆଧାରରେ ୨ଯବାନଙ୍କ ସମେତ ୭ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବା ବେଳେ ସେଥିମଧ୍ୟରୁ ୪ ଜଣଙ୍କୁ ଶନିବାର ପୁଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ତେବେ ଅଟକ ୨ ଯବାନ ଓ ଅନ୍ୟ ଜଣେ ଯୁବକଙ୍କ ତଥ୍ୟ ଓ ବୟାନରେ ତାଳମେଳ ରହୁ ନ ଥିବାରୁ ସେମାନଙ୍କୁ ଅଟକ ରଖାଯାଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପିଡା. ସର୍ବଣା ବିବେକ ଏମ୍। ହତ୍ୟାକାଣ୍ଡ ଭଳି ଏକ ସ୍ପର୍ଶକାତର ଘଟଣାରେ ଯେଭଳି ସଠିକ ତଦନ୍ତ ହେବ ଏବଂ ଜଣେ ନିରୀହ ଯେମିତି ଅଯଥାରେ ଛନ୍ଦି ନହୁଏ, ସେଥିପ୍ରତି ଧ୍ୟାନ ଦିଆଯାଉଥିବା ଏସ୍‌ପି କହିଛନ୍ତି।

## ଖଣିମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଡମ୍ବରୁ

- ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରିମଣ୍ଡଳରୁ ହଟାଇବାକୁ ଦାବି
- ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜିଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ

ବ୍ରହ୍ମପୁର, ୧୧।୧୦ (ସମିସ): ହତ୍ୟାକାଣ୍ଡର ନିରପେକ୍ଷ ଓ ଚାପମୁକ୍ତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଦାବି କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏରୟ. ଡମ୍ବରୁ ରେଡ୍ଡୀ। ଡମ୍ବରୁଙ୍କ କହିଛନ୍ତି, ଏହି ହାଇପ୍ରୋଫାଇଲ୍ ହତ୍ୟା ମାମଲାର ତଦନ୍ତରେ ନିରପେକ୍ଷତା ଆଣିବାକୁ ହେଲେ ମନ୍ତ୍ରୀ ବିଭୂତି ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ପ୍ରଥମେ ହଟାଇ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ନିର୍ବାଚନ ସମୟରୁ ପୀତବାସ ଓ ବିଭୂତିଙ୍କ ସମ୍ପର୍କ ଅତି ଘନିଷ୍ଠ। ପୀତବାସଙ୍କ ମୃତ୍ୟୁକୁ ନେଇ ବାଲିମାଫିଆ ଓ ଖଣି ଖାଦାନ ଭଳି ଦିଗ ଆସୁଥିବାରୁ ଏହାର ନିରପେକ୍ଷ ତଦନ୍ତ ଜରୁରୀ। ତେଣୁ, ବିଭୂତିଙ୍କୁ ତଦନ୍ତ ପରିସରଭୁକ୍ତ କରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରାଯାଉ। ଏଥିପାଇଁ ତଦନ୍ତକାରୀ ପୁଲିସକୁ ପ୍ରଥମେ ଚାପମୁକ୍ତ ହେବାକୁ ପଡ଼ିବ। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିଲେ ହେଁ ସାଧାରଣରେ ବହୁ ଆଲୋଚନା ହେଉଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ବିଭୂତି ଜେନା ନିଜର ବେଆଇନ ସ୍ୱାର୍ଥ ହାସଲ ପାଇଁ ପୀତବାସଙ୍କୁ ବ୍ୟବହାର କରୁଥିଲେ। ସରକାର ଗଠନ ପରେ ଖଣି, ଇସ୍ପାତ ଓ ପରିବହନ ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ ବିଭୂତି। ଜଣେ ଅତ୍ୟନ୍ତ ବିଶ୍ୱସ୍ତ ଓ ନିକଟତମ ଉପଦେଷ୍ଟା ଭାବେ ପୀତବାସ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ବିଭୂତିଙ୍କୁ ସୁରକ୍ଷା ଦେଉଥିଲେ। ମନ୍ତ୍ରୀ ନିଜର ସ୍ୱାର୍ଥ ହାସଲ ପାଇଁ ପୀତବାସଙ୍କୁ ନିଜ ବିଭାଗ ଅଧୀନ ବିଭିନ୍ନ ବେନିୟମ ଖଣି କାରବାର କ୍ଷେତ୍ରରେ ବ୍ୟବହାର କରୁଥିଲେ ବୋଲି ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଗଞ୍ଜାମରେ ଚାଲିଥିବା ବେଆଇନ ଖଣି କାରବାରରେ ପୀତବାସଙ୍କ ହସ୍ତକ୍ଷେପ ଯୋଗୁଁ ସେ ହତ୍ୟାର ଶିକାର ହୋଇଥାଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ବ୍ରହ୍ମପୁର ପୁଲିସ ଉପରେ ବିଭୂତି ଜେନାଙ୍କ ବାରମ୍ବାର ହସ୍ତକ୍ଷେପ ଯୋଗୁଁ ପୁଲିସ ଚାପରେ ରହି ଆସିଛି। ଏଣୁ ତଦନ୍ତକାରୀ ଟିମ୍ ବିଭୂତିଙ୍କୁ ଜେରା କରି ପୀତବାସଙ୍କ ଜରିଆରେ ମଧ୍ୟସ୍ଥତା ସମ୍ପର୍କରେ ତଥ୍ୟ ସଂଗ୍ରହ କଲେ ବହୁ ଭିତିରି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଡମ୍ବରୁ ଦାବି କରିଛନ୍ତି।

## କର୍ପୋରେଟରଙ୍କୁ ଥାନାରେ ପୁଲିସର ପଚରାଉଚରା

## ‘ଶିବା’ଙ୍କ ସମେତ ୩ଜଣଙ୍କୁ ଉଠାଇଲା

ବ୍ରହ୍ମପୁର,୧୧।୧୦(ସମିସ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ତଦନ୍ତ ଜାରି ରହିଛି। ଶୁକ୍ରବାର ପୁଲିସର ୩ଟି ଟିମ ଜିଲ୍ଲାର ଖଲ୍ଲିକୋଟ, କବିସୂର୍ଯ୍ୟ ନଗର, ପୋଲସରା ଓ ପାଟପୁର ଥାନା ଇଲାକାରେ ଚଢ଼ଉ କରିଥିଲା। ପାଟପୁର ଅଞ୍ଚଳରେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରି କିଛି ବ୍ୟକ୍ତିଙ୍କୁ ପୀତବାସଙ୍କ ହତ୍ୟା ଘଟଣାରେ ପଚରାଉଚୁରା କରିଛି। ଖଲ୍ଲିକୋଟ ଅଞ୍ଚଳରୁ ଜଣେ ଅପରାଧୀଙ୍କୁ ପୁଲିସ ଉଠାଇ ଆଣିଥିବା ବେଳେ ଶନିବାର ବ୍ରହ୍ମପୁର ଓ ଉପକଣ୍ଠ ଲଙ୍ଗଳଦେଇରୁ ଆଉ ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଉଠାଇ ଆଣି ପଚରାଉଚରା କରାଯାଉଛି। ୩ଜଣ ଦୁର୍ଦ୍ଧାନ୍ତ ତଥା ପୁରୁଣା ଅପରାଧୀଙ୍କୁ ପୁଲିସ ଉଠାଇ ଆଣି ଜେରା କରୁଥିବା ଜଣାପଡିଛି। ବର୍ତ୍ତମାନ ପୁଲିସ ପୀତବାସ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରେ ପହଁଚିବା ପାଇଁ କିଛି ଜେଲ ଫେରାନ୍ତଙ୍କ ଠାରୁ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି। ଜେଲ ଫେରାନ୍ତଙ୍କ ସୂଚନା ଆଧାରରେ ପୁଲିସ ଏକାଧିକ ସ୍ଥାନରେ ଚଢ଼ଉ କରୁଛି। ଅନ୍ୟପକ୍ଷରେ ପୁଲିସ କିଛି ଆଇନଜୀବୀ ଓ ଜଣେ କର୍ପୋରେଟରଙ୍କୁ ଥାନାକୁ ଡାକି ପୀତବାସ ହତ୍ୟା ଘଟଣା ସମ୍ପର୍କରେ ପଚାରାଉଚରା କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୧୨କୋଟି ଟଙ୍କାର ଜମିଜମା ବିବାଦକୁ ନେଇ କାହାସହ ପୀତବାସଙ୍କ ଯୁକ୍ତିତର୍କ ହୋଇଥିଲା। କେଉଁ କେଉଁମାନେ ଉକ୍ତ ବିବାଦରେ ସାମିଲ ହୋଇଥିଲେ। ସେ ନେଇ କିଛି ଅଟକ ବ୍ୟକ୍ତିଙ୍କ ଠାରୁ ପୁଲିସ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ଏହି ବିବାଦରେ ପ୍ରତିଷ୍ଠିତ ବ୍ୟବସାୟୀ, ଜନପ୍ରତିନିଧି, ନେତା ଓ କର୍ମୀ ସାମିଲ ଥିବାନେଇ ଆଲୋଚନା ହେଉଛି।

ପୁଲିସ ସ୍କାନରେ ରହିଛନ୍ତି ପୁରୁଣା ତଥା ହାଇପ୍ରୋଫାଇଲ ମର୍ଡର କେସର ଅଭିଯୁକ୍ତ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଉଠାଇ ଆଣି ଜେରା କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଥିବା ଜଣାପଡିଛି। ଶନିବାର ସହରର କମାପଲ୍ଲୀ, ମେଡ଼ିକାଲ ରୋଡ଼, ସିଦ୍ଧାର୍ଥ ନଗର ରୋଡ଼ ଓ ଇଞ୍ଜିନିୟର ସ୍କୁଲ ରୋଡ଼ ଆଦି ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି।

## ମାତିଛି ମହାବଳ

ଢେଙ୍କାନାଳ/କାମାକ୍ଷାନଗର,୧୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବନାଞ୍ଚଳରେ ଏକ ମହାବଳ ବାଘର ଉପସ୍ଥିତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଦୁଇଦିନ ପୂର୍ବରୁ ବାଘଟି ଏକ ଗାଈକୁ ଆକ୍ରମଣ କରିଥିବା ବେଳେ ଶୁକ୍ରବାର ପୂର୍ବାଞ୍ଚଳ ରେଞ୍ଜ୍ ଜିରିଡ଼ାମାଳି ବନାଞ୍ଚଳ କନ୍ତାରିପାଟ ଜଙ୍ଗଲରେ ଏକ ଷଣ୍ଢକୁ ମାରି ଖାଇଛି। ବନ ବିଭାଗ କ୍ୟାମେରା ଏବଂ ଡ୍ରୋନ୍ ସାହାଯ୍ୟରେ ବାଘକୁ ଠାବ କରିବାକୁ ଉଦ୍ୟମ ଜାରି ରହିଛି। କନ୍ତାରିପାଟ ଗାଁ ପାଖ ଜଙ୍ଗଲରେ ବାଘଟି ଏକ ଷଣ୍ଢକୁ ମାରି ଖାଇଛି। ଶୁକ୍ରବାର ରାତିରେ ବାଘ କାନପୁରା ଗାଁ ପାଖରେ



### ଷଣ୍ଢକୁ ମାରି ଖାଇଗଲା;ସଞ୍ଜ ନଇଁଲେ ପଡୁଛି ତାଟିକବାଟ

ଚଳପ୍ରଚଳ କରୁଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ଜଙ୍ଗଲକୁ ନଯିବାକୁ ବାରଣ କରାଯାଇଛି। ଏପରିକି ଗାଈଗୋରୁ, ଛେଳିମେଣ୍ଢା ଆଦିକୁ ଜଙ୍ଗଲକୁ ନଛାଡ଼ିବା ପାଇଁ ପରାମର୍ଶ ଦିଆଯାଇଛି। ଗତ ୪ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ବନ ବିଭାଗ ଆଜି ପର୍ଯ୍ୟନ୍ତ ବାଘକୁ ଠାବ କରି ନପାରିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସେପଟେ, ବାଘ ଜଙ୍ଗଲ ନିକଟ ଗାଁଗୁଡ଼ିକରେ ଗାଈ, ଗୋରୁଙ୍କୁ ଶିକାର କରିବାରେ ଲାଗିଛି। ପ୍ରାୟ ୪ ଦିନ ତଳେ ବାଘଟି ମହାବିରୋଡ୍ ରେଞ୍ଜ ମଦରଙ୍ଗାମୁଣ୍ଡା ଗାଁରେ ଏକ ଗାଈକୁ ଘୋଷାଡ଼ି ନେଉଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଟିମ୍ ଓ ରେସକ୍ୟୁ ଟିମ୍ ପହଞ୍ଚି ବାଘର ପାଦଚିହ୍ନ ଚିହ୍ନଟ କରିବା ସହ ତା’ର ଗତିବିଧି ଉପରେ ନଜର ରଖିଥିଲା। ମାତ୍ର ବନ ବିଭାଗକୁ ଚକ୍‌ମା ଦେଇ ବାଘଟି ମହାବିରୋଡ୍ ରେଞ୍ଜରୁ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାଦବସନ୍ତ ଗାଁରେ ଆଉ ଏକ ଗାଈକୁ ଜଙ୍ଗଲ ଭିତରକୁ ଘୋଷାଡ଼ି ନେଇଥିଲା। ଶୁକ୍ରବାର ବାଘକୁ କାମାକ୍ଷାନଗର ସହରଠାରୁ ୪କିଲୋମିଟର ଦୂର କଙ୍କଡ଼ାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ଭାଲୁମୁଣ୍ଡା ନିକଟରେ ଦେଖିବାକୁ ମିଳିଥିଲା।

## ନବୀନଙ୍କୁ ଭେଟିଲେ ୫୦ରୁ ଅଧିକ ପଞ୍ଚାୟତ ସମିତି ଅଧ୍ୟକ୍ଷ



- ପ୍ରତିନିଧିମାନଙ୍କ କ୍ଷମତା ସଂକୋଚନ ପାଇଁ ସରକାର କରୁଛନ୍ତି ଉଦ୍ୟମ
- ନବୀନଙ୍କ ନିନ୍ଦା, ଅଧିକାରର ସୁରକ୍ଷା ପାଇଁ ବିଜେଡି ଜାରି ରଖିବ ଲଢ଼େଇ

ଭୁବନେଶ୍ୱର,୧୧।୧୦(ସମିସ): ଶନିବାର ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ୫୦ରୁ ଅଧିକ ପଞ୍ଚାୟତ ସମିତିର ଅଧ୍ୟକ୍ଷ ସାକ୍ଷାତ କରିଛନ୍ତି। ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରଶାସନିକ ଓ ଆର୍ଥିକ କ୍ଷମତା ସଂକୋଚନ ପାଇଁ ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୁଦ୍ଧରେ ଅଧ୍ୟକ୍ଷମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ନିନ୍ଦା କରିଥିବା ବେଳେ ନିର୍ବାଚିତ ପ୍ରତିନିଧିଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ଏ ବିଷୟ ହାଇକୋର୍ଟଙ୍କ ବିଚାରାଧୀନ ରହିଛି। ଆବଶ୍ୟକ ପଡ଼ିଲେ, ବିଜେଡି ଏଥିପାଇଁ ସୁପ୍ରିମକୋର୍ଟ ଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧିଦଳଙ୍କୁ କହିଥିଲେ। ଏହି ଆଲୋଚନା ସମୟରେ ପଞ୍ଚାୟତ ସମିତି ଚେୟାରମ୍ୟାନ୍‌ମାନଙ୍କ ସହ ବିଧାୟକ ସାରଦା ଜେନା, ନବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ସର୍ବଶ୍ରୀ ଉମା ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଗଛ କାଟୁଥିବା ବେଳେ ଚାପି ହୋଇ ଯୁବକ ମୃତ

କପ୍ତିପଦା, ୧୧।୧୦ (ସମିସ): କାଳ ହେଲା ଗଛ କାଟିବା। ଗଛ ଉପରେ ଚଢ଼ି ଡାଳ କାଟିବା ବେଳେ ଉପରେ ଆଉ ଏକ ଗଛ ଲଦି ହୋଇଗଲା। ଫଳରେ, ଗଛ ସନ୍ଧିରେ ଚାପି ହୋଇ ପ୍ରାୟ ୩ ଘଣ୍ଟା ଧରି ୩୦ଫୁଟ୍ ଉପରେ ଝୁଲି ରହିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କପ୍ତିପଦା ଥାନା ବିଶୋଳ ଗ୍ରାମରେ। ମୃତକ ହେଲେ, ଗ୍ରାମର ସୋମନାଥ ବେହେରା। ସୂଚନାନୁସାରେ, ଗ୍ରାମର ରତ୍ନାକର ପୃଷ୍ଟିଙ୍କ ଘର ବାଡ଼ିରେ ଥିବା ଏକ ବଡ଼ ଆମ୍ବ ଗଛ ଥିଲା। ତାହାକୁ କାଟିବା ପାଇଁ ସୋମନାଥ ଗଛରେ ଚଢ଼ିଥିଲେ। ପ୍ରାୟ ୩୦ ଫୁଟ୍ ଉପରେ ସେ ଗଛର ଡାଳ କାଟିବା ବେଳେ ପାଖରେ ଥିବା ଏକ ତେନ୍ତୁଳି ଗଛ ଡାଳ ତାଙ୍କ ଉପରେ ପଡ଼ିଥିଲା। ଫଳରେ ସୋମନାଥ ଦୁଇ ଗଛ ସନ୍ଧିରେ ଚାପି ହୋଇଯାଇଥିଲେ। ଏହା ଦେଖି ଗ୍ରାମବାସୀ ଦମକଳ ବିଭାଗକୁ ଖବର ଦେଇଥିଲେ। ପାଖାପାଖି ୩ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୁଲିସ ଏହି ଘଟଣାର ତଦନ୍ତ କରୁଛି।

■ ବାହାଘର ପ୍ରସ୍ତାବ ନେଇ ଯାଇଥିଲେ

## ଏକାକୀ କଥା ହେବା ବେଳେ କନିଆଁର ଗଳା କାଟିଦେଲା

ରାଜକନିକା, ୧୧।୧୦ (ସମିସ): ବାହାଘର ପ୍ରସ୍ତାବ ନେଇ ଆସିଥିଲେ ପୁଅଘର। ଦେଖାଚାହାଁ ପରେ କଥା ଆଗକୁ ବଢ଼ିଥିଲା। ଏପରିକି, ଦୁହିଁଙ୍କ ପରିବାରଲୋକଙ୍କ ସ୍ୱୀକୃତି ପରେ ପୁଅ-ଝିଅ ଏକାକୀ କଥା ହେବାକୁ ଗୋଟିଏ ରୁମ୍‌କୁ ଯାଇଥିଲେ। କିନ୍ତୁ କିଛି ସମୟ ଭିତରେ ସବୁ ଓଲଟପାଲଟ ହୋଇଗଲା। ଭିତରୁ କବାଟ ଦେଇ କନିଆଁକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଗଳା କାଟିଦେଲା ଯୁବକ। ରାଜକନିକା ଥାନା ଅନ୍ତର୍ଗତ କୁଜିପୁର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।



ରାଜକନିକା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ପଚରାଉଚରା କରୁଛି। ସେ ହେଲା, ଗାରଡ଼ପୁର ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସୁବ୍ରତ ନାୟକ (୨୬)। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୧୦ଟାରେ ସୁବ୍ରତ ଓ ତାଙ୍କ ମାଆ ମନୋରମା ନାୟକ (୫୫) ଯୁବତୀଙ୍କ ମାମୁଘର କୁଜିପୁର ଗ୍ରାମକୁ ବିବାହ ପ୍ରସ୍ତାବ ନେଇ ଆସିଥିଲେ। ସୁବ୍ରତ ଏକାନ୍ତରେ ଯୁବତୀଙ୍କ ସହ କଥା ହେଉଥିବା ବେଳେ ଭିତରପଟୁ କବାଟ ଦେଇ ତାଙ୍କୁ ମାଡ଼ ମାରିବା ସହ ଛୁରିରେ ଗଳା କାଟି ଦେଇଥିଲା। ଚିତ୍କାର ଶୁଣି ଯୁବତୀଙ୍କ ମାମୁ କବାଟ ଭାଙ୍ଗି ଭାଣିଜୀକୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏପଟେ, ଏହି କଥା ଜଣାପଡ଼ିବା ପରେ ଗାଁଲୋକେ ତାତି ଯାଇଥିଲେ। ସେମାନେ ସେଠାରେ ପହଞ୍ଚି ସୁବ୍ରତକୁ ବାନ୍ଧି ରାଜକନିକା ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସୁବ୍ରତକୁ ଗିରଫ କରିଥିଲା। ସୁବ୍ରତ ଥାନା ଅଧିକାରୀଙ୍କ ଆଗରେ ସ୍ୱୀକାର କରିଛି ଯେ, ସେ ଝିଅର ମୋ’ ସହ ବିବାହ ପ୍ରସ୍ତାବ ପଡ଼ିବା ପରେ ଅନ୍ୟ ପୁଅ ସହ କାହିଁକି କଥା ହେଉଛି। ତେଣୁ ମୋର ରାଗ ହେଲା ତାକୁ ମାରି ନିଜେ ନିଜକୁ ମାରି ଦେଇଥା’ନ୍ତି।

## ମାଛ ଖାଇବାକୁ ପୋଖରୀରେ ପଶିଗଲା କୁମ୍ଭୀର




ମହାକାଳପଡ଼ା, ୧୧।୧୦(ସମିସ): ମହାକାଳପଡ଼ା ବ୍ଲକ୍ ସୁନୀତି ପଞ୍ଚାୟତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଦଉପୁର ଗ୍ରାମର ପୋଖରୀରୁ ଏକ ବିରାଟକାୟ କୁମ୍ଭୀରକୁ ଉଦ୍ଧାର କରାଯାଇଛି। ପୋଖରୀରେ କୁମ୍ଭୀର ଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଜଗରିଯୋର ଫରେଷ୍ଟର ପ୍ରଦୀପ ସ୍ୱାଇଁ ଓ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। ଗୋବରୀ ନଦୀ କୂଳରେ ଥିବା ଏହି ଗ୍ରାମ ପୋଖରୀକୁ କୁମ୍ଭୀରଟି ଅନେକଥର ମାଛ ଖାଇବାକୁ ଆସିଥାଏ ବୋଲି ଗ୍ରାମବାସୀ କହିଛନ୍ତି।

■ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ସାଂସଦଙ୍କୁ ଅଣଦେଖା ଅଭିଯୋଗ

## ବ୍ଲକ୍ ପରିସରରେ ଉତ୍ତେଜନା, ବିଡିଓଙ୍କ ନାମରେ ଏତଲା ଦେଲେ ବିଜେପି କର୍ମୀ

ଜଗତସିଂହପୁର,୧୧।୧୦(ସମିସ): ଜଗତସିଂହପୁର ସଦର ବ୍ଲକ୍ ପରିସରରେ ଆୟୋଜିତ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମକୁ ସାଂସଦ ବିଭୂପ୍ରସାଦ ତରାଇଙ୍କୁ ଡକା ନଯିବା ଘଟଣାକୁ କେନ୍ଦ୍ର କରି ବ୍ଲକ୍ ପରିସରରେ ବିଡିଓ ଓ ବିଜେପି କର୍ମୀଙ୍କ ମଧ୍ୟରେ କଥା କଟାକଟି ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ବିଜେପି କର୍ମୀ ବିଡିଓଙ୍କ ନାମରେ ଏତଲା ଦେଇଥିବା ଜଣାପଡ଼ିଛି।




ସୂଚନା ମୁତାବକ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା ଓ ବିଡିଓ ଆଶୁତୋଷ ମିଶ୍ରଙ୍କ ଉପସ୍ଥିତିରେ ଅନ୍ତ୍ୟୋଦୟ ଗୃହ ବଣ୍ଟନ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ସରିବା ପରେ ବିଡିଓ ଶ୍ରୀ ମିଶ୍ର ନିଜ ପ୍ରକୋଷ୍ଠରେ ବସିଥିବା ବେଳେ ସାଂସଦଙ୍କ ପ୍ରତିନିଧି ଶିଶିର ପାତ୍ର ଓ ଅନ୍ୟ କେତେକ ବିଜେପି କର୍ମୀ ସେଠାରେ ପହଞ୍ଚିଥିଲେ। ସାଂସଦଙ୍କୁ କାହିଁକି ଏହି କାର୍ଯ୍ୟକ୍ରମକୁ ଡକାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଡିଓଙ୍କଠାରୁ ସନ୍ତୋଷଜନକ ଉତ୍ତର ନମିଳିବାରୁ ଯୁକ୍ତିତର୍କ ଓ କଥା କଟାକଟି ଆରମ୍ଭ ହୋଇଥିଲା। ଏପରିକି, ପ୍ରତ୍ୟେକ ସରକାରୀ ଯୋଜନାରେ ପିସି କାରବାର ଚାଲିଥିବା ଅଭିଯୋଗ ଉଠାଇଥିଲେ ବିଜେପି କର୍ମୀ। ଏହାକୁ ନେଇ ବ୍ଲକ୍ ପରିସରରେ ବେଶ୍ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ସାଂସଦଙ୍କ ପ୍ରତିନିଧି ଶ୍ରୀ ପାତ୍ର, ମଣ୍ଡଳ ସଭାପତି ପବିତ୍ର ଜେନା, ମଣ୍ଡଳ ପ୍ରଭାରୀ ନୀହାର ପତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମିତ୍ରା ଜେନା, ଯୁବମୋର୍ଚ୍ଚା ସଭାପତି ନୀହାର ରଞ୍ଜନ ମହାପାତ୍ର ଏବଂ କୃଷକ ମୋର୍ଚ୍ଚାର ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିଜେପି ନେତା ଓ କର୍ମୀମାନେ ବିଡିଓଙ୍କ ବିରୋଧରେ ଜଗତସିଂହପୁର ସଦର ଥାନାରେ ଏତଲା ଦେଇଥିଲେ। ବିଡିଓଙ୍କ ପକ୍ଷରୁ ମଧ୍ୟ ବିଜେପି କର୍ମୀଙ୍କ ବିରୋଧରେ ପାଲଟା ଏତଲା ଦିଆଯାଇଛି। ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି। ତେବେ ବିଡିଓ ଆଶୁତୋଷ ମିଶ୍ର ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।


# ଓପିଜିସିରେ ମିଶ୍ରଣ ହେବ ଓସିପିଏଲ୍

## ମିଶ୍ରଣ ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥର ପରିପନ୍ଥୀ, ହେବ ବ୍ୟାବସାୟିକ କ୍ଷତି: ଶକ୍ତି ସମୀକ୍ଷକ

ଭୁବନେଶ୍ୱର,୧୧।୧୦(ସମିସ): ରାଜ୍ୟ ସରକାର ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍(ଓପିଜିସି) ସହ ମିଶ୍ରଣ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗତ ୮ ତାରିଖରେ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ନିଷ୍ପତ୍ତି ସମ୍ପର୍କିତ ଏକ ନୋଟସିଟ ପ୍ରେରଣ କରିଛନ୍ତି। ଓପିଜିସିରେ ଓସିପିଏଲ ମିଶ୍ରଣ ନିଷ୍ପତ୍ତି ହୋଇଥିବାରୁ ଓସିପିଏଲର ସିଇଓ ପଦବୀ ପୂରଣ ପାଇଁ ବର୍ତ୍ତମାନ ଜାରି ରହିଥିବା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଏହି ନୋଟସିଟ୍‌ରେ ଉଲ୍ଲେଖ ରହିଛି। ଏହି ନୋଟସିଟ୍‌କୁ ନେଇ ଶକ୍ତି ସମୀକ୍ଷକ ତଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମିଶ୍ରଣ ନିଷ୍ପତ୍ତି କାହାର ଏବଂ କାହା ସ୍ୱାର୍ଥ ପୂରଣ ପାଇଁ ଉଦ୍ଦିଷ୍ଟ ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରିବା ସହ ଏହାଦ୍ୱାରା ବ୍ୟାବସାୟିକ କ୍ଷତି ହେବ ବୋଲ ଆଶଙ୍କା ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟ ମାସରେ ଓପିଜିସି ବୋର୍ଡ ମିଟିଂରେ ଏହାର ସହଯୋଗୀ ସଂସ୍ଥା ଓସିପିଏଲକୁ ଏହା ସହିତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ମିଶ୍ରଣ ପଛର କାରଣରେ କୁହାଯାଇଥିଲା ଯେ ଏହି ମିଶ୍ରଣ ସମ୍ଭବ ହେଲେ ମନୋହରପୁର କୋଇଲା ଖଣିରୁ ଉତ୍ପାଦିତ କୋଇଲା ଉପରେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବାକୁ ପଡିବ ନାହି। ଯାହାଫଳରେ ଓପିଜିସିର ବିଦ୍ୟୁତ୍ ମୂଲ୍ୟ କମିଯିବ। ସେହିପରି ଗତ ବିଧାନସଭା ଅଧିବେଶନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ୍ଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଅଧୀନରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ପ୍ରସ୍ତାବର ପ୍ରଭାବ ସମସ୍ତ ଦିଗରୁ ବିଶ୍ଳେଷଣ କରାଯାଉଅଛି।

ଅପରପକ୍ଷରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଯେଉଁ ଉଦ୍ଦେଶ୍ୟରେ ଓପିଜିସି ବୋର୍ଡରେ ମିଶ୍ରଣ ପ୍ରସ୍ତାବ ଅନୁମୋଦନ ହୋଇଥିଲା, ତାହା ଇତିମଧ୍ୟରେ ସମାଧାନ ହୋଇଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ କୋଇଲା ଉତ୍ପାଦନ ଉପରେ ଜିଏସଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଗତ ସେପ୍ଟେମ୍ବର ୨୨ ତାରିଖରୁ ଆଉ ଲାଗୁ କରାଯିବ ନାହିଁ। ତଦନୁଯାୟୀ କେନ୍ଦ୍ର ଜିଏସଟି ପରିଷଦ ଜିଏସଟି କ୍ଷତିପୂରଣ ସେସ୍‌କୁ ରଦ୍ଦ କରିଦେଇଛନ୍ତି। ତେଣୁ ଓସିପିଏଲ ଏବେ ଓପିଜିସିରେ ମିଶ୍ରଣ ନ ହେଲେବି ଜିଏସଟି କ୍ଷତିପୂରଣ ସେସ୍ ବାବଦରେ ଆଉ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହି। ସେହିପରି ଭାବେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ



NOTE SHEET
UOI No. 22 /PRSCM
Date: 08.10.2025

Sub: Recruitment for the post of CEO, OCPL

Considering the latest decision of the State Government to merge OCPL with OPGC, you are requested to cancel the ongoing recruitment process for the post of CEO, OCPL.

Issued with approval of Hon'ble Chief Minister.

(Saswat Mishra)
Principal Secretary to Chief Minister, Odisha

Principal Secretary
Energy Department

ଅଗଷ୍ଟ ୨୨ ତାରିଖରେ ଓସିପିଏଲକୁ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲା ଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ଓସିପିଏଲକୁ ପୂର୍ବରୁ ଆବଣ୍ଟିତ ହୋଇଥିବା ମନୋହରପୁର କୋଇଲା ଖଣି ସମ୍ପୂର୍ଣ୍ଣରୂପେ ଓପିଜିସି ବିଦ୍ୟୁତ ଉତ୍ପାଦନ ପାଇଁ ସମର୍ପିତ ରହିଛି। ଇତିମଧ୍ୟରେ ଓସିପିଏଲ ମନୋହରପୁର କୋଇଲା ଖଣିରୁ ଗତ ୬ ବର୍ଷ ଧରି କୋଇଲା ଉତ୍ପାଦନ କରି ଏହି ବିଭାଗରେ ଆବଶ୍ୟକୀୟ ଦକ୍ଷତା ଓ ଅଭିଜ୍ଞତା ହାସଲ କରିଛି। ତେଣୁ ଓସିପିଏଲ ନିଲାମ ପ୍ରକ୍ରିୟାରେ ମିଳିଥିବା ଟାଙ୍ଗରଡିହି କୋଇଲା ଖଣିକୁ ଉତ୍ତମ ପରିଚାଳନା କରିବା ପାଇଁ ସକ୍ଷମ। ଏପରି ସମୟରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ରାଜ୍ୟର ପ୍ରବଳ ବ୍ୟାବସାୟିକ ଓ ଅର୍ଥନୈତିକ କ୍ଷତି ହେବ ବୋଲି ଶ୍ରୀ ମହାପାତ୍ର ଯୁକ୍ତି ବାଢ଼ିଛନ୍ତି।

ଓପିଜିସି ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଗଠନ ହୋଇଥିଲା। ଓସିପିଏଲକୁ ଓପିଜିସିରେ ମିଶ୍ରଣ କରି ଯଦି ଟାଙ୍ଗରଡିହି ଖଣିରୁ କୋଇଲା ବ୍ୟବସାୟ କରିବାପାଇଁ ରାଜ୍ୟ ସରକାର ଓପିଜିସିକୁ ଅନୁମତି ଦିଅନ୍ତି, ତେବେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଦକ୍ଷତା ବୃଦ୍ଧି ପାଇଁ ନୂତନ କୋଇଲା କମ୍ପାନୀ ଏନ୍‌ଏମ୍‌ଏଲ୍‌କୁ ଏନ୍‌ଟିପିସି କୋଇଲା ଖଣି ହସ୍ତାନ୍ତର କରୁଥିବାବେଳେ ରାଜ୍ୟ ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ଶକ୍ତି ସମୀକ୍ଷକମାନେ ଯୁକ୍ତି ବାଢ଼ିଛନ୍ତି।



# ଦୀପାବଳିରେ 'ଲଢ଼େଇ'

ଦୀପାବଳିରେ ଆସୁଛି 'ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍' ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି । ଏଥିରେ ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ତାଙ୍କୁ ଦେଖିବାକୁ ମିଳିବ । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନବାଗତା ଅଭିଲିପ୍ସା ନଜର ଆସିବେ । ଏହାର ସଙ୍ଗୀତ ଦେଇଛନ୍ତି ଗୌରବ-ସୋମେଶ । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ । ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । 'ଲଢ଼େଇ' ଏକ ବଳିଷ୍ଠ ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ । ତେବେ ପ୍ରଯୋଜନା ସଂସ୍ଥା ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ।

# ଅକ୍ଟୋବର ୧୩ ରୁ 'ଭାଗ୍ୟରେଖା'ର ନୂଆ କାହାଣୀ

ଏକ ନୂତନ ମୋଡ଼ ନେଇଛି ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। ଏହି ମେଗା ଧାରାବାହିକରେ ଆସୁଛି ନୂଆପିଢ଼ିର ନୂଆ କାହାଣୀ। କାହାଣୀର ନାୟିକା ସ୍ମୃତିରେଖା ଜଣେ କଲେଜ ଛାତ୍ରୀ। ବାପା ବିଜୟ ହେଉଛନ୍ତି ରଘୁରାଜପୁର ଗାଁର ଜଣେ ପ୍ରସିଦ୍ଧ ପଟ୍ଟଚିତ୍ରକାର। ପରିବାରର ଭରଣପୋଷଣ ପାଇଁ ସ୍ମୃତିରେଖା ମଧ୍ୟ ବାପାଙ୍କୁ ପଟ୍ଟଚିତ୍ର କଳାରେ ସାହାଯ୍ୟ କରନ୍ତି । ଜୀବନରେ ଦୃଢ଼ ସଙ୍କଳ୍ପ ରଖିଥିବା ସ୍ମୃତିରେଖା ଛୋଟବେଳୁ ନିଜ ମା'ଙ୍କୁ ହରାଇ ନିଜ ବାପା, ସାବତ ମା' ଓ ଭାଇ ଭଉଣୀ ସହ ଜୀବନ କାଟୁଥାନ୍ତି । ଏହିପରି ଏକ ସଂଘର୍ଷମୟ ଜୀବନରେ ଆସନ୍ତି ନାୟକ ସୌଭାଗ୍ୟ, ଯିଏ ପେଷାରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନାୟକ ଭାବରେ ଲୋକପ୍ରିୟ, କିନ୍ତୁ ସୌଭାଗ୍ୟ ପ୍ରକୃତ ପ୍ରେମରେ ବିଶ୍ୱାସ କରନ୍ତି ନାହିଁ । ଏପଟେ ସ୍ମୃତିରେଖା ହେଉଛନ୍ତି ସୌଭାଗ୍ୟଙ୍କର ଜଣେ ବଡ଼ ପ୍ରଶଂସକ । ତେବେ ସୌଭାଗ୍ୟ କ'ଣ ନିଜର ଜଣେ ବଡ଼ ପ୍ରଶଂସକ ସ୍ମୃତିରେଖାଙ୍କ ପ୍ରେମରେ ପଡ଼ିବେ? ସ୍ମୃତିରେଖାଙ୍କ ସଂଘର୍ଷମୟ ଜୀବନରେ ଆସିବ କି ନୂଆ ପରିବର୍ତ୍ତନ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସୁଛି ଜୀ-ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। କାହାଣୀରେ ଆସୁଥିବା ପରିବର୍ତ୍ତନ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଆଶା କରାଯାଉଛି ।



ଟେଲିଭିଜନ ପ୍ରିମିୟର

# 'କବିତା ବନିତା ଲତା-୨'

ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'କବିତା ବନିତା ଲତା-୨'। ବର୍ଷକ ତଳେ ତରଙ୍ଗ ଟିଭିରେ ପ୍ରଦର୍ଶିତ ହୋଇଥିଲା 'କବିତା ବନିତା ଲତା'ର ପ୍ରଥମ ଭାଗ। ଯାହା ଖୁବ୍ ଦର୍ଶକୀୟ ଆଦୃତି ପାଇଥିଲା। ଏଥିରେ ସିମ୍‌ରନ, ଶୁଭଶ୍ରୀ, ଆଦିତି ଅଭିନୟ କରିଥିଲେ । ଏଥର 'କବିତା ବନିତା ଲତା-୨'ରେ ସିମ୍‌ରନଙ୍କୁ ରିପିଟ୍ କରାଯାଇଥିବାବେଳେ କବିତା ବନିତା ଚରିତ୍ରରେ ହିତୈଷା ଓ ସୁଲଗ୍ନା ନଜର ଆସିବେ । ଏଥର ବି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ଥିବାବେଳେ ଲେଖକ ଅଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ । ବିଭୂତି ସ୍ୱାଇଁ ଓ ଦେବୀଦତ୍ତ ମହାନ୍ତି ଗୀତ ରଚନା କରିଛନ୍ତି ଓ ଦୀପକ ସଂଗୀତ ନିର୍ଦ୍ଦେଶନା ଏବଂ ଲୁବନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । 'କବିତା ବନିତା ଲତା-୨'କୁ ଦର୍ଶକ ଭଲପାଇବା ଦେବେ ବୋଲି ଆଶାବାଦୀ ଅଛି ପ୍ରଯୋଜନା ସଂସ୍ଥା ।





# ଆଓ ନେକ୍ସଟ୍‌ରେ 'ଭାବାନ୍ତର'

ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଅକ୍ଟୋବର ୧୨ ରେ ଉପଲବ୍ଧ ହେବ ଫିଲ୍ମ 'ଭାବାନ୍ତର' । ପୂର୍ବରୁ ବଡ଼ ପରଦାରେ ଏହି ଫିଲ୍ମ ଓଡ଼ିଆ ଦର୍ଶକଙ୍କ ମନ ଜିତିଥିଲା । ଶ୍ରୀତମ, ଶ୍ରାବଣୀ ଓ ମିଲନଙ୍କ ତିନୋଟି ଚରିତ୍ର ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ଗୋଟେ ତ୍ରିଭୁଜର ତିନି କୋଣରେ ଅବସ୍ଥାନ କରିବା ପରି ମନେ ହୁଏ । ଶ୍ରୀତମ ନିଜ ଭାଗ୍ୟକୁ ଆଦରି ନିଅନ୍ତି ଆଉ ସେ କ'ଣ ପୁଣି ଫେରିବେ? ଶ୍ରୀତମ, ଶ୍ରାବଣୀ ଏକାଠି ହେବେ? ବାକି କାହାଣୀ ଦର୍ଶକ ଦେଖିବା ପରେ ଜାଣିପାରିବେ। 'ଭାବାନ୍ତର' ଏକ ଭିନ୍ନ ସ୍ୱାଦର କାହାଣୀ। ଯେଉଁଥିରେ ତ୍ୟାଗ, ଭଲ ପାଇବା, ପ୍ରେମ ଓ ବିରହର ବେଦନା ସହିତ କାହାଣୀରେ ପ୍ରେମର ଏକ ନୂତନ ପରିଭାଷା ଦର୍ଶକ ଦେଖିବାକୁ ପାଇବେ ବୋଲି କହିଛନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତା ଅଭିଷେକ ଗିରି ରହିଥିବା ବେଳେ ତାଙ୍କ ବିପକ୍ଷରେ ରହିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର । ଅନ୍ୟାନ୍ୟ ଭୂମିକାରେ ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଓ ପ୍ରିୟା ବିଶୋଇ ରହିଛନ୍ତି। ତେବେ ଇମାଜିନେସନ୍ ଅନଲିମିଟେଡ୍ ବ୍ୟାନରରେ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏହାର କାହାଣୀ, ଚିତ୍ରନାଟ୍ୟ ସଂଳାପ, ପ୍ରଯୋଜକ ଓ ନିର୍ଦ୍ଦେଶନାରେ ଅନନ୍ତ ମହାପାତ୍ର ଥିବା ବେଳେ ସହ ନିର୍ଦ୍ଦେଶକ ରହିଛନ୍ତି ଅଜୟ ରଥ। ସଂଗୀତରେ ରହିଛନ୍ତି ଶକ୍ତି ପ୍ରସାଦ ମିଶ୍ର ।

ପରଦା ପଛର କାହାଣୀ

# ଆମିଷ ପାଇଁ ଅଧାରୁ ଫିଲ୍ମ ଛାଡ଼ିଥିଲେ ଅଭିନେତ୍ରୀ

ସାଧାରଣତଃ ଫିଲ୍ମରେ ସ୍ୱଳ୍ପ ସମୟ ଅଭିନୟ କିମ୍ବା ମନପସନ୍ଦ ଚରିତ୍ର ନ ମିଳିଲେ ଅନେକ ଅଭିନେତା ଅଭିନେତ୍ରୀ ଅଧାରୁ ଫିଲ୍ମ ଛାଡ଼ିଥାନ୍ତି। ତେବେ ନବେ ଦଶକରେ ଜଣେ ଅଭିନେତ୍ରୀ ରାତ୍ରିଭୋଜନରେ ଆମିଷ ନ ମିଳିବାରୁ ଫିଲ୍ମ ଅଧାରୁ ଛାଡ଼ି ଥିଲେ। ସେଇ ଅଭିନେତ୍ରୀ ଜଣକ ହେଉଛନ୍ତି 'ଦିୱାନା ଆଶିକ୍' ଫିଲ୍ମର ଅଭିନେତ୍ରୀ ଫରାହ ନାଜ। ତତ୍କାଳୀନ ଏକାଧିକ ହିଟ୍ ଫିଲ୍ମରେ ସେ ଅଭିନୟ କରିଥିଲେ। ଫରାହ ଖୁବ୍ କମ୍ ବଜେଟ୍‌ରେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ। କାରଣ ଏହି ଫିଲ୍ମରେ ତାଙ୍କ ବୟଫ୍ରେଣ୍ଡ



ବିନ୍ଦୁ ଦାରା ସିଂଙ୍କୁ ଏଣ୍ଟ୍ରି କରାଯାଉଥିଲା। ବିନ୍ଦୁ ହେଉଛନ୍ତି ଦାରା ସିଂଙ୍କ ପୁଅ। ବିନ୍ଦୁଙ୍କ ପାଇଁ ଫରହା ଖୁବ୍ କମ୍ ଟଙ୍କାରେ ନିର୍ଦ୍ଦେଶକ ଗୁଲସନ୍ ଅରୋଡ଼ାଙ୍କ ଫିଲ୍ମ କରିବାକୁ ରାଜି ହୋଇଥିଲେ। ଗୁଜୁରାଟର ଏକ ଗାଁରେ ଫିଲ୍ମର ସୁଟିଂ କାର୍ଯ୍ୟ ଜୋରସୋରରେ ଚାଲିଥିଲା। ସୁଟିଂରେ ସକାଳ ଜଳଖିଆ ହେଉ ଅବା ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନରେ କେବଳ ଶୁଦ୍ଧ ଶାକାହାରୀ ଖାଦ୍ୟ ପରଷା ଯାଉଥିଲା। ଆମିଷ ପ୍ରିୟ ଫରହା ଡାଲି, ଭାତ, ଭେଣ୍ଡି ଖାଦ୍ୟ ଖାଇ ବିରକ୍ତ ହୋଇଯାଇଥିଲେ। ଫଳରେ ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ରାତ୍ରିଭୋଜନରେ ଚିକେନ୍ ଆଣିବା ପାଇଁ କହିଥିଲେ। ହେଲେ ପ୍ରଡକ୍ସନ୍ ମ୍ୟାନେଜର ତାଙ୍କ କଥା ଶୁଣି ଟାଳି ଦେଇଥିଲେ। ଖାଇବାରେ ଆମିଷ ନ ମିଳିବାରୁ ଫରାହ ଦ୍ୱିତୀୟଥର ପୁଣି ମ୍ୟାନେଜରଙ୍କୁ କହିଲେ। ହେଲେ ପ୍ରଡକ୍ସନ ମ୍ୟାନେଜର୍ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଏହାପରେ ତୃତୀୟ ଦିନ ମଧ୍ୟ ଆମିଷ ଖାଇବାକୁ ନ ମିଳିବାରୁ ଫରାହ ରାଗି ଯାଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ଚିକେନ୍ ଦେଉ ନାହାନ୍ତି ବୋଲି ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ପ୍ରଶ୍ନ କଲେ। ଉତ୍ତରରେ ମ୍ୟାନେଜର କହିଥିଲେ, "ଫିଲ୍ମ ସୁଟିଂ ଚାଲିଥିବା ଗାଁଟି ସମ୍ପୂର୍ଣ୍ଣ ଶାକାହାରୀ। ଏଠାରେ ଆମିଷ ମିଳେନି।" ଏହାଶୁଣି ଫରାହ ରାଗି ଯାଇଥିଲେ। ସେ ସଙ୍ଗେ ସଙ୍ଗେ ନିଜ ସେକ୍ରେଟେରୀଙ୍କୁ ନେଇ ଆମିଷ ଖୋଜିବାକୁ ଯାଇଥିଲେ। ଗାଁରୁ ବାହାରିବା ମାତ୍ରେ ତାଙ୍କୁ ଏକ ରେସ୍ତୋରାଁରେ ଚିକେନ୍ ଖାଇବାକୁ ମିଳିଥିଲା। ସେଠାରେ ସେ ଚିକେନ୍ ଖାଇଥିଲେ। କିନ୍ତୁ ପ୍ରଡକ୍ସନ ମ୍ୟାନେଜର୍ ମିଛ କହିବାରୁ ତାଙ୍କ ରାଗ ଦ୍ୱିଗୁଣା ହୋଇଯାଇଥିଲା। ଏହି ମାମଲା ଏତେ ବଢ଼ିଗଲା ଯେ ଶେଷରେ ରାଗରେ ଏହି ଫିଲ୍ମ ଅଧାରୁ ଛାଡ଼ି ଦେଇଥିଲେ।

ସାକ୍ଷାତ

# "ଶିଖିବାର ମନୋବୃତ୍ତି ହିଁ ସଫଳତାର ସ୍ୱାଦ ଚଖାଏ"

**ଅଙ୍କିତ କୁମାର, ଅଭିନେତା**

ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ । ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଓଡ଼ିଆ ଫିଲ୍ମ ଜଗତକୁ । ଜିମ୍‌ରେ ବ୍ୟାୟାମ କରୁଥିଲେ । ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେ ତାଙ୍କୁ ଅଭିନୟ ଜଗତରେ କାମ କରିବାକୁ ସୁଯୋଗ ଦେଲେ । କଟକର ଅଙ୍କିତ କୁମାର ଏକାଧିକ ଧାରାବାରିକ ଓ ଓଡ଼ିଆ ସିନେମାରେ କାମ କରିଛନ୍ତି । 'ପରୀ' ତାଙ୍କର ଡେବ୍ୟୁ ଧାରାବାହିକ । 'ଭୋକ' ଚଳଚ୍ଚିତ୍ରରେ ବଳିଷ୍ଠ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି । ଆଉ ଖୁବ୍‌ଶୀଘ୍ର ଅଙ୍କିତ ହରର ସିନେମା 'ଦର୍ପଣ'ରେ ନଜର ଆସିବେ । ଏହି ସିନେମାରେ ତାଙ୍କ ବିପକ୍ଷରେ ଅଛନ୍ତି ନାୟିକା ତୃପ୍ତି ମୀରାମ୍ବିକା । ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କ ସଂଘର୍ଷ ବିଷୟରେ ଶୁଣିବା ତାଙ୍କ ମୁହଁରୁ ।

**କଳାକାର ହେବାକୁ କାହିଁକି ମନ ବଳାଇଲେ ?**

● ପିଲାଦିନୁ ମୁଁ ପାଠକୁ ଗୁରୁତ୍ୱ ଦେଇଆସୁଥିଲି । ଅଭିନେତା ହେବି ବୋଲି କେବେ ଭାବି ନଥିଲି । ଜାଣି ନଥିଲି ଦର୍ଶକଙ୍କ ସହ ସିଧାସଳଖ ମୋର ସମ୍ପର୍କ ହେବ । ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ଇଚ୍ଛା ଥିଲା । ମୁଁ ଜିମ୍ ଯାଉଥାଏ । ସୌଭାଗ୍ୟବଶତଃ ସିନେମା ଲାଇନ୍‌ର ଜଣେ ସାର୍‌ଙ୍କ ସହ ସାକ୍ଷାତ ହେଲା । ସେ ଏହି ଲାଇନ୍‌ରେ ଯିବାକୁ ସୁଯୋଗ ଦେଲେ । 'ପରୀ' ମୋର ପ୍ରଥମ ଡେବ୍ୟୁ ଧାରାବାହିକ । 'ଆମ ଘରର ଲକ୍ଷ୍ମୀ', 'ମୋ ଅଗଣାର ତୁଳସୀ ତୁ' ଆଦି ଅନେକ ଧାରାବାହିକରେ କାମ କରିଛି । 'ଭୋକ', 'ପ୍ରତ୍ୟାଘାତ', 'ମୋ ମମି ପାପାଙ୍କ ବାହାଘର', 'ପାଦେ ଆକାଶ', 'ପାପ', ଆଦି ସିନେମାରେ ଅଭିନୟ କରିବାକୁ ସୁଯୋଗ ପାଇଛି । ବିଜ୍ଞାପନ, ଟକ୍ ଶୋ, ମ୍ୟୁଜିକ୍ ଭିଡିଓରେ ବି କାମ କରିଛି ।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ପ୍ରୋଜେକ୍ଟରେ ନର୍ଭସ ଥିଲି । ମାର୍କେଟରେ ସିନ୍ ଥାଏ, ଚାରିଆଡ଼େ ଲୋକ ଆଉ ଆମ ଟିମ୍ ମେମ୍ବର । ତେଣୁ କେମିତି ଅଭିନୟ ଭଲ କରିବି ତାହାକୁ ନେଇ ମନରେ ଆଶଙ୍କା ଥାଏ । ହେଲେ ନିର୍ଦ୍ଦେଶକ ସାର୍ ବହୁତ ମାପିଚୁପି ମୋର ସିନ୍ ନେଇଥିଲେ । ଏମିତି ଧୀରେ ଧୀରେ କାମ ଶିଖିଛି । ଆଜି ବି ଲାଗେ ମୋତେ ବହୁତ କିଛି ଶିଖିବାର ଅଛି । ତେଣୁ ପ୍ରତିଦିନ କିଛି ନୂଆ କରିବାକୁ ଚେଷ୍ଟା କରୁଛି । ଆଗକୁ ବି ଏହି ଶିଖିବା ମନୋବୃତ୍ତି ରହିବ । ଏହା ଦ୍ୱାରା ଜଣେ ତା ଜୀବନରେ ଆଗକୁ ବଢ଼ିପାରେ ।

**ରିଲିଜ୍ ହେବାକୁ ଥିବା 'ଦର୍ପଣ' ସିନେମାକୁ ନେଇ କ'ଣ କହିବେ?**

● 'ଦର୍ପଣ' ଗୋଟିଏ ହରର ସିନେମା । ଏଥିରେ ଭୟଙ୍କର ଚେହେରା, ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ । ସିନେମାରେ ଫ୍ୟାମିଲି ଡ୍ରାମା, ହରର୍, ସସପେନ୍ସ, କମେଡି, ରୋମାନ୍ସ, ଇମୋସନ୍ ଆଦି ରହିଛି । ଡ୍ରାମା ବି ଜବରଦସ୍ତ ରହିଛି । ଏମିତି ଏକ ନିଆରା ରହସ୍ୟଭରା କାହାଣୀ ଭିତରେ ଫଶି ଯାଉଥିବା ପିଲାଙ୍କୁ ମୁକୁଳାଇବା ଦାୟିତ୍ୱ ମୋର ।



**ଆପଣଙ୍କ କେଉଁ ଫିଲ୍ମକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି?**

● 'ଭୋକ'ରେ ଅଭିନୟ କରିଥିଲି । ଏହା ଲକ୍‌ଡାଉନ୍ ଉପରେ ନିର୍ମିତ ଥିଲା । 'ଭୋକ' ଫିଲ୍ମ ପାଇଁ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲି । ଏହା ମୋତେ ବହୁତ ଖୁସି ଦେଇଥିଲା । ଆଜି ବି ସେହି ଫିଲ୍ମର କାହାଣୀ ବହୁତ ଭଲ ଥିଲା ବୋଲି ଅନେକ ପ୍ରଶଂସକଙ୍କଠାରୁ ଶୁଣିବାକୁ ପାଏ ।

**ସ୍ମରଣୀୟ ମୁହୂର୍ତ୍ତ?**

● 'ଦର୍ପଣ' ଫିଲ୍ମର ପ୍ରାୟତଃ ସୁଟିଂ ବିଳମ୍ବିତ ରାତିରେ ହେଉଥିଲା । ଜଙ୍ଗଲ ମଝିରେ ସିନ୍ ଥାଏ । ବହୁତ ଦୂରରୁ ମୁଁ ଆଉ ତୃପ୍ତି ଚାଲି ଚାଲି ଆସୁଥାଉ । ହଠାତ୍ ଏମିତି ଏକ ଶବ୍ଦ ଆସିଲା ଆମେ ଦୁହେଁ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲୁ । ବାସ୍ତବରେ ସେହି ସମୟର ଅନୁଭୂତି ନିଆରା । ଏହି ସିନେମା ସୁଟିଂ ପାଇଁ ବହୁତ ପରିଶ୍ରମ କରିଛୁ । ଏଥିରେ ବହୁତ ସୁନ୍ଦର ସୁନ୍ଦର ଗୀତ ଅଛି । ଆଶା କରୁଛୁ ଏହି ସିନେମା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ ।

**ଫିଟ୍‌ର ରାଜ୍ କ'ଣ?**

● ନିୟମିତ ୱାର୍କଆଉଟ୍ ଆଉ ଡାଏଟ୍ ।

**ଡ୍ରିମ୍ ରୋଲ୍?**

● ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା । ମୁଁ ଚାହେଁ, ଜୀବନରେ ଯେତେ ବି ଚରିତ୍ର ରହଛି ସେ ସବୁ ମୁଁ କରେ ।

**ଅଙ୍କିତଙ୍କ ଆଗାମୀ ଯୋଜନା?**

● ବଡ଼ ପ୍ରୋଜେକ୍ଟର ସିନେମା 'ଜୟହିନ୍ଦ' ଓ 'ଅଧା ରହିଗଲା ଆମ କାହାଣୀ'ରେ ଦର୍ଶକ ଆଗକୁ ଦେଖିବାକୁ ପାଇବେ । ଏହାବାଦ୍ ଗ୍ରାମାଞ୍ଚଳର ପରିବେଶକୁ ନେଇ ବାସ୍ତବଧର୍ମୀ କାହାଣୀ ଓ ସାମାଜିକ ବାର୍ତ୍ତା ଥିବା ପରି ସିନେମାରେ ଅଭିନୟ କରିବାକୁ ମୋର ଇଚ୍ଛା ।

**ରିଆଲିଟି ଶୋ' ମାଧ୍ୟମରେ ନୂଆ କରି ଆସୁଥିବା କଳାକାରଙ୍କୁ କ'ଣ କହିବେ?**

● ଆଗରୁ ବହୁତ କଷ୍ଟ କରି ପିଲାମାନେ ଏହି ଲାଇନ୍‌ରେ ଆସୁଥିଲେ । ଏବେ ସୋସିଆଲ୍ ମିଡିଆ ଯୁଗରେ ସବୁ ସହଜ ହୋଇଯାଇଛି । ତେଣୁ ସମସ୍ତଙ୍କୁ କହିବି କାମକୁ ଧ୍ୟାନ ଦେଇ କରିବା ଦରକାର । ନିଜକୁ ଗ୍ରୁମିଂ କରନ୍ତୁ । ସ୍କ୍ରିପ୍ଟକୁ ବୁଝି ଚରିତ୍ର ଭିତରେ ପଶନ୍ତୁ ।

# କୋହଲିଙ୍କ ରେକର୍ଡ ସହ ସମକକ୍ଷ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଏହି ଟେଷ୍ଟରେ ଶତକ ହାସଲ କରିଥିବା ଶୁବମନ ଗିଲ ଗୋଟିଏ ବର୍ଷରେ ଜଣେ ଅଧିନାୟକ ଭାବେ ୫ଟି ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ବିରାଟ କୋହଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କୋହଲି ୨୦୧୭ ଓ ୨୦୧୮ରେ ଏହି ରେକର୍ଡ କରିଥିଲେ। ଅଧିନାୟକ ଭାବେ ଗିଲ ୮୪.୮୧ ହାରରେ ରନ୍ ସଂଗ୍ରହ କରିଛନ୍ତି। ଡନ୍ ବ୍ରାଡମ୍ୟାନ୍ ତାଙ୍କଠାରୁ ଅଧିକ ୧୦୧.୫୧ ହାରରେ ରନ୍ ସଂଗ୍ରହ କରିଥିଲେ।

ଏହି ଟେଷ୍ଟରେ ଭାରତ ସଂଗ୍ରହ କରିଥିବା ୫/୫୧୮ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ସଂଗୃହୀତ ହୋଇ ନ ଥିଲା। ଟେଷ୍ଟ କ୍ରିକେଟରେ ଏଭଳି ସ୍କୋର ସଂଗ୍ରହରେ ଭାରତ ରେକର୍ଡ କରିଛି। ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ସଂଗ୍ରହ କରିଥିବା ୫୧୩ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ନ ଥିଲା। ଏହି ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଏକଦା ୩୧୮ଟି ବଲ୍ ପକାଇ ମଧ୍ୟ ୱିକେଟ ପାଇ ନ ଥିଲା। ୱେଷ୍ଟଇଣ୍ଡିଜ୍ ପୂର୍ବରୁ ୨ଥର ୩୦୦ କିମ୍ବା ଅଧିକ ବଲ ବୋଲିଂ କରି ୱିକେଟ ପାଇ ନ ଥିଲା।

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ବର୍ଷ ପୂରିବା ପୂର୍ବରୁ ୭ଟି ଟେଷ୍ଟ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ଏହା ମଧ୍ୟରେ ୫ଟି ୧୫୦ ପ୍ଲସ୍ ସ୍କୋର ରହିଛି। ୨୪ ବର୍ଷରେ ପହଞ୍ଚିବା ପୂର୍ବରୁ କେବଳ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ୮ଥର ୧୫୦ ପ୍ଲସ୍ ସ୍କୋର କରିଥିଲେ। ସେହିପରି ଏହି ସମୟରେ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗ୍ୟାରୀ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଜୟସ୍ୱାଲଙ୍କ ପୂର୍ବରୁ ମାତ୍ର ୨ଜଣ ଖେଳାଳି ସେମାନଙ୍କ ପ୍ରଥମ ୭ଟି ଟେଷ୍ଟ ଶତକରେ ୫ଥର ୧୫୦ ପ୍ଲସ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସେମାନେ ହେଲେ ବବ୍ ସିମ୍ପସନ ଓ ବ୍ରାଏନ୍ ଲାରା।

■ ସୁଲତାନ ଅଫ୍ ଜୋହର କପ୍ ହକି

# ଭାରତର ବିଜୟ ଅଭିଯାନ

ଜୋହନ ବାହରୁ, ୧୧।୧୦ (ଏଜେନ୍ସି): ମାଲେସିଆରେ ଶନିବାରଠାରୁ ସୁଲତାନ ଅଫ୍ ଜୋହର କପ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଭାରତୀୟ ଦଳ ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଗ୍ରେଟ୍ ବ୍ରିଟେନକୁ ହରାଇଦେଇଛି। ଏହି ମ୍ୟାଚରେ ଅଧିନାୟକ ରୋହିତ୍ ଏକାକୀ ଦୁଇଟି ଗୋଲ୍ ଦେଇ ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ରବନୀତ୍ ସିଂହ ଅନ୍ୟ ଗୋଲଟି ଦେଇଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ମାଇକେଲ୍ ରୟଡେନ ଓ କାଡେନ ଡ୍ରାୟସୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ରୋହିତ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତ ଦ୍ୱିତୀୟ ମୁକାବିଲାରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।



## ଗିଲ୍‌ଙ୍କ ୧୦ମ ଶତକ, ଜାଡେଜାଙ୍କ ଯାଦୁକରୀ ବୋଲିଂ

# ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ



ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଅଧିନାୟକ ଶୁବମନ ଗିଲ୍‌ଙ୍କ ୧୦ମ ଶତକ ଓ ଜାଡେଜାଙ୍କ ଯାଦୁକରୀ ବୋଲିଂ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଗିଲ୍ ଶତକ (ଅପରାଜିତ ୧୨୯) ହାସଲ କରିବା ପରେ ଭାରତ ୫ ୱିକେଟରେ ୫୧୮ ରନ୍ କରି ତାହାର ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୪୩ ଓଭର ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୧୪୦ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲରାଉଣ୍ଡର ସାଇ ହୋପ୍ ୩୧ ଓ ୱିକେଟ ରକ୍ଷକ ତେଭିନ ଇମ୍‌ଲାଚ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ୱେଷ୍ଟଇଣ୍ଡିଜ୍ ଆଜି ହରାଇଥିବା ୪ଟି ୱିକେଟ ମଧ୍ୟରୁ ଜାଡେଜା ୩ଟି ୱିକେଟ ଅକ୍ତିଆର କରି ବୋଲିଂ ସଫଳତା ପାଇଥିଲେ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଉଭୟ ଇନିଂସରେ ୯୦ ଓଭର ତିଷ୍ଠି ନ ଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଦଳ ୪ଟି ୱିକେଟ ହରାଇ ୪୩ ଓଭର ବ୍ୟାଟିଂ କରି ଖେଳରେ ଉନ୍ନତି ଆଣିଥିଲା। ପ୍ରଥମ ଟେଷ୍ଟରେ ଭାରତ ଇନିଂସ ବିଜୟ ହାସଲ କରି ୧-୦ରେ ଆଗୁଆ ରହିଛି।

ଶନିବାର ସକାଳେ ଏହି ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ ୨ ୱିକେଟରେ ୩୧୮ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ଅନାବଶ୍ୟକ ଭାବେ ଯଶସ୍ୱୀ ଜୟସ୍ୱାଲ ପୂର୍ବଦିନର ସ୍କୋରରେ ଆଉ ୨ ରନ୍ ଯୋଗ କରି ୧୭୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ। ସଟ୍ ମାରିବା ପରେ ଜୟସ୍ୱାଲଙ୍କ କଲ୍‌କୁ ଗିଲ ଗ୍ରହଣ କରି ନ ଥିଲେ, ଯାହା ଫଳରେ ଠିକଣା ସମୟରେ ସେ କ୍ରିଜ୍‌ରେ ପହଞ୍ଚିବାରେ ଅସମର୍ଥ ହୋଇଥିଲେ। ଘରୋଇ ଦଳ ୩୨୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଗିଲ ଭାରତୀୟ ବ୍ୟାଟିଂର ନେତୃତ୍ୱ ନେଇଥିଲେ। ସେ ଚତୁର୍ଥ ୱିକେଟରେ ଯୋଡିରେ ବ୍ୟାଟିଂରେ ଉନ୍ନତି ପାଇଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ (୪୩)ଙ୍କ ସହ ୧୦୩ ବଲ୍‌ରେ ୯୧ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ସହ ୧୫୫ ବଲ୍‌ରୁ ୧୦୨ ରନ୍ ଉଠାଇଥିଲେ। ତୃତୀୟ ୱିକେଟରେ ଜୟସ୍ୱାଲଙ୍କ ସହ ୭୪ ରନ୍ ଉଠାଇଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଜୁରେଲ ୪୪ ରନ୍‌ରେ ଆଉଟ ହେବା ପରେ ଗିଲ ଭାରତର ପ୍ରଥମ ଇନିଂସ ଘୋଷଣା କରିଥିଲେ। ଇନିଂସ ଘୋଷଣା ହେଲାବେଳକୁ ଗିଲ୍ ୧୨୯ ରନ୍‌ରେ ଅପରାଜିତ ରହିଥିଲେ। ଏହି ସ୍କୋର ହାସଲ ଲାଗି ତାଙ୍କୁ ୧୯୬ଟି ବଲ୍‌ର ସାମ୍ନା କରିବାକୁ ପଡ଼ିଥିଲା ଓ ଏଥିରେ ସେ ୧୬ ଚୌକା ଓ ୨ ଛକା ମାରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ୧୦ମ ଓ ଦଳର ନେତୃତ୍ୱ ନେବା ପରେ ୫ମ ଶତକ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ସର୍ବାଧିକ ୩ଟି ଓ ଅଧିନାୟକ ରୋଷ୍ଟୋନ ଚେଜ୍ ଗୋଟିଏ ୱିକେଟ ପାଇଥିଲେ। ଭାରତର ଜଣେ ଖେଳାଳି ଜୟସ୍ୱାଲ ରନ୍‌ଆଉଟ ହୋଇଥିଲେ।

### ସ୍ପିନ୍‌ରଙ୍କୁ ମୁକାବିଲା କରିବାରେ ୱେଷ୍ଟଇଣ୍ଡିଜ୍ ପୁଣି ବିଫଳ

ଭାରତର ୫୧୮ ରନ୍‌ର ବିଶାଳ ସ୍କୋର ପରେ ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ଆରମ୍ଭ କରି ଦୃଢ଼ତାର ସହ ଖେଳିଥିଲା। ଏପରିକି ପ୍ରଥମଥର ଲାଗି ଦଳ ପ୍ରଥମ ବୋଲିଂ ଚେଞ୍ଜରେ ୱିକେଟ ହରାଇ ନ ଥିଲା। ଉଭୟପଟୁ ସ୍ପିନ୍ ଆକ୍ରମଣକୁ ଦୁଇ ଓପନର ଯଥାସମ୍ଭବ ମୁକାବିଲା କରିଥିଲେ। କିନ୍ତୁ ଏହା ୮ମ ଓଭର ଯାଏ ତିଷ୍ଠି ରହିଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନ୍ କ୍ୟାମ୍ପବେଲଙ୍କୁ ଆଉଟ କରି ଜାଡେଜା ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। କ୍ୟାମ୍ପବେଲ ମାରିଥିବା ସଟ୍‌ରେ ସାଇ ସୁଦର୍ଶନ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ପାଭିଲିୟନର ବାଟ ଦେଖାଇଥିଲେ। ସେ ନିଜେ ମଧ୍ୟ ପଡ଼ିଆ ବାହାରକୁ ଯାଇଥିଲେ। ଦ୍ୱିତୀୟ ୱିକେଟ ଯୋଡିରେ ଭାରତୀୟ ସ୍ପିନ୍ ବନାମ ଟାଗେନାରିନ୍ ଚନ୍ଦରପଲ ଓ ଆଲିକ୍ ଆଥାନାଜେଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ଲଢ଼େଇ ୧୨୨ଟି ବଲ ପର୍ଯ୍ୟନ୍ତ ଚାଲିଥିଲା। ଜାଡେଜାଙ୍କ ଚକ୍ରବ୍ୟୁହରେ ହାର୍ ମାନିଥିଲେ ଚନ୍ଦରପଲ। ୬୬ ରନ୍‌ର ପାର୍ଟନରସିପ୍ ପରେ ଚନ୍ଦରପଲ ୩୪ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ କୁଳଦୀପ ଯାଦବ ଦଳର ଟପ୍ ସ୍କୋରର ଆଲିକ୍ ଆଥାନାଜେଙ୍କୁ ଜାଡେଜାଙ୍କ ହାତରେ କ୍ୟାଚ୍‌ଆଉଟ କରାଇ ପ୍ରଥମ ସଫଳତା ପାଇଥିଲେ। ତାଙ୍କ ପରେ ଖେଳିବାକୁ ଆସିଥିବା ଅଧିନାୟକ ଚେଜ୍‌ଙ୍କ ଇନିଂସ ୭ଟି ବଲଯାଏ ତିଷ୍ଠିଥିଲା। ସେ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପାଭିଲିୟନ ଫେରିଯାଇଥିଲେ। ହୋପ୍ ୩୧ ଓ ଇମ୍‌ଲାଚ ୧୪ ରନ୍‌ରେ ମଙ୍ଗ ସମ୍ଭାଳିଥିଲେ। ଭାରତ ପକ୍ଷରୁ ଜାଡେଜାଙ୍କ ଯାଦୁକରୀ ବୋଲିଂ ସଫଳ ହୋଇଥିଲା ଓ ସେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ସେ ମଧ୍ୟ ସମସ୍ତ ୪ ଜଣ ଖେଳାଳିଙ୍କୁ ଆଉଟ କରାଇବାରେ ସହଯୋଗ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୧୮/୫, ୧୩୪.୨ ଓଭର**, ଘୋଷଣା (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪, ୪୩ ଓଭର** (ଆଥାନାଜେ-୪୧, ଚନ୍ଦରପଲ-୩୪, ହୋପ୍-ବ୍ୟାଟିଂ-୩୧, ଜାଡେଜା-୩/୩୭)।

ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୪ ପଦକ

ଭୁବନେଶ୍ୱର,୧୧।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ୧୪ ପଦକ ବିଜୟୀ ହୋଇଛି। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଥିଲା। ଉତ୍ତରପ୍ରଦେଶର ସାହରଣପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ଫଳରେ ପ୍ରଥମ ଦୁଇ ଦିନ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୭ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛି।

ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନୁପମାଙ୍କୁ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ମିଳିଛି। ନିରୁପମା ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ମହନ୍ତ, କାହ୍ନା ସାହୁ ଓ ସିଦ୍ଧାର୍ଥ ଭୂୟାଁଙ୍କୁ ରୌପ୍ୟ ପଦକ ମିଳିଛି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ସିଭର-ବ୍ରଣ୍ଟଙ୍କ ଶତକରେ ଇଂଲଣ୍ଡର ହ୍ୟାଟ୍ରିକ ବିଜୟ

**ମହିଳା ବିଶ୍ୱକପ୍: ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
**ଆରମ୍ଭ: ଅପରାହ୍ଣ ୩ଟା**
**ସ୍ଥାନ: ବିଶାଖାପାଟଣମ୍**




କଲମ୍ବୋ, ୧୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୨ତମ ମ୍ୟାଚରେ ଶନିବାର ଇଂଲଣ୍ଡ ୮୯ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ୧୧୭ ରନ ବଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୫୩ ରନର ସମ୍ମାନଜନକ ସ୍କୋର କରିଥିଲା। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣୱୀରା ୩ଟି ୱିକେଟ୍ ନେଇଥିଲେ। ଜବାବରେ ଘରୋଇ ଶ୍ରୀଲଙ୍କା ୪୫.୪ ଓଭରରେ ୧୬୪ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ହସିନୀ ପେରେରା ୩୫, ହର୍ଷିତା ସମରବିକ୍ରମା ୩୩ ରନ କରିଥିଲେ। ବିଜୟୀ ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକଲେଷ୍ଟୋନ ୪ଟି ୱିକେଟ ନେଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶକୁ ପରାସ୍ତ କରିଥିବା ଇଂଲଣ୍ଡ ଏଥିସହ ହ୍ୟାଟ୍ରିକ ବିଜୟ ହାସଲ କରି ୬ ପଏଣ୍ଟ ସହ ଶୀର୍ଷକୁ ଉଠିଛି। ଆସନ୍ତାକାଲି ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ଖେଳାଯିବ।

## ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍: ଭାରତକୁ କାଂସ୍ୟ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଇଣ୍ଡୋନେସିଆକୁ ହରାଇ ଚୀନ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଟାଇଟଲ ହାସଲ କରିଛି। ଏହା ଫଳରେ ଚୀନ୍ ୧୫ଥର ଲାଗି ସୁହାଦିନ୍ତା କପ୍ ହାସଲ କରିଛି। ସେମିଫାଇନାଲରେ ପରାଜିତ ଭାରତ ଓ ଜାପାନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରଥମ ପଦକ ମିଳିଛି। ଶନିବାର ଫାଇନାଲରେ ଚୀନ୍ ସହଜରେ ବିଜୟୀ ହୋଇଥିଲା। ଚୀନ୍ ଦଳରେ ୩ଜଣ ଏସୀୟ ଚାମ୍ପିଅନ ଓ ୨ ଜଣ ରନର୍ସ ଅପ୍ ଖେଳୁଥିଲେ।

## ୨୦୪ ର୍‍ୟାଙ୍କ୍ ଖେଳାଳିଙ୍କଠୁ ହାରିଲେ ଜୋକୋଭିଚ୍

ସାଙ୍ଘାଇ, ୧୧।୧୦ (ଏଜେନ୍ସି): ସାଙ୍ଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୨୦୪ତମ ସ୍ଥାନରେ ରହିଥିବା ମୋନାକୋର ଭାଲେଣ୍ଟିନ ଭାଚେରଟ୍‌ଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି। ଯୋଗ୍ୟତା ଅର୍ଜନକାରୀ ୨୬ ବର୍ଷୀୟ ଭାଲେଣ୍ଟିନ ଏହି ମ୍ୟାଚକୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠୁ କମ୍ ର୍‍ୟାଙ୍କ ଖେଳାଳି ଭାବେ ଭାଲେଣ୍ଟିନ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

ଟି-୨୦ କ୍ରିକେଟରେ ବିପର୍ଯ୍ୟୟ

## ଦକ୍ଷିଣ ଆଫ୍ରିକାକୁ ହରାଇଲା ନାମିବ୍ୟା

ୱିଣ୍ଡୋହକ୍,୧୧।୧୦(ଏଜେନ୍ସି): ଟି-୨୦ ବିଶ୍ୱକପ୍ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ନାମିବ୍ୟା ପରାସ୍ତ କରିଛି। ଏହା ଫଳରେ ନାମିବ୍ୟା ଟି-୨୦ କ୍ରିକେଟରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୧୩୪ ରନ୍ କରିଥିଲା। ଜବାବରେ ନାମିବ୍ୟା ୬ ୱିକେଟ ହରାଇ ଶେଷ ବଲ୍‌ରେ ଚୌକା ସହ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟଥର ଲାଗି ଏକ ଆସୋସିଏଟ ଦେଶଠାରୁ (୨୦୨୨ ବିଶ୍ୱକପ୍‌ରେ ନେଦରଲାଣ୍ଡସଠାରୁ) ପରାଜିତ ହୋଇଛି। ସେହିପରି ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ପରେ ଚତୁର୍ଥ ଟେଷ୍ଟ ଖେଳୁଥିବା ଦେଶ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ନାମିବ୍ୟା ପକ୍ଷରୁ ୨୮ ରନ୍‌ରେ ୩ ୱିକେଟ ନେବା ସହ ୮ ବଲ୍‌ରୁ ଅପରାଜିତ ୧୧ ରନ୍ କରିଥିବା ରୁବେନ ଟ୍ରମ୍ପଲମ୍ୟାନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ




ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଆନୁକୂଲ୍ୟରେ ଏବଂ ଇଣ୍ଟରନ୍ୟାସନାଲ ଟେନିସ ମହାସଂଘ (ଆଇଟିଏଫ୍) ଓ ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୧୫ ତାରିଖରେ ଉଦଯାପିତ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ଓଟିଏ ସଭାପତି ଅସିତ ତ୍ରିପାଠୀ, ପରାମର୍ଶଦାତା ମଧୁସୂଦନ ପାଢ଼ୀ, ଉପସଭାପତି ସତ୍ୟଜିତ ମହାନ୍ତି, ସମ୍ପାଦକ ସଞ୍ଜୀବ ପଣ୍ଡା, ଓଟିଏର ସମ୍ବିତ ପଟ୍ଟନାୟକ ଓ ଆଇଟିଏଫ୍ ସୁପରଭାଇଜର ପ୍ରବୀଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଦେଶର ୧୨୦ଜଣ ପ୍ରଫେଶନାଲ ଖେଳାଳି ଓ ବିଦେଶର ୩ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି।

## ବିନୁ ମଙ୍କଡ ଟ୍ରଫି: ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶନିବାର ଉତ୍ତରପ୍ରଦେଶର ଗୁରୁଗ୍ରାମ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩ ୱିକେଟ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୪୮.୩ ଓଭରରେ ୨୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ୩ଟି ଓ ସୟଦ ଟଫେଲ ଅହମ୍ମଦ ୨ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ୫୭ ରନ ବଳରେ ୪୫.୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପିୟୂଷ ମନ୍ତ୍ରୀ ମଧ୍ୟ ୧୫ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୪ ୱିକେଟ୍‌ରେ ଗୁଜରାଟ ନିକଟରୁ ହାରିଯାଇଥିଲା।

## ପରାଜୟ ଓଡ଼ିଶାର ପିଛା ଛାଡୁନି

ଜାତୀୟ ସିନିଅର ମହିଳା ଟି-୨୦



ଭୁବନେଶ୍ୱର, ୧୧।୧୦ (ସମିସ): ଗ୍ୱାଲିୟରର କ୍ୟାପଟେନ ରୂପ ସିଂହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ପରାଜୟ ଓଡ଼ିଶାର ପିଛା ଛାଡୁନି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଛତିଶଗଡ଼ ୪୭ ରନରେ ଓଡ଼ିଶାକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୫ ୱିକେଟ୍‌ରେ ହାଇଦରାବାଦ୍ ଓ ୪୨ ରନରେ ହିମାଚଳ ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା। ଶନିବାର ଅନୁଷ୍ଠିତ ମ୍ୟାଚରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୧୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସୁଶ୍ରୀ ୪ ଓଭରରେ ୧୫ ରନ ବ୍ୟୟରେ ୫ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ଇନିଂସର ଶେଷ ବଲରେ ମାତ୍ର ୬୭ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଓଡ଼ିଶା ପକ୍ଷରୁ ମାଧୁରୀ ମେହେଟା ୧୮ ଓ ସଙ୍ଗୀତା ଖାଡ଼ିଆ ୧୫ ରନ କରିଥିଲେ।


# ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଆଲୋକିକାଙ୍କୁ କାଂସ୍ୟ



ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣର ଦ୍ୱିତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମଧ୍ୟ ଆୟୋଜକ ଓଡ଼ିଶାକୁ ପଦକ ସଫଳତା ମିଳିଛି। ଓଡ଼ିଶାର ଆଲୋକିକା ସ୍ୱାଇଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୮ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଆଲୋକିକା ଏହି ସଫଳତା ପାଇଛନ୍ତି। ଫାଇନାଲ ରାଉଣ୍ଡରେ ଆଲୋକିକା ୪୭.୫୬ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ହରିୟାଣାର ଭବ୍ୟା ପିଲାନିଆ (୫୩.୫୧ମି) ଓ ଝାଡ଼ଖଣ୍ଡର ସବିତା ମୁର୍ମୁ (୪୭.୯୭ମି) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଚାଲିବାକୁ ଥିବାରୁ ଓଡ଼ିଶା ଆହୁରି ଅଧିକ ପଦକ ଜିତିବାର ସମ୍ଭାବନା ରହିଛି।

ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

# ଭାରତ-ହଂକଂ କ୍ୱାର୍ଟର ଫାଇନାଲ ଆଜି



ଭୁବନେଶ୍ୱର,୧୧।୧୦(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବଲ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଶନିବାର କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହା ମଧ୍ୟରୁ ପୁରୁଷ ବିଭାଗରେ ୧୬ଟି ଓ ମହିଳା ବିଭାଗରେ ୧୪ଟି ଦଳ ଭାଗ ନେଇଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବିଭାଗରେ ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଲିଟ ଚାମ୍ପିଅନ୍ସ ଡିଭିଜନକୁ ଯୋଗ୍ୟତା ଅର୍ଜନ କରିବେ। ଏଲିଟ ଡିଭିଜନକୁ ୬ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ଚୀନ୍ ଓ ମହିଳା ବିଭାଗରେ ଜାପାନ୍‌କୁ ଶୀର୍ଷ ମାନ୍ୟତା ମିଳିଛି। ଉଭୟ ବିଭାଗରେ ଭାରତକୁ ଚତୁର୍ଥ ମାନ୍ୟତା ମିଳିଛି। ଆସନ୍ତାକାଲି ଏଲିଟ ବା ଚାମ୍ପିଅନ ଡିଭିଜନର କ୍ୱାର୍ଟର ଫାଇନାଲ ମୁକାବିଲା ଆରମ୍ଭ ହେବ। ଏଥିରେ ଭାରତ ସହ ୬ଷ୍ଠ ସିଡ ହଂକଂର ମୁକାବିଲା ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ହାରିଲେ ଟୁର୍ଣ୍ଣାମେଣ୍ଟରୁ ବିଦା ହେବାକୁ ପଡ଼ିବ। ପୁରୁଷ ଦଳ କ୍ୱାଲିଫାୟର-୧ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ୨ଟି ଲେଖାଏଁ ୪ଟି ଚାମ୍ପିଅନ ଡିଭିଜନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଜି ପୁରୁଷ ବିଭାଗ ଗ୍ରୁପ୍-୫'ରେ ଥାଇଲାଣ୍ଡ ଓ କତାର, ଗ୍ରୁପ୍-୧ରେ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗ୍ରୁପ୍-୧ରେ ଶ୍ରୀଲଙ୍କା ୩-୧ରେ କିରଜୀଜସ୍ତାନକୁ ଓ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ୫ଟି ଓ ମହିଳା ବିଭାଗରେ ୪ଟି ଗ୍ରୁପ୍ କରାଯାଇଛି। ପୁରୁଷ ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଓ ଏହା ପରେ ୩ଟି ଦ୍ୱିତୀୟ ସ୍ଥାନିତ ଶ୍ରେଷ୍ଠ ଦଳ କ୍ୱାଲିଫାଇଂ କ୍ୱାର୍ଟରଫାଇନାଲକୁ ଉନ୍ନିତ ହେବେ। ମହିଳା ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯିବେ। ଏମାନଙ୍କ ମଧ୍ୟରେ ନକ୍‌ଆଉଟ ମୁକାବିଲା ହେବ। ଦୁଇ ଫାଇନାଲିଷ୍ଟ ଦଳ ଏଲିଟ ବା ଚାମ୍ପିଅନ୍ସ ଡିଭିଜନକୁ ଉନ୍ନୀତ ହେବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS